RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-50 ◆WEDNESDAY ◆13 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୫୦ ◆ବୁଧବାର ◆୧୩ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ସୋନାକ୍ଷୀଙ୍କ ରୌଦ୍ର ରୂପ

▶ଭିତର ପୃଷ୍ଠା ଦେଖନ୍ତୁ...

# ‘ଆଧାର’ ନାଗରିକତ୍ୱର ପ୍ରମାଣ ନୁହେଁ: ସୁପ୍ରିମକୋର୍ଟ

## ଅଦାଲତ ତର୍ଜମା କରିବେ ନିର୍ବାଚନ କମିସନଙ୍କ ନାଗରିକତ୍ୱ ନିର୍ଦ୍ଧାରଣ କ୍ଷମତା



■ **ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି):** ବିହାରରେ ନିର୍ବାଚନ କମିସନ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟା ମାମଲାର ଶୁଣାଣି ଆଜି ସୁପ୍ରିମକୋର୍ଟରେ ଆରମ୍ଭ ହୋଇଛି। ଶୁଣାଣି ବେଳେ ଉଭୟ ଆବେଦନକାରୀ ଏବଂ ନିର୍ବାଚନ କମିସନ ସେମାନଙ୍କର ଯୁକ୍ତି ଉପସ୍ଥାପନ କରୁଥିବା ବେଳେ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ ଆଧାର କାର୍ଡକୁ ନାଗରିକତ୍ୱର ପ୍ରମାଣ ରୂପେ ଗ୍ରହଣ କରାଯାଇପାରିବ ନାହିଁ। ତେବେ ନାଗରିକତ୍ୱ ନିର୍ଦ୍ଧାରଣ ପ୍ରସଙ୍ଗରେ ନିର୍ବାଚନ କମିସନର କ୍ଷମତା ରହିଛି କି ନାହିଁ ତାର ତର୍ଜମା କରାଯିବ। କୋର୍ଟ କହିଛନ୍ତି ଯେ ଏସ୍ଆଇଆରରେ କୌଣସି ପ୍ରକାର ବେଆଇନ କାମ ହୋଇଥିଲେ ଏହାକୁ ରଦ୍ଦ କରି ଦିଆଯିବ।

ଆଜି ମାମଲାର ଶୁଣାଣି ବେଳେ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଭୋଟର ତାଲିକାରେ ନାଗରିକ ଓ ଅଣନାଗରିକମାନଙ୍କ ନାମ ସାମିଲ କରାଯିବା ଓ ବାଦ୍ ଦିଆଯିବାର କ୍ଷମତା କମିସନ ପାଖରେ ରହିଛି। ଆଧାର କାର୍ଡକୁ ନାଗରିକତ୍ୱର ଏକମାତ୍ର ପ୍ରମାଣ ରୂପେ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି କମିସନଙ୍କ ଯୁକ୍ତି ବି ଠିକ୍। ଆଧାର ଆଇନର ଧାରା ୯ ଅନୁଯାୟୀ ଏହାର ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି। ତେବେ ଏସ୍ଆଇଆର୍ ବେଳେ କମିସନ ଯେଉଁସବୁ ପ୍ରମାଣପତ୍ର ଲୋଡ଼ିଛନ୍ତି ତାହା ଅଧିକାଂଶ ବିହାର ବାସିନ୍ଦାଙ୍କ ପାଖରେ ନାହିଁ ବୋଲି କୁହାଯାଇପାରିବନାହିଁ। ମାମଲାର ଶୁଣାଣି କରୁଥିବା ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚିଙ୍କ ▶ପୃଷ୍ଠା-୭

# ଏସ୍ଆଇଆର୍ ପ୍ରସଙ୍ଗ: ଚାଲିପାରୁନି ସଂସଦ


## ବିରୋଧୀଙ୍କ ହଙ୍ଗାମା, ଗୃହରେ ଚିରିଲେ ଏସ୍ଆଇଆର୍ କାଗଜ



■ **ନୂଆଦିଲ୍ଲୀ, ୧୨।୮:** ବିହାରରେ ଚାଲିଥିବା ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ବା ଏସ୍ଆଇଆରକୁ ନେଇ ଆଜି ୧୭ ଦିନ ଧରି ସଂସଦ ଅଚଳ ରହିଛି। ଏହି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବିରୋଧୀ ଦଳ ଜିଦ ଧରିଥିବା ବେଳେ ସେମାନଙ୍କୁ ଏଥିପାଇଁ ଅନୁମତି ମିଳୁନାହିଁ। ଫଳରେ ସଂସଦର ଚଳିତ ଅଧିବେଶନ ଦୁଇ ଦିନ ଛାଡ଼ି ଅନ୍ୟସବୁ ଦିନ ଅଚଳ ରହିଛି। ବିରୋଧୀ ସଭ୍ୟମାନେ ଆଜି ଉଭୟ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଗୃହମଧ୍ୟକୁ ଯାଇ ପାଟିତୁଣ୍ଡ କରିଛନ୍ତି। ସ୍ଲୋଗାନବାଜି କରିଛନ୍ତି। ପରିସ୍ଥିତି ଅଶାନ୍ତ ରହିବାରୁ ଗୋଟିଏ ଦୁଇଟି ବିଲ୍ ପାସ ହେବାପରେ ସଂସଦକୁ ମୁଲତବୀ କରିଦିଆଯାଇଛି।

ଆଜି ଲୋକସଭା ବୈଠକ ଆରମ୍ଭ ହେବାମାତ୍ରେ କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳ ବିହାର ଭୋଟର ତାଲିକା ଉପରେ ଆଲୋଚନା ପାଇଁ ଦାବି କରିଥିଲେ। ବାଚସ୍ପତି ଅନୁମତି ନଦେବାରୁ ସେମାନେ ଗୃହର ମଧ୍ୟଭାଗକୁ ଯାଇ ହଟ୍ଟଗୋଳ କରିଥିଲେ। କଳା ପୋଷାକ ପିନ୍ଧିବା ସହିତ ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ। ସେମାନେ ଏସ୍ଆଇଆର୍ କାଗଜକୁ ଗୃହରେ ଚିରିବା ସହିତ ଏହାର ଟୁକୁଡ଼ାଗୁଡ଼ିକୁ ବାଚସ୍ପତିଙ୍କ ଆସନ ଆଡ଼କୁ ଫୋପାଡ଼ିଥିଲେ। ଗୃହକୁ ବିଭିନ୍ନ ପର୍ଯ୍ୟାୟରେ ମୂଲତବୀ କରାଯାଇଥିଲା। ବୈଠକ ଅପରାହ୍ନ ୪ଟା ୩୦ ▶ପୃଷ୍ଠା-୭

### ବରଗଡ଼ ଛାତ୍ରୀ ଆତ୍ମଦାହ ଘଟଣାରେ ନବୀନଙ୍କ କ୍ଷୋଭ



# ବିଜେପି ସରକାରଙ୍କ ସ୍ଥାଣୁତା ଯୋଗୁ ରାଜ୍ୟରେ ଝିଅ ଅସୁରକ୍ଷିତ

**ବ୍ୟବସ୍ଥାର ବିଫଳତା ପାଇଁ ବାରମ୍ବାର ଘଟୁଛି ଏପରି ଘଟଣା**

**ଏପରି ଧାରାକୁ ରୋକିବା ପାଇଁ ସରକାର କେତେ ସମୟ ନେବେ**

■ **ଭୁବନେଶ୍ୱର,୧୨।୮ (ସମିସ):** ରାଜ୍ୟରେ ମହିଳାଙ୍କ ସୁରକ୍ଷା ବିପନ୍ନ ହୋଇ ପଡ଼ିଥିବା ବେଳେ ଜଣକ ପରେ ଜଣେ ନାବାଳିକା ଓ ଛାତ୍ରୀଙ୍କର ଜୀବନ ନିଆଁର ଆଁରେ ଚାଲିଯାଉଛି। ଏପରି ସ୍ପର୍ଶକାତର ଘଟଣା ରୋକିବା ଦିଗରେ ସରକାର ଏକପ୍ରକାର ଉପାୟଶୂନ୍ୟ ହୋଇଛନ୍ତି। ଏହାକୁ ନେଇ ଜନ ଅସନ୍ତୋଷ ତୀବ୍ର ହେଲାଣି। ଏହିକ୍ରମରେ ସୋମବାର ବରଗଡ଼ ଗାଇସିଲଟ ବ୍ଲକର ଫିରିଙ୍ଗିମାଳ ଗାଁରେ ଜଣେ ନାବାଳିକା ପେଟ୍ରୋଲ ଢ଼ାଳି ହୋଇ ନିଜକୁ ଜାଳି ଦେବା ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏପରି ହୃଦୟ ବିଦାରକ ଧାରାକୁ ରୋକିବା ପାଇଁ ବିଜେପି ସରକାର ଆଉ କେତେ ସମୟ ଅପେକ୍ଷା କରିବ? ବିଜେପି ସରକାରର ଏପରି ଅସ୍ୱାଭାବିକ ନୀରବତା ଏବଂ ସ୍ଥାଣୁତା ଓଡ଼ିଶାର ଝିଅମାନଙ୍କୁ ଆହୁରି ଅସୁରକ୍ଷିତ କରିଦେଉଛି ବୋଲି କ୍ଷୋଭର ସହ କହିଛନ୍ତି ନବୀନ। ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ନବୀନ କହିଛନ୍ତି ଯେ ବରଗଡ଼ର ଗାଇସିଲଟରେ ଜଣେ ▶ପୃଷ୍ଠା-୭

### କେନ୍ଦ୍ରାପଡ଼ାରେ ଲଜ୍ଜା !

# ଦଶମ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

■ **ରାଜନଗର, ୧୨।୮ (ସମିସ):** ରାଜନଗର ଥାନା ଅଞ୍ଚଳରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଭଳି ଏକ ଅମାନବୀୟ ଘଟଣା ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଠାକୁର ମୂର୍ତ୍ତି କିଣିବାକୁ ନେବା ବାହାନାରେ ଛାତ୍ରୀଙ୍କ ପିଇସା ଓ ଅନ୍ୟ ୪ଜଣ ଯୁବକ ଏକ ନିଛାଟିଆ ସ୍ଥାନରେ ତାଙ୍କୁ ଦୁଷ୍କର୍ମ କରିଛନ୍ତି।

**ଅଭିଯୁକ୍ତ ପିଇସାକୁ କୋର୍ଟ ଚାଲାଣ; ୪ ଯୁବକ ଅଟକ**

ରାଜନଗର ପୁଲିସ୍ ଏହି ଘଟଣାରେ ୫ଜଣଙ୍କୁ ଉଠାଇ ଆଣିଛି। ମଙ୍ଗଳବାର ମୁଖ୍ୟ ଅଭିଯୁକ୍ତ ପିଇସା ଚିତ୍ତରଞ୍ଜନ ମଲ୍ଲିକ ଓରଫ ହାପିଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ପଚରାଉଚରା କରାଯାଉଛି ବୋଲି ପୁଲିସ କହିଛି। ଏହି ଘଟଣାରେ ପୁଲିସ୍ ବିଏନ୍ଏସ୍ ଦଫା ୭୦(୨) (ଗଣଦୁଷ୍କର୍ମ), ୧୧୫(୨) (ମାରପିଟ୍), ୩୫୧(୩) (ଧମକଚମକ), ୨୦୧୨, ୨୦୧୯ ପୋକ୍ସୋ ଆକ୍ଟ ୬(୧)ରେ ନମ୍ବର ୨୬୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ଗତ ଶନିବାର (ରାକ୍ଷୀ ପୂର୍ଣ୍ଣିମା) ଅପରାହ୍ଣ ୫ଟାରେ ନିଜର ପିଇସା ସହ ପୀଡ଼ିତା ଛାତ୍ରୀଜଣଙ୍କ ଖୁଦୁରୁକୁଣୀ ଓଷା ନିମନ୍ତେ ମୂର୍ତ୍ତି ଆଣିବାକୁ ବାହାରିଥିଲେ। କିନ୍ତୁ ପିଇସା ଏକ ମଶାଣି ଆଡ଼କୁ ନେବାରୁ ନାବାଳିକାର ସନ୍ଦେହ ହୋଇଥିଲା। ଏ ସମ୍ପର୍କରେ ▶ପୃଷ୍ଠା-୭

### ସରକାରୀବାବୁଙ୍କ ଉପରେ ଲାଗିବ ଲଗାମ୍

# ଏଣିକି ସବୁ ଅଫିସରେ ଏଆଇ ଭିତ୍ତିକ ଉପସ୍ଥାନ

**ଠିକ୍ ଦାୟିତ୍ୱ ନ ତୁଲାଇଲେ ଅବଧି ପୂର୍ବରୁ ଅବସର**

■ **ଭୁବନେଶ୍ୱର, ୧୨।୮ (ସମିସ):** ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀମାନେ ବିଳମ୍ବରେ ଆସୁଥିବା ଘଟଣାକୁ ଗୁରୁତର ଭାବେ ଗ୍ରହଣ କରିଛନ୍ତି ମୁଖ୍ୟ ଶାସନ ସଚିବ। ମଙ୍ଗଳବାର ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ଏନେଇ ବ୍ୟାପକ ଚର୍ଚ୍ଚା ଆଲୋଚନା ହୋଇଛି। କର୍ମଚାରୀମାନେ ଠିକ୍ ସମୟରେ ଅଫିସରେ ପହଞ୍ଚିବା ପାଇଁ ପୂର୍ବରୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ନିଶ୍ଚିତ କରିବା ପାଇଁ ସରକାର କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଭିତ୍ତିକ ଉପସ୍ଥାନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଲୋକସେବା ଭବନ ଓ ଖାରବେଳ ଭବନରୁ ଏହାକୁ ପ୍ରାଥମିକତା ଭିତ୍ତିରେ ଆରମ୍ଭ କରାଯିବ ଓ ପରବର୍ତ୍ତୀ ସମୟରେ ସାରା ରାଜ୍ୟରେ ସବୁ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ▶ପୃଷ୍ଠା-୭




# ବିଶ୍ୱ ଅଙ୍ଗଦାନ ଦିବସ



କଥାରେ ଅଛି ଅଙ୍ଗଦାନ, ମହତ ଦାନ । କାହାର ଆଖି ଆଉ କାହାକୁ ଦେଖାଇପାରେ ଦୁନିଆ । କାହାର ଅଙ୍ଗ ଆଉ କାହାର ଜୀବନ ବଞ୍ଚାଇପାରେ । ଅଙ୍ଗଦାନ ସମ୍ପର୍କରେ ସଚେତନା ସୃଷ୍ଟି କରିବା ଏବଂ ଅଙ୍ଗଦାନ କରିବା ପାଇଁ ଲୋକଙ୍କୁ ଉତ୍ସାହିତ କରି ଅନ୍ୟର ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୩ ତାରିଖକୁ 'ବିଶ୍ୱ ଅଙ୍ଗଦାନ ଦିବସ' ଭାବେ ପାଳନ କରାଯାଉଛି । ରକ୍ତ ଦାନ ପରେ ଅଙ୍ଗ ଦାନ ସବୁଠାରୁ ବଡ଼ ଦାନ ଭାବରେ ବିବେଚନା କରାଯାଏ । ତେବେ ଅଙ୍ଗଦାନକୁ ନେଇ ଲୋକଙ୍କ ମଧ୍ୟରେ ଥିବା ଭ୍ରାନ୍ତଧାରଣାକୁ ଦୂର କରିବା ହେଉଛି ଏହି ଦିବସର ଲକ୍ଷ୍ୟ । ଦାନ କରାଯାଇଥିବା ଅଙ୍ଗ ଜଣକ ଜୀବନ ବଞ୍ଚାଇଥାଏ । ଯଦିଓ ୧୮ ରୁ ୬୫ ବର୍ଷ ବୟସ୍କ ସ୍ୱଇଚ୍ଛାରେ ଅଙ୍ଗଦାନ କରିପାରିବେ, ତଥାପି ଅଙ୍ଗଦାନ କରୁଥିବା ବ୍ୟକ୍ତି ସମ୍ପୂର୍ଣ୍ଣ ସୁସ୍ଥ ଥିବା ଆବଶ୍ୟକ । ସେହିପରି କ୍ୟାନସର୍, ଏଚ୍ଆଇଭି ଏବଂ ହୃଦ୍‌ରୋଗରେ ପୀଡ଼ିତ ଲୋକ ଅଙ୍ଗଦାନ କରିପାରିବେ ନାହିଁ । ଅଙ୍ଗଦାନ ଦୁଇ ପ୍ରକାରର । ଗୋଟିଏ ଅଙ୍ଗଦାନ ଏବଂ ଦ୍ୱିତୀୟରେ ଟିସୁ ଦାନ । ତେବେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ହିଁ ଅଙ୍ଗଦାନ କରାଯାଇଥାଏ । କିନ୍ତୁ କିଛି ଅଙ୍ଗଦାନ ଏବଂ ଟିସୁଦାନ ଜୀବିତ ରହି ମଧ୍ୟ କରାଯାଇଥାଏ । ଯକୃତ, ଅଗ୍ନାଶୟ, ହୃତ୍‌ପିଣ୍ଡ ଏବଂ ଫୁସ୍‌ଫୁସ୍ ଭଳି ଆଦି ଅଙ୍ଗ ଦାନ କରାଯାଇଥାଏ । ସେହିଭଳି ଆଖି, ତ୍ୱଚା ହାଡ଼, ମସ୍ତିଷ୍କ, କାନ ପରଦା, କାନ ହାଡ଼ ଆଦିର ଟିସୁ ଦାନ କରାଯାଏ । ପ୍ରଥମେ ଏହି ଦିବସକୁ ୨୦୦୫ ମସିହାରେ ପାଳନ କରାଯାଇଥିଲା । ସେହିଭଳି ପ୍ରଥମଥର ପାଇଁ ୧୯୫୪ ମସିହାରେ ଆମେରିକାର ସଫଳ ଅଙ୍ଗ ପ୍ରତ୍ୟାରୋପଣ ହୋଇଥିଲା । ରୋନାଲ୍ଡ ଲି ହେରିକ୍ ନାମକ ଜଣେ ବ୍ୟକ୍ତି ତାଙ୍କର ଯାଆଁଳା ଭାଇକୁ ତାଙ୍କ ବୃକ୍କ ଦାନ କରିଥିଲେ । ଏହି କାର୍ଯ୍ୟକୁ ସଫଳ କରିଥିବା ଫିଜିଓଲୋଜି ଏବଂ ମେଡିସିନ ବିଭାଗର ଡାକ୍ତର ଜୋସେଫ ମୁରେଙ୍କୁ ୧୯୯୦ ମସିହାରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ମା'ର ଦାୟିତ୍ୱ ତୁଲାଉଛି ଏଆଇ



ଦିନକୁ ଦିନ ଟେକ୍ନୋଲୋଜିର ଦ୍ରୁତ ବିକାଶ ମଣିଷ ଜୀବନକୁ ସହଜ କରୁଛି । ଏହି କ୍ରମରେ ଜଣେ ମହିଳା ନିଜ ପିଲା ପାଇଁ ଏଆଇକୁ ଦ୍ୱିତୀୟ ମା' ଭାବେ ଘୋଷଣା କରିଛନ୍ତି । ମହିଳା ଜଣକ ଟେକ୍ନୋଲଜିକୁ ବେଶ୍ ଅଦ୍ଭୁତ ଭାବେ ବ୍ୟବହାର କରିଥିବା ଦେଖାଯାଇଛି । ସେ ଚାଟ୍‌ଜିପିଟିକୁ ନିଜର କୋ-ପ୍ୟାରେଣ୍ଟ କରିଛନ୍ତି । ସୁଇଜରଲ୍ୟାଣ୍ଡର ୩୩ ବର୍ଷୀୟା ଲିଲିୟନ ଶ୍ମିଟ୍ କର୍ପୋରେଟ୍ ବ୍ରାଣ୍ଡ ଷ୍ଟ୍ରାଟେଜିଷ୍ଟ ଭାବେ କାର୍ଯ୍ୟ କରନ୍ତି । ତାଙ୍କର ତିନି ବର୍ଷ ବୟସର ଝିଅ ଓ ୧୪ ବର୍ଷ ବୟସ ପୁଅଟିଏ ଅଛନ୍ତି । ଚାକିରି ସାଙ୍ଗକୁ ପିଲାଙ୍କ ଦାୟିତ୍ୱ ଯୋଗୁ ସେ ସବୁଦିନ ଥକ୍କାପଣ ଓ ମାନସିକ ଅଶାନ୍ତିକୁ ନେଇ ଚିନ୍ତାରେ ରହୁଥିଲେ । ଏଭଳି ସ୍ଥିତିରେ ସେ ଟେକ୍ନୋଲୋଜିର ସାହାଯ୍ୟ ନେବା ପାଇଁ ନିଷ୍ପତ୍ତି ନେଲେ । ଏ ଲାଗି ଚାଟ୍‌ଜିପିଟିକୁ ସେ ଏମିତି ଭାବେ ତାଲିମ ଦେଲେ ଯେ, ଯେମିତି ସେ ପିଲା ଦୁହିଁଙ୍କର ଦ୍ୱିତୀୟ ମା' ଭାବେ କାର୍ଯ୍ୟ କରିବ । ଚାଟ୍ ଜିପିଟିକୁ ସେ ପିଲାଙ୍କ ସଫି, ଖାଦ୍ୟ ତାଲିକା ପ୍ରସ୍ତୁତ କରିବା ଜନ୍ମଦିନ ଓ ଛୁଟି ଯୋଜନା ସମେତ ଶୋଇବା ସମୟର ତାଲିକା ପ୍ରସ୍ତୁତ କରିବାକୁ କହି ସେ ତାଙ୍କ କାମକୁ ସହଜ କରିବାକୁ ଚାହିଁଲେ । ଅବଶ୍ୟ ଲିଲିୟନ୍ ଏହାର ଉପଯୋଗ ଜଣେ ଭଲ ମା' ହେବା ଲାଗି କରୁଥିବା କହିଛନ୍ତି । ତେବେ ତାଙ୍କ ପରି ଅନେକ ବାପା, ମାଆ ମାନସିକ, ଶାରୀରିକ ଏବଂ ଭାବନାତ୍ମକ ଥକ୍କାପଣକୁ ନେଇ ଚିନ୍ତିତ ଅଛନ୍ତି । ଓହିଓ ଷ୍ଟେଟ୍ ୟୁନିର୍ଭସିଟିର ଏକ ଅଧ୍ୟୟନ ଅନୁସାରେ, ଆମେରିକାରେ ୫୭ ପ୍ରତିଶତ ଅଭିଭାବକ ଏଭଳି ସ୍ଥିତିକୁ ସାମ୍ନା କରୁଛନ୍ତି । ତେବେ ଲିଲିୟନ କେବେ ବି ଚାଟ୍‌ଜିପିଟି ମାଧ୍ୟମରେ ନିଷ୍ପତ୍ତି ନେଇ ନ ଥାନ୍ତି, ବରଂ ଏହାଠାରୁ ପରାମର୍ଶ ନିଅନ୍ତି । ଗତ ଫେବୃଆରୀ ମାସରୁ ସେ ଚାଟ୍‌ଜିପିଟିର ସାହାଯ୍ୟ ନେବା ଆରମ୍ଭ କଲେ । ହେଲେ ତାଙ୍କୁ ପ୍ରାରମ୍ଭିକ ପରାମର୍ଶଗୁଡ଼ିକ ସେତେ ବେଶି ଠିକ୍ ଲାଗିଲା ନାହିଁ । ତା'ପରେ ଲିଲିୟନ ଏକ କଷ୍ଟମ୍ ବଟ୍ ତିଆରି କରିବା ଶିଖିଲେ । ଏହା ତାଙ୍କ ଚିନ୍ତାଧାରା ଅନୁସାରେ ପ୍ରତିକ୍ରିୟା ଦିଏ । ସେହିପରି ଲିଲିୟନ କେତେବେଳେ ଏହାକୁ ଛୋଟ ପିଲାର ପ୍ରଶିକ୍ଷକ ଭାବେ ତ ଆଉ କେତେବେଳେ ନ୍ୟୁଟ୍ରିସନିଷ୍ଟ ଭାବେ ବ୍ୟବହାର କରିଥାନ୍ତି । ଏଆଇକୁ ସେ ପିଲାଙ୍କ ପାଇଁ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତିଠୁ ଆରମ୍ଭ କରି ଶୋଇବା ରୁଟିନ୍‌ରେ ଗାଇଡ୍ କରିବା ନେଇ ପ୍ରଶ୍ନ କରନ୍ତି ଏବଂ ଚାଟ୍‌ଜିପିଟି ଏହାର ସମାଧାନ ମଧ୍ୟ କରୁଥିବା ସେ କହିଛନ୍ତି ।

## ଆଜିର ଇତିହାସ

- ୧୬୪୫- ସ୍ୱିଡେନ ଓ ଡେନ୍‌ମାର୍କ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ।
- ୧୭୯୫- ମହାରାଣୀ ଅହଲ୍ୟାବାଇ ହୋଲକରଙ୍କ ପରଲୋକ ।
- ୧୯୩୬- ଭାରତୀୟ ମହିଳା କ୍ରାନ୍ତିକାରୀ ଭିକାଜି କାମାଙ୍କ ପରଲୋକ ।
- ୧୯୫୬- ଲୋକସଭାରେ ରାଷ୍ଟ୍ରୀୟ ରାଜମାର୍ଗ ବିଧେୟକ ପାରିତ ହେଲା ।
- ୨୦୦୪-ଏଥେନ୍ସରେ ୨୮ ତମ ଅଲିମ୍ପିକ୍ସ ଖେଳ ଆରମ୍ଭ ।

# ସୋନାକ୍ଷୀଙ୍କ ରୌଦ୍ର ରୂପ



ନିକଟରେ ତେଲୁଗୁ ସୁପର୍ ନାଚୁ୍ୟରାଲ ଆକ୍ସନ୍ ଥ୍ରିଲର୍ ଫିଲ୍ମ 'ଜଟାଧାରା'ର ଟିଜର୍ ଜାରି ହୋଇଛି । ଏହି ଫିଲ୍ମ ମାଧ୍ୟମରେ ସୋନାକ୍ଷୀ ସିହ୍ନା ପ୍ରଥମଥର ପାଇଁ ତେଲୁଗୁ ସିନେମାରେ ପାଦ ରଖିଛନ୍ତି । ଏଥିରେ ସୋନାକ୍ଷୀ ଏବଂ ସୁଧୀର ବାବୁ ମୁଖ୍ୟ ଚରିତ୍ରରେ ନଜର ଆସିବେ । ୧ ମିନିଟ୍ ୧୨ ସେକେଣ୍ଡର ଏହି ଟିଜର୍‌ରେ ସୁଧୀର ବାବୁ ଏକ ଶକ୍ତିଶାଳୀ ଚରିତ୍ରରେ ନଜର ଆସିଛନ୍ତି । ସେହିଭଳି ସୋନାକ୍ଷୀ ଏକ ସୁନା ଭଣ୍ଡାରର ରାକ୍ଷସୀ ରକ୍ଷକ ଭାବେ ଦେଖାଯାଇଛନ୍ତି । ଟିଜର୍‌ରେ ଉଭୟଙ୍କ ମଧ୍ୟରେ ଏକ ଶକ୍ତ ମୁକାବିଲା ହେବାକୁ ଯାଉଛି ବୋଲି ସଙ୍କେତ ମିଳିଛି । ଏଥିରେ ସୋନାକ୍ଷୀଙ୍କ ଲୁକ୍‌କୁ ଦର୍ଶକେ ପସନ୍ଦ କରିଛନ୍ତି । ଭାରି ଗହଣା ସହ ମଥାରେ ବିନ୍ଦି ଓ ଆଖିରେ କଜଳ ଲଗାଇ ସୋନାକ୍ଷୀ ରୌଦ୍ର ଅବତାରରେ ଦେଖାଯାଇଛନ୍ତି । କହିବାକୁ ଗଲେ ଏହି ସିନେମାରେ ସୋନାକ୍ଷୀଙ୍କୁ ସମ୍ପୂର୍ଣ୍ଣ ଅଲଗା ରୂପରେ ଦେଖିବାକୁ ମିଳିବ । ଅଭିଷେକ ଜଏସୱାଲ ଓ ଭେଙ୍କଟ କଲ୍ୟାଣଙ୍କ ନିର୍ଦ୍ଦେଶିତ ଏହି ସିନେମାକୁ ତେଲୁଗୁ ସିନେମା ଇଣ୍ଡଷ୍ଟ୍ରୀର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି ।

# ଶରୀର ଥଣ୍ଡା ପାଇଁ ପାଣିକଖାରୁ ଆଲିଙ୍ଗନ

ଅସହ୍ୟ ଗରମରୁ ରକ୍ଷା ପାଇବାକୁ ଲୋକେ ବିଭିନ୍ନ ଉପାୟ ଆପଣାନ୍ତି । ଗରମରୁ ଆଶ୍ୱସ୍ତି ପାଇବା ପାଇଁ ଲୋକେ ଏସି, କୁଲର ନଚେତ୍ ପଙ୍ଖାର ବନ୍ଦୋବସ୍ତ କରିଥାନ୍ତି । ଏବେ ଚୀନ୍‌ର ଲୋକେ ଅସହ୍ୟ ଗରମରୁ ଶରୀରକୁ ଥଣ୍ଡା ରଖିବାକୁ ଏକ ଭିନ୍ନ ଉପାୟ ଖୋଜିଛନ୍ତି । ଶରୀରକୁ ଥଣ୍ଡା ରଖିବା ଉଦ୍ଦେଶ୍ୟରେ ଏଠାକାର କୁନି କୁନି ପିଲାମାନେ ଏବଂ ପୋଷାଜୀବମାନେ ବଡ଼ ବଡ଼ ପାଣି କଖାରୁକୁ ଧରି ଶୋଉଛନ୍ତି । ଉତ୍ତରଚୀନ୍, ତିୟାନଜିନ୍ ନଗର ପାଳିକା ନିବାସୀ ଲୋଙ୍ଗମା ଏହି ଟ୍ରେଣ୍ଡ ପ୍ରଥମେ ଆରମ୍ଭ କରିଥିବା ସେ ଦାବି କରନ୍ତି । ଲୋଙ୍ଗମା ନିଜ ସନ୍ତାନ ପାଇଁ ୧୪ କେଜି ଓଜନର ଧଳା କଖାରୁ କିଣିଥିଲେ । ତାଙ୍କ ପିଲା ପାଣି କଖାରୁକୁ ଆଲିଙ୍ଗନ କରି ଶୋଇବା ଦ୍ୱାରା ଅଧିକ ଗରମ ଅନୁଭବ କରିପାରିନଥିବା ସେ କହିଥିଲେ । ଏନେଇ ଲୋଙ୍ଗମା କୁହନ୍ତି,' ସେ ତାଙ୍କ ପିଲାକୁ ଥଣ୍ଡା-ଜ୍ୱରରୁ ସୁରକ୍ଷିତ ରହିବା ପାଇଁ ଘରେ ଏସି ବ୍ୟବହାର କରୁ ନ ଥିଲେ । ଏହା ବଦଳରେ ପାଣିକଖାରୁକୁ ଆଲିଙ୍ଗନ କରିବାର ପୁରୁଣା ପରମ୍ପରାକୁ ଆପଣାଇବାକୁ ସେ ସ୍ଥିର କରିଥିଲେ । ସାଧାରଣତଃ ପାଣିକଖାରୁରେ ୯୫ ପ୍ରତିଶତ ପାଣି ଥାଏ । ଏହା ଶରୀରକୁ ଥଣ୍ଡା ପ୍ରଦାନ କରିଥାଏ ।' ସେହିପରି ପାରମ୍ପରିକ ଚୀନା ଚିକିତ୍ସା ପଦ୍ଧତି (ଟିଏମ୍‌ସି) ରେ ଶରୀରକୁ ଗରମରୁ ଥଣ୍ଡା ପ୍ରଦାନ ରଖିବାକୁ ପାଣି କଖାରୁ ଚୋପା ଖାଇବାକୁ ପରାମର୍ଶ ଦିଆଯାଏ । ଏହା ଗର୍ଭବତୀ ମହିଳା, ପିଲା ଏବଂ ବୟସ୍କଙ୍କ ପାଇଁ ସବୁଠୁ ଭଲ ବିକଳ୍ପ ବୋଲି ମଧ୍ୟ କୁହାଯାଏ । ସାମାଜିକ ଗଣମାଧ୍ୟମରେ ଏହି ଟ୍ରେଣ୍ଡକୁ ନେଇ ଚର୍ଚ୍ଚା ଲାଗିଥିବାବେଳେ କୁନି କୁନି ପିଲାମାନେ ପାଣିକଖାରୁକୁ ଆଲିଙ୍ଗନ କରି ଶୋଉଥିବାର ଫଟୋଗୁଡ଼ିକ ସେୟାର କରାଯାଉଛି । ୨୬ ଦିନ ପରେ ବି ପାଣିକଖାରୁ ଥଣ୍ଡା ପ୍ରଦାନ କରୁଥିବା କଥା ସ୍ଥାନୀୟ ଲୋକେ କହୁଛନ୍ତି । ଅନ୍ୟପଟେ ଡାକ୍ତର ପରାମର୍ଶ ଦିଅନ୍ତି, ଯେଉଁମାନଙ୍କର ପାଚନତନ୍ତ୍ର ଦୁର୍ବଳ ରହିଛି ସେମାନେ ଦୀର୍ଘ ସମୟ ଧରି ପାଣିକଖାରୁକୁ ଆଲିଙ୍ଗନ କରି ଶୋଇବା ଅନୁଚିତ । ଏପରି କରିବା ଦ୍ୱାରା ପେଟ ଯନ୍ତ୍ରଣା କିମ୍ବା ପତଳାଝାଡ଼ା ହେବାର ଆଶଙ୍କା ବୃଦ୍ଧି ପାଏ ।



# କଫିରେ କ୍ଷୀର ନୁହେଁ ମିଶାଯାଏ ପନିର

ଅନେକ ଲୋକ ସକାଳୁ ଉଠିବା ମାତ୍ରେ କଫି ପିଇବାକୁ ପସନ୍ଦ କରନ୍ତି । କିଛି ଲୋକ ଚିନି ଯୁକ୍ତ କଫି ପିଇବାକୁ ପସନ୍ଦ କରୁଥିବା ବେଳେ ଆଉ କିଛି ଜଣ ବିନା ଚିନିର କଫି ପିଇବାକୁ ଭଲ ପାଆନ୍ତି । ସେହିଭଳି କିଛି ଲୋକ ଗରମ କଫି ପସନ୍ଦ କରୁଥିବାବେଳେ ଆଉ କିଛି କୋଲ୍ଡ କଫି ପିଇଥାନ୍ତି । କଫିରେ ଅଳ୍ପ ମାତ୍ରାର କ୍ଷୀର କିମ୍ବା କ୍ରିମ୍ ମିଶାଇ ପିଇବା ସାଧାରଣ କଥା । ହେଲେ ବିଶ୍ୱର ଏମିତି ଏକ ସ୍ଥାନ ରହିଛି ଯେଉଁଠି ଲୋକେ କଫିରେ ପନିର ପକାଇ ପିଇବାକୁ ଅଧିକ ପସନ୍ଦ କରନ୍ତି । ଉତ୍ତର ସ୍ୱିଡେନରେ ଲୋକମାନେ କଫିରେ ପନିର ପକାଇ ପିଇଥାନ୍ତି । ଏହି କଫି 'କାଫେଓଷ୍ଟ' ନାଁରେ ପରିଚିତ । ଏଥିରେ ଗରମ ପାଣିରେ ଏକ ସ୍ୱତନ୍ତ୍ର ଧରଣର ପନିରକୁ ମିଶା ଯାଇଥାଏ । ଏହି ପନିରକୁ ସ୍ଥାନୀୟ ଭାଷାରେ ଲେଇପାଜୁସ୍ତୋ କୁହାଯାଏ । ସେହିଭଳି ଏହି ପନିର୍ ଅଧିକ ସ୍ପଞ୍ଜି ହେବା ସହ ଅଧିକ ମିଠା ମଧ୍ୟ ହୋଇଥାଏ । ତେଣୁ ଏଥିରେ ଗରମ କଫି ଢାଳିଲେ ଏଥିରେ କ୍ରିମ୍, କ୍ଷୀର ଓ ଚିନି ମିଶାଇବା ଭଳି ଲାଗେ । ସେହିଭଳି ଏହା ଅଧିକ ମିଠା ଲାଗୁଥିବାରୁ ଅଧିକ ଲୋକ ଏହାକୁ ପସନ୍ଦ କରନ୍ତିନି । କଫି ପ୍ରେମୀ କିନ୍ତୁ ଏହି କଫିର ସ୍ୱାଦ ଚାଖିବାକୁ କେବେ ବି ଭୁଲନ୍ତିନି । ଏହି କଫି ପିଇବା ଦ୍ୱାରା ଶରୀରରେ ସୋଡିୟମ୍ ଅଭାବ ଦୂର ହୋଇଥାଏ ବୋଲି ସ୍ଥାନୀୟ ଲୋକେ କୁହନ୍ତି । ଏହା ଶରୀରକୁ ଗରମ ମଧ୍ୟ ରଖିଥାଏ । ତେଣୁ ଶୀତଦିନେ ଏଠାକାର ଲୋକେ ଏହି କଫି ପିଇବାକୁ ଅଧିକ ପସନ୍ଦ କରନ୍ତି ।



# ୫ଜି ସମୟରେ ରେଡିଓ ପ୍ରେମ

ଆଜିର ସ୍ମାର୍ଟଫୋନ୍ ଜମାନାରେ ଟେଲିଭିଜନ ଓ ରେଡିଓର ଲୋକପ୍ରିୟତା ପୂର୍ବାପେକ୍ଷା ହ୍ରାସ ପାଇଛି । ହେଲେ ଏଥିରୁ ବ୍ୟତିକ୍ରମ ଛତିଶଗଡ଼ ରାୟପୁର ଆଦର୍ଶନଗରର ବିଜୁ ତାଣ୍ଡି । ସେ ତିନି ଦଶନ୍ଧି ହେଲାଣି ନିୟମିତ ରେଡିଓ ଶୁଣି ଆସୁଛନ୍ତି । ବିଜୁଙ୍କର ଏକ ସାଇକଲ ମରାମତି ଦୋକାନ ଅଛି । ଏବର ଡିଜିଟାଲ ଯୁଗରେ ସେ ରେଡିଓକୁ ସୂଚନା ଏବଂ ମନୋରଞ୍ଜନର ମାଧ୍ୟମ କରିଛନ୍ତି । ତାଙ୍କ କହିବାନୁଯାୟୀ, ସେ ପଢ଼ାଲେଖା ଜାଣି ନ ଥିଲେ ମଧ୍ୟ, ରେଡିଓ ତାଙ୍କୁ ସବୁ ପ୍ରକାର ସୂଚନା ପ୍ରଦାନ କରିବାରେ ସହାୟକ ହୋଇଛି । ରେଡିଓରେ ପ୍ରସାରିତ ହେଉଥିବା ସମସ୍ତ କାର୍ଯ୍ୟକ୍ରମଗୁଡ଼ିକ ତାଙ୍କ ମୁହଁରେ ରହିଛି । ତାଙ୍କ ଦିନର ଆରମ୍ଭ ରେଡିଓରେ ପ୍ରସାରିତ କାର୍ଯ୍ୟକ୍ରମ 'ବନ୍ଦେ ମାତରମ୍'ରୁ ହୋଇଥାଏ । ଏହାପରେ ସେ ସକାଳ ସାଢ଼େ ଛଅଟା ଯାଏ ଭଜନ ଶୁଣନ୍ତି । ପରେ ପରେ 'ଆଜ୍ କା ଚିନ୍ତନ', 'ମାନସ କାଣ୍ଡ', ଏବଂ 'କୃଷି ଚର୍ଚ୍ଚା' ଭଳି କାର୍ଯ୍ୟକ୍ରମ ଶୁଣନ୍ତି । ସେହିପରି ସକାଳ ୭-୮ଟା ମଧ୍ୟରେ ପ୍ରସାରିତ ହେଉଥିବା 'ନମସ୍କାର ରାୟପୁର' କାର୍ଯ୍ୟକ୍ରମ ବିଜୁଙ୍କର ସବୁଠୁ ପ୍ରିୟ କାର୍ଯ୍ୟକ୍ରମ । ଏନେଇ ବିଜୁଙ୍କ କହିବା କଥା, 'ଏହି କାର୍ଯ୍ୟକ୍ରମରେ ରାୟପୁରର ତାଜା ଖବର, ବିଭିନ୍ନ ସାମଜିକ କାର୍ଯ୍ୟ ସମେତ ଅନେକ ଶିକ୍ଷଣୀୟ କଥା ଶୁଣିବାକୁ ଓ ଜାଣିବାକୁ ମିଳିଥାଏ । ରେଡିଓ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଏହା ଦେଶବିଦେଶରେ ହେଉଥିବା ଘଟଣା ସାଥିରେ ଲୋକଙ୍କୁ ଯୋଡ଼ି ରଖିଥାଏ ।' ସେହିପରି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟକ୍ରମ 'ମନ୍ କି ବାତ୍' କୁ ସବୁବେଳେ ଶୁଣିଥାନ୍ତି । ଏହାଦ୍ୱାରା ସେ ଦେଶରେ ହେଉଥିବା ପରିବର୍ତ୍ତନ ଓ ଯୋଜନା ବିଷୟରେ ଜାଣିଥାନ୍ତି ବୋଲି କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, 'ରେଡିଓ ଶୁଣି ଶୁଣି ସେ ଏତେ ଜିନିଷ ଜାଣିଛନ୍ତି, ଯାହା ଜଣେ ପାଠୁଆ ଲୋକ ବି ଜାଣି ନଥିବେ ।' ବର୍ତ୍ତମାନର ଇଣ୍ଟରନେଟ୍ ଯୁଗରେ, ରେଡିଓର ସୂଚନାର ସରଳତା, ଘନିଷ୍ଠତା ଏବଂ ନିର୍ଭରଯୋଗ୍ୟତା ଏହାକୁ ଅନ୍ୟମାନଙ୍କଠାରୁ ଭିନ୍ନ କରିଥାଏ ବୋଲି ଏହାକୁ ପ୍ରମାଣିତ କରିଛନ୍ତି ବିଜୁତାଣ୍ଡି ।



## ଆଜିର ରାଶିଫଳ

**ମେଷ:** କାର୍ଯ୍ୟରୁ ଆଶାଜନକ ଫଳ ମିଳିବ । ଦୂର ଯାତ୍ରା ଯୋଗ ରହିଛି । ପୁରୁଣା ସମସ୍ୟାର ସମାଧାନ ହେବ । ଜୀବନସାଥୀଙ୍କ ସହଯୋଗ ମିଳିବ । ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଭଲ । ଆୟ ଓ ବ୍ୟୟ ସମାନ ରହିବ ।

**ବୃଷ:** ପାରିବାରିକ ସମସ୍ୟା ଦେଖା ଦେଇପାରେ । ଧନ ପ୍ରାପ୍ତି ହେବ । ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ । ଆୟ କମ୍ ହେବ ଏବଂ ଖର୍ଚ୍ଚ ବଢ଼ିବ । ପ୍ରେମ ସମ୍ପର୍କ ସୁଖମୟ ହେବ । କୌଣସି କଥାକୁ ନେଇ ମନ ଉଣା କରିପାରନ୍ତି ।

**ମିଥୁନ:** ପିତାଙ୍କ ସହଯୋଗ ମିଳିବ । ଆୟରେ ଉନ୍ନତି ପରିଲକ୍ଷିତ ହେବ । ଋଣ ସମସ୍ୟା ସମାଧାନ ହେବ । କାର୍ଯ୍ୟସ୍ଥଳରେ ବରିଷ୍ଠଙ୍କ ସହଯୋଗ ମିଳିବ । ଚିନ୍ତାମୁକ୍ତ ରହିବେ । ଅଚାନକ ଖୁସି ଖବର ମିଳିବ ।

**କର୍କଟ:** କୌଣସି କଥାକୁ ନେଇ ଚିନ୍ତାରେ ରହିବେ । କାର୍ଯ୍ୟରେ ସଫଳତା ମିଳିବ । ଦିନଟି ବ୍ୟସ୍ତତା ଭିତରେ ବିତିବ । ବିଦ୍ୟାର୍ଥୀ ପରୀକ୍ଷାରେ ଭଲ କରିବେ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**ସିଂହ:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ । ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଉତ୍ତମ । ଠିକ୍ ସମୟରେ କାର୍ଯ୍ୟ ପୂରା କରିବେ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ ।

**କନ୍ୟା:** ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି । ଧନ ଆଗମନର ଯୋଗ ରହିଛି । ବିଦ୍ୟାର୍ଥୀ ପାଠରେ ମନୋନିବେଶ କରିବେ । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ ।

**ତୁଳା:** ବ୍ୟବସାୟରେ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ । ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ । ଧନ ଆଗମନ । ପରିବାର ସହିତ ସମ୍ପର୍କ ମଧୁର ହେବ । କୋର୍ଟ କଚେରି ମାମଲାର ଶୁଣାଣି ହୋଇପାରେ ।

**ବିଛା:** ସମସ୍ୟାକୁ ସାମ୍ନା କରିବେ । ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ । ମନ ଉଦାସ ରହିବ । କାର୍ଯ୍ୟରେ ଲୋକଙ୍କ ସାହାଯ୍ୟ ମିଳିବ । ବିଦ୍ୟାର୍ଥୀଙ୍କ ପାଇଁ ଉତ୍ତମ ସମୟ । କ୍ୟାରିୟରରେ ଉନ୍ନତି ହେବ ।

**ଧନୁ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । କାର୍ଯ୍ୟରେ ପଦୋନ୍ନତି ମିଳିବା ସମ୍ଭାବନା ଅଧିକ । ପୂଜାକାର୍ଯ୍ୟରେ ସମୟ କଟିବ । ଘରେ ସମସ୍ୟା ଦେଖା ଦେବ । ବିଦ୍ୟାର୍ଥୀଙ୍କୁ ଶୁଭ ଖବର ମିଳିପାରେ ।

**ମକର:** ମନୋରଞ୍ଜନରେ ସମୟ ବିତିବ । ସାଙ୍ଗସାଥୀଙ୍କ ସହଯୋଗରେ କାର୍ଯ୍ୟ ସଫଳ ହେବ । ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ଜମି କ୍ରୟଯୋଗ ରହିଛି । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**କୁମ୍ଭ:** ରାଜନୀତିରେ ଆଶାତୀତ ସଫଳତା ମିଳିବ ନାହିଁ । ବ୍ୟବସାୟ ଓ ଚାକିରିରୁ ଲାଭ ମିଳିପାରେ । ନୂତନ ପ୍ରୋଜେକ୍ଟରେ ସଫଳତା ମିଳିବ । ପଡୋଶୀଙ୍କ ସହିତ ମନୋମାଳିନ୍ୟ ହୋଇପାରେ ।

**ମୀନ:** ବାଦ ବିବାଦଠାରୁ ଦୂରେଇ ରୁହନ୍ତୁ । ଆୟ କମ୍ ଓ ବ୍ୟୟ ଅଧିକ ହେବ । ଅଯଥା କଥାକୁ ନେଇ ଚିନ୍ତାରେ ରହିବେ । ନୂଆ କାର୍ଯ୍ୟରେ ପରିବାର ଲୋକଙ୍କ ସହଯୋଗ ମିଳିବ । ଭାବି ଚିନ୍ତି ନିଷ୍ପତ୍ତି ନେବା ଭଲ ।

### ସାକାର ହେବ ନବୀନଙ୍କ ପ୍ରୟାସ

# ଓଡ଼ିଶାରେ ହେବ ୨ ସେମିକଣ୍ଡକ୍ଟର କେନ୍ଦ୍ର

■ ଇନଫୋଭ୍ୟାଲିରେ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ
■ ୨୦୨୩ରେ ବିଜେଡି ସରକାର ସ୍ୱାକ୍ଷର କରିଥିଲେ ୩ ଏମ୍‌ଓୟୁ

ଭୁବନେଶ୍ୱର,୧୨।୮ (ସମିସ): ଓଡ଼ିଶାରେ ପ୍ରତିଷ୍ଠା ହେବ ଦୁଇଟି ସେମିକଣ୍ଡକ୍ଟର ଆସେମ୍ବ୍ଲି ଏବଂ ଟେଷ୍ଟିଂ ପ୍ଲାଣ୍ଟ। ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ (ଆଇଏସ୍‌ଏମ୍) ଅଧୀନରେ ଦେଶରେ ପ୍ରତିଷ୍ଠା ହେବାକୁ ଥିବା ୪ଟି ସେମିକଣ୍ଡକ୍ଟର ପ୍ରକଳ୍ପ ମଧ୍ୟରୁ ଓଡ଼ିଶାରେ ଦୁଇଟି କେନ୍ଦ୍ର ସ୍ଥାପନ କରାଯିବ। ଓଡ଼ିଶା ବ୍ୟତୀତ ପଞ୍ଜାବ ଏବଂ ଆନ୍ଧ୍ରପ୍ରଦେଶରେ ଏ ସମ୍ପର୍କିତ ପ୍ରକଳ୍ପ ପ୍ରତିଷ୍ଠା ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ୪ଟି ସେମିକଣ୍ଡକ୍ଟର ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହି ୪ ସେମିକଣ୍ଡକ୍ଟର ଉତ୍ପାଦନ କେନ୍ଦ୍ରରେ ୪,୬୦୦ କୋଟି ଟଙ୍କା ନିବେଶ ହେବ। ଏହି ଅନୁମୋଦନ ଅନୁଯାୟୀ ରାଜ୍ୟରେ ସିକ୍‌ସେମ୍ ଏବଂ ଥ୍ରୀଡି ଗ୍ଲାସ୍ ପ୍ରକଳ୍ପ ସ୍ଥାପନ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେବା ସହ ରାଜ୍ୟରେ ନିଯୁକ୍ତି ସୃଷ୍ଟି ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ପ୍ରତି ଏହା ଗୁରୁତ୍ୱପୂର୍ଣ୍ଣ ଅବଦାନ ଭାବେ ଉଭା ହେବ।

ଦେଶରେ ଅନୁକୂଳ ପରିବେଶ କାରଣରୁ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ସଂଖ୍ୟା ବୃଦ୍ଧି ପାଉଛି। ୬ଟି ଅନୁମୋଦିତ ପ୍ରକଳ୍ପ ପୂର୍ବରୁ କାର୍ଯ୍ୟକାରିତାର ବିଭିନ୍ନ ପର୍ଯ୍ୟାୟରେ ଅଛି। ଆଜି ଅନୁମୋଦିତ ଏହି ଚାରୋଟି ପ୍ରସ୍ତାବ ସିକସେମ୍ (ଏସଆଇସିଏସଇଏମ), କଣ୍ଟିନେଣ୍ଟାଲ ଡିଭାଇସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ସିଡିଆଇଏଲ), ଥ୍ରୀଡି ଗ୍ଲାସ୍ ସଲ୍ୟୁସନ୍ସ ଇନକର୍ପୋରେଟେଡ୍ ଏବଂ ଆଡଭାନ୍ସଡ୍ ସିଷ୍ଟମ୍ ଇନ୍ ପ୍ୟାକେଜ୍ (ଏସଆଇପି) ଟେକ୍ନୋଲୋଜିଠାରୁ ମିଳିଛି। ଏହି ୪ଟି ଅନୁମୋଦିତ ପ୍ରସ୍ତାବ ଦ୍ୱାରା ପ୍ରାୟ ୪,୬୦୦ କୋଟି ଟଙ୍କାର ମୋଟ୍ ନିବେଶ ସହିତ ସେମିକଣ୍ଡକ୍ଟର ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯିବ। ୨୦୩୪ କୁଶଳୀ ପେସାଦାରଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଦୂରସଞ୍ଚାର, ଯାନବାହନ, ଡାଟାସେଣ୍ଟର, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ଏବଂ ଶିଳ୍ପ ଇଲେକ୍ଟ୍ରୋନିକ୍ସରେ ସେମିକଣ୍ଡକ୍ଟରର ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି, ଏହି ୪ଟି ନୂତନ ଅନୁମୋଦିତ ସେମିକଣ୍ଡକ୍ଟର ପ୍ରକଳ୍ପ ଆତ୍ମନିର୍ଭର ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଓଡ଼ିଶାରେ ସିକସେମ୍ ଏବଂ ଥ୍ରୀଡି ଗ୍ଲାସ୍ ପ୍ରକଳ୍ପ ପ୍ରତିଷ୍ଠା କରାଯିବ। ସିଡିଆଇଏଲ ପଞ୍ଜାବରେ ଏବଂ ଏଏସଆଇପି ଆନ୍ଧ୍ରପ୍ରଦେଶରେ ପ୍ରକଳ୍ପ ପ୍ରତିଷ୍ଠା କରିବେ।

ସିକସେମ୍ ପ୍ରାଇଭେଟ୍ ଲିମିଟେଡ୍ ଭୁବନେଶ୍ୱରସ୍ଥିତ ଇନଫୋଭ୍ୟାଲିରେ ବ୍ରିଟେନର କ୍ଲାସ୍-ସିକ୍ ୱେଫର ଫ୍ୟାବ୍ ଲିମିଟେଡ୍ ସହ ମିଶି ସିଲିକନ କାର୍ବାଇଡ୍ (ଏସଆଇସି) ଆଧାରିତ କମ୍ପାଉଣ୍ଡ ସେମିକଣ୍ଡକ୍ଟର୍ସର ଗୋଟିଏ ସମନ୍ୱିତ ଅତ୍ୟାଧୁନିକ ପ୍ୟାକେଜିଂ ୟୁନିଟ୍ ପ୍ରତିଷ୍ଠାନ କରାଯିବ। ଏହା ଦେଶର ପ୍ରଥମ ବ୍ୟବସାୟିକ କମ୍ପାଉଣ୍ଡ ଫ୍ୟାବ୍ରିକେସନ ୟୁନିଟ୍ ହେବ। ଏହା ଉନ୍ନତ ପ୍ୟାକେଜିଂ ସେମିକଣ୍ଡକ୍ଟର ଶିଳ୍ପରେ ପରବର୍ତ୍ତୀ ପିଢ଼ିର ଦକ୍ଷତା ଆଣିବ। ଏହି ପ୍ରକଳ୍ପରେ ପ୍ୟାସିଭ୍ ଏବଂ ସିଲିକନ୍ ବ୍ରିଜ୍ ସହିତ ଗ୍ଲାସ୍ ଇଣ୍ଟରପୋଜର୍ ଏବଂ ଥ୍ରୀଡି ହେଟେରୋଜେନିୟସ୍ ଇଣ୍ଟିଗ୍ରେସନ୍ (ଥ୍ରୀଡିଏଚଆଇ) ମଡ୍ୟୁଲ୍ ସମେତ ବିଭିନ୍ନ ପ୍ରକାରର ଉନ୍ନତ ପ୍ରଯୁକ୍ତିବିଦ୍ୟା ରହିବ। ଏହି ୟୁନିଟ୍‌ର ଯୋଜନାବଦ୍ଧ କ୍ଷମତା ପ୍ରାୟ ୬୯,୬୦୦ ଗ୍ଲାସ୍ ପ୍ୟାନେଲ୍ ସବଷ୍ଟ୍ରେଟ୍, ୫୦ ନିୟୁତ ଆସେମ୍ବଲ୍ ୟୁନିଟ୍ ଏବଂ ବାର୍ଷିକ ୧୩,୨୦୦ ଥ୍ରୀଡିଏଚଆଇ ମଡ୍ୟୁଲ୍ ହେବ। ପ୍ରସ୍ତାବିତ ଉତ୍ପାଦଗୁଡ଼ିକର ପ୍ରତିରକ୍ଷା, ଉଚ୍ଚ-ପ୍ରଦର୍ଶନକାରୀ କମ୍ପ୍ୟୁଟିଂ, କୃତ୍ରିମ ବୁଦ୍ଧିମତ୍ତା, ଆରଏଫ ଏବଂ ଅଟୋମୋଟିଭ୍, ଫଟୋନିକ୍ସ ଏବଂ ସହ-ପ୍ୟାକେଜ୍ ଅପ୍ଟିକ୍ସ ଇତ୍ୟାଦିରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ କରାଯିବ। ଏଠାରେ ସୂଚନାଯୋଗ୍ୟ ଯେ, ୨୦୨୩ରେ ନବୀନ ସରକାରଙ୍କ ଅମଳରେ ସ୍ୱତନ୍ତ୍ର ସେମିକଣ୍ଡକ୍ଟର ନୀତି ଅଣାଯାଇଥିଲା। ଏଥିରେ ରାଜ୍ୟରେ ସେମିକଣ୍ଡକ୍ଟର ଶିଳ୍ପ ସ୍ଥାପନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ମୁଖ୍ୟ ଲକ୍ଷ୍ୟ ଥିଲା। ଏହାଛଡ଼ା ସେମିକଣ୍ଡକ୍ଟର ୟୁନିଟ୍ ସ୍ଥାପନ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ ପ୍ରଥମେ ୨୦୨୩ରେ ଇଲେକ୍ଟ୍ରୋନିକ୍ ଆଣ୍ଡ ସେମିକଣ୍ଡକ୍ଟର ସଂଘ (ଆଇଇଏସ୍‌ଏ) ସହ ୩ଟି ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ।

# ମହିଳା ଅସୁରକ୍ଷିତ, ଓଡ଼ିଶା ନିନ୍ଦିତ; ସରକାର 'ସୁଭଦ୍ରା'ରେ ବ୍ୟସ୍ତ: ବିଜେଡି

ଭୁବନେଶ୍ୱର,୧୨।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଅଞ୍ଚଳରେ ଜଣେ ଦଳିତ ନାବାଳିକାକୁ ଗଣଦୁଷ୍କର୍ମ ଘଟଣାରେ ପୁଣିଥରେ ସରକାରଙ୍କୁ ଘେରିଛି ବିଜେଡି। ଏପରି ଗୋଟିଏ ପରେ ଗୋଟିଏ ଘଟଣା, ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଏବଂ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି ବୋଲି ସ୍ପଷ୍ଟ ଦର୍ଶାଉଛି ବୋଲି ଦଳ ଅଭିଯୋଗ କରିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ଅପାରଗତା ଦାୟୀ ବୋଲି ଆଜି ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଧ୍ରୁବ ଚରଣ ସାହୁ ଓ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି। ରାଜ୍ୟରେ ଛାତ୍ରୀ ଓ ମହିଳାମାନଙ୍କ ଉପରେ ନିର୍ଯାତନା ଓ ଦୁଷ୍କର୍ମ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ବେଳେ ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଦୁହେଁ କହିଛନ୍ତି।

ବିଧାୟକ ଧ୍ରୁବଚରଣ ସାହୁ କହିଥିଲେ, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ରାଜ୍ୟରେ ନିତିଦିନିଆ ଘଟଣା ପାଲଟିଛି। ରାକ୍ଷୀପୂର୍ଣ୍ଣିମା ଦିନ ରାଜନଗର ଅଞ୍ଚଳରେ ଜଣେ ଦଳିତ ନାବାଳିକା ତାର ପିଉସା ସହ ଭାଲୁକୁଣୀ ମୂର୍ତ୍ତି କିଣିବାକୁ ଯିବା ସମୟରେ ତାଙ୍କୁ ଗୋଟିଏ ନିକାଞ୍ଚନ ଜାଗାକୁ ନେଇ ୫ ଜଣ ଦୁର୍ବୃତ୍ତ ଗଣଦୁଷ୍କର୍ମ କରିବା ସହିତ ଭିଡିଓ ଉତ୍ତୋଳନ କଲେ। ପୀଡ଼ିତାଜଣଙ୍କ ଭୟଭୀତ ହୋଇ ଘଟଣା ସମ୍ପର୍କରେ କାହା ଆଗରେ ପ୍ରକାଶ କରିବାକୁ ସାହସ କରିପାରି ନଥିଲା। ଦୁର୍ବୃତ୍ତମାନେ ସେହି ଭିଡିଓକୁ ଭାଇରାଲ କରିବାକୁ ଉଦ୍ୟମ କରିଥିଲେ। ପୀଡ଼ିତାଙ୍କ ଭାଇଙ୍କ ନଜରରେ ଏହି ଭିଡିଓ ଆସିବା ପରେ ପରିବାରଲୋକ ଏହି ଘଟଣା ବିଷୟରେ ଅବଗତ ହୋଇ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ। ରାଜ୍ୟର ଗୃହ ବିଭାଗ ଦାୟିତ୍ୱ ମୁଖ୍ୟମନ୍ତ୍ରୀଙ୍କ ହାତରେ ରହିଥିଲେ ମଧ୍ୟ ଆଇନଶୃଙ୍ଖଳା ପରିସ୍ଥିତି ଓ ମହିଳା ସୁରକ୍ଷା ସ୍ଥିତିରେ ସୁଧାର ଆସୁନାହିଁ। ମହିଳାମାନଙ୍କ ବିକାଶ ପାଇଁ ସରକାର କେବଳ ସୁଭଦ୍ରା ସୁଭଦ୍ରା



ପ୍ରଚାର କରୁଛନ୍ତି। କିନ୍ତୁ ବାସ୍ତବରେ ସରକାରଙ୍କ ଏହି ପ୍ରଚାର ମହିଳା ମାନଙ୍କ ପାଇଁ ଏକ ଉପହାସରେ ପରିଣତ ହୋଇଛି।

ଡ. ଲେନିନ୍ ମହାନ୍ତି କହିଥିଲେ ଯେ ଗୋଟିଏ ମାସ ଭିତରେ ଚାରି ଚାରି ଜଣ ଛାତ୍ରୀ ପୋଡ଼ି ହୋଇ ମରିଥିବା ବେଳେ ଆଜି ମଧ୍ୟ ଭୁବନ ଅଞ୍ଚଳରେ ଜଣେ ମହିଳା ୫୦ପ୍ରତିଶତ ପୋଡ଼ି ହୋଇ ହସ୍ପିଟାଲରେ ଭର୍ତ୍ତି ହେବା ଭଳି ଏକ ହୃଦୟବିଦାରକ ଖବର ସାମ୍ନାକୁ ଆସିଛି। ରାଜ୍ୟରେ ମହିଳା ଅସୁରକ୍ଷିତ ବୋଲି ଜାତୀୟ ଗଣମାଧ୍ୟମରେ ବାରମ୍ବାର ଚର୍ଚ୍ଚା ହେଉଥିବାରୁ ଓଡ଼ିଶା ଲଜ୍ଜିତ ଓ ନିନ୍ଦିତ ହେଉଛି। ରାଜ୍ୟ ସରକାରଙ୍କ ସମ୍ବେଦନହୀନତା ଓ ଅପାରଗପଣିଆ ଯୋଗୁଁ ଅପରାଧୀମାନେ ଭୟମୁକ୍ତ ହୋଇ ଅପରାଧ ଘଟାଉଛନ୍ତି। ସରକାରଙ୍କ ନିଦ ଭାଙ୍ଗୁ ଓ ଆଇନ ଶୃଙ୍ଖଳା ସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଡ. ମହାନ୍ତି ଦାବି କରିଛନ୍ତି।

■ ଜ୍ୟୋତି, ଶୁଭ୍ରଙ୍କୁ ରିମାଣ୍ଡରେ ନେଲା କ୍ରାଇମ୍‌ବ୍ରାଞ୍ଚ

# ଆତ୍ମଦାହ ପୂର୍ବରୁ ସୌମ୍ୟାଶ୍ରୀଙ୍କ ସହ ୧୯ ଥର କଥା ହୋଇଥିଲେ

■ ଫକୀରମୋହନ କଲେଜ ଛାତ୍ରୀ ଆତ୍ମଦାହ ଘଟଣା
■ ଜେଲ୍‌ରେ ପଚାରଉଚରା

ବାଲେଶ୍ୱର, ୧୨।୮ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାରେ ଗିରଫ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଅଣଛାତ୍ର ଶୁଭ୍ରସମ୍ବିତ ନାୟକଙ୍କୁ କ୍ରାଇମବ୍ରାଞ୍ଚ ତିନିଦିନିଆ ରିମାଣ୍ଡରେ ନେଇଛି। ଉଭୟ ଏବିଭିପିର ସକ୍ରିୟସଦସ୍ୟ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କ୍ରାଇମବ୍ରାଞ୍ଚ ସେମାନଙ୍କୁ ଜେଲରୁ ବାହାରକୁ ନଆଣି ସେହିଠାରେ ହିଁ ଜେରା କରିଛି।

ଆଜି କ୍ରାଇମବ୍ରାଞ୍ଚ ଡିଏସ୍‌ପି ଇମାମ କଲ୍ୟାଣ ନାୟକଙ୍କ ସମେତ ଇନ୍ସପେକ୍ଟର ପାଞ୍ଚାଳି ରାଉତଙ୍କ ସହ ୬ଜଣିଆ ଟିମ୍ ଜେଲ ପରିସରକୁ ଯାଇଥିଲେ। ସେଠାରେ ଗିରଫ ଦୁଇଛାତ୍ରଙ୍କୁ ଓକିଲଙ୍କ ସମ୍ମୁଖରେ ପଚରାଉଚରା କରାଯାଇଥିଲା। ସୌମ୍ୟାଶ୍ରୀ ଆତ୍ମଦାହ କରିବା ପୂର୍ବରୁ ଏହି ଦୁଇ ଛାତ୍ର ତାଙ୍କ ସହ ପାଖାପାଖି ୧୯ଥର କଥା ହୋଇଥିଲେ ବୋଲି କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। କ୍ରାଇମବ୍ରାଞ୍ଚ ଏହାର ଭଏସ୍ ରେକର୍ଡିଂ ସଂଗ୍ରହ କରିଛି। ଏହି ରେକର୍ଡିଂକୁ ଷ୍ଟେଟ୍ ଫୋରେନସିକ ଲ୍ୟାବକୁ ଯାଞ୍ଚ ପାଇଁ ପଠାଯିବ। କ୍ରାଇମବ୍ରାଞ୍ଚ ଟିମ୍ ଜେଲ ମଧ୍ୟରେ ପାଖାପାଖି ୨ଘଣ୍ଟାରୁ ଅଧିକ ସମୟ ଧରି ଦୁଇ ଛାତ୍ର ନେତାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲା। ସୂଚନାଯୋଗ୍ୟ, ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପଛରେ ଏହି ଦୁଇ ଛାତ୍ରଙ୍କ ହାତ ରହିଥିବାର ପ୍ରମାଣ ପାଇବା ପରେ କ୍ରାଇମବ୍ରାଞ୍ଚ ଗତ ୩ ତାରିଖରେ ସେମାନଙ୍କୁ ଗିରଫ କରିଥିଲା। ତେବେ କ୍ରାଇମବ୍ରାଞ୍ଚ ଅଧିକ ତଥ୍ୟ ହାସଲ କରିବା ଉଦ୍ଦେଶ୍ୟରେ ଗିରଫ ଦୁଇ ଛାତ୍ରକୁ ତିନିଦିନ ପାଇଁ ରିମାଣ୍ଡରେ ନେଇଛି।

# ତୁଟୁନାହିଁ ସ୍କିମାଟିକ୍ ଦ୍ୱନ୍ଦ୍ୱ

■ ନିଯୁକ୍ତି ପାଇଁ ସମନ୍ୱୟ ବୈଠକରେ ଆଲୋଚନା
■ ୬୬୬୯ ପଦରେ ନିୟମିତ ଶିକ୍ଷକ ନିଯୁକ୍ତି ଦାବି

ଭୁବନେଶ୍ୱର,୧୨।୮ (ସମିସ): କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ଉଚ୍ଛେଦ ନେଇ ଘଡ଼ିକେ ଘୋଡ଼ା ଛୁଟୁଛି। ସ୍କିମାଟିକ୍ ଶିକ୍ଷକ ଉଚ୍ଛେଦ ପାଇଁ ସରକାରଙ୍କ ଆଭିମୁଖ୍ୟ ନେଇ ଆଶଙ୍କା ବଢ଼ିବାରେ ଲାଗିଛି। ଗତ ୨ତାରିଖରେ ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ୍ ଶିକ୍ଷକ ଉଚ୍ଛେଦ ପାଇଁ ପ୍ରସ୍ତାବ ପାରିତ ହେଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଲା। ଏହାର ମାତ୍ର ଦୁଇଦିନ ପରେ ବିଭାଗୀୟ ୱେବସାଇଟ୍‌ରୁ ବିଜ୍ଞପ୍ତି ଉଭେଇଗଲା। ୭ ତାରିଖରେ ବିଜ୍ଞପ୍ତିକୁ ବିଧିବଦ୍ଧ ଭାବରେ ପ୍ରତ୍ୟାହାର କରି ନିଆଗଲା। ମାତ୍ର ଏବେ ପୁଣି ବିଭାଗୀୟ ସମନ୍ୱୟ ବୈଠକରେ ଏନେଇ ଆଲୋଚନା ହୋଇଥିବାରୁ ରାଜ୍ୟର ପ୍ରାୟ ୧୬ ହଜାର ସ୍କିମାଟିକ୍ ଶିକ୍ଷକଙ୍କ ହୃଦସ୍ପନ୍ଦନ ପୁଣିଥରେ ବଢ଼ିଛି।

ଜୁଲାଇ ୩୦ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମନ୍ୱୟ ବୈଠକରେ ବିଭିନ୍ନ ନିର୍ଦ୍ଦେଶାଳୟ, ଓସେପା, ଆଦର୍ଶ ବିଦ୍ୟାଳୟ ଓ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ସମେତ ବିଭାଗର ବିଭିନ୍ନ ଶାଖାରେ ଖାଲି ଥିବା ଅଣଶିକ୍ଷକ ଏବଂ ଶିକ୍ଷକ ପଦ ସମ୍ପର୍କରେ ଆଲୋଚନା କରାଯାଇଛି। କେଉଁ କାର୍ଯ୍ୟାଳୟରେ କେତେ ପଦ ଖାଲି ରହିଛି ଏବଂ କେତେ ସଂଖ୍ୟକ ପଦରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯାଇଛି, ତାହାର ବିସ୍ତୃତ ତଥ୍ୟ ଉପସ୍ଥାପନ କରାଯାଇଛି। ତନ୍ମଧ୍ୟରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ବା ଓସେପା ଅଧୀନରେ ପ୍ରାୟ ୬୬୬୯ ପଦ ଫାଙ୍କା ରହିଥିବା ଦର୍ଶାଯାଇଛି।

ପୂର୍ବ ସରକାର ସମୟରେ ୨୦ହଜାର କନିଷ୍ଠ ସ୍କିମାଟିକ୍ ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ହୋଇଥିଲା। ନିଯୁକ୍ତି ପରେ ଖାଲି ରହିଯାଇଥିବା ୬୬୬୯ ପଦରେ ପୁନଃ ନିଯୁକ୍ତି ପାଇଁ ଆଲୋଚନା କରାଯାଇଛି। ଏ ସମ୍ପର୍କିତ ଏକ ରିଭ୍ୟୁ ପିଟିସନ୍ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି। ଅଦାଲତଙ୍କ ରାୟ ପରେ ଫାଙ୍କା ରହିଥିବା ପଦରେ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ସମ୍ମତି ହୋଇଥିବା ବିଭାଗ ସୂତ୍ରରୁ ସୂଚନା ମିଳିଛି। ଅର୍ଥାତ୍ ପୁଣିଥରେ କନିଷ୍ଠ ସ୍କିମାଟିକ୍ ଶିକ୍ଷକ ନିଯୁକ୍ତି କରିବାକୁ ଗଣଶିକ୍ଷା ବିଭାଗ ପ୍ରକ୍ରିୟା ଆରମ୍ଭ କରିପାରେ। ଗୋଟିଏ ପଟେ ସ୍କିମାଟିକ୍ ଉଚ୍ଛେଦ ପାଇଁ ପ୍ରସ୍ତାବ ପାରିତ ହେଉଥିବାବେଳେ ଅନ୍ୟପଟେ ସ୍କିମାଟିକ୍ ଶିକ୍ଷକ ନିଯୁକ୍ତି ପାଇଁ ଆଲୋଚନା ହେବା ସରକାରଙ୍କ ଦୋମୁହାଁ ନୀତି ବୋଲି ଶିକ୍ଷକ/ଶିକ୍ଷୟତ୍ରୀମାନେ ଅଭିଯୋଗ କରିଛନ୍ତି। ସରକାର ସ୍କିମାଟିକ୍ ଉଚ୍ଛେଦ ପାଇଁ ପ୍ରତିଶ୍ରୁତି ଦେଇ ପୁଣି ଥରେ ସ୍କିମାଟିକ୍ ଶିକ୍ଷକ ନିଯୁକ୍ତି କରିବାକୁ ଏକାଧିକ ପ୍ରାଥମିକ ଶିକ୍ଷକ ସଂଘ ମଧ୍ୟ ବିରୋଧ କରିଛନ୍ତି। ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ୍ ପରି ସମସ୍ତ ପ୍ରକାର ଠିକା ନିଯୁକ୍ତି ଉଚ୍ଛେଦ କରିବାକୁ ଶିକ୍ଷକ ସଂଗଠନମାନେ ଦାବି ଦୋହରାଇଛନ୍ତି।

# ଏକ ସମୃଦ୍ଧ ଭବିଷ୍ୟତର ନୀଳନକ୍ସା ଏମ୍‌ବିଆର୍‌ଆଇସି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଓଡ଼ିଶା ମେରାଇନ ବାୟୋଟେକ୍ନୋଲୋଜି ଗବେଷଣା ଓ ନବସୃଜନ କରିଡର (ଓଏମବିଆରଆଇସି) ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା ପରିବେଶ ସୁରକ୍ଷା, ବିଜ୍ଞାନଭିତ୍ତିକ ପର୍ଯ୍ୟଟନ, ନିବେଶ ଓ ନିଯୁକ୍ତି ଏବଂ ଉପକୂଳବର୍ତ୍ତୀ ଅଞ୍ଚଳର ଜନସାଧାରଣଙ୍କ ଜୀବିକା ଉପାର୍ଜନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦିଆଯାଇପାରିବ। ଲୋକସେବା ଭବନରେ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ଅଧୀନସ୍ଥ ଜାତୀୟ ମହାସାଗର ପ୍ରଯୁକ୍ତିବିଦ୍ୟା ସଂସ୍ଥାନ(ଏନଆଇଓଟି) ମଧ୍ୟରେ ଏକ ଗବେଷଣା ଓ ବିକାଶ ସହଯୋଗ ସ୍ମାରକପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଏହାସହ



ଆଇଆଇଟି ଭୁବନେଶ୍ୱର, ଏନଆଇଟି ରାଉରକେଲା, ଆଇଜର ବ୍ରହ୍ମପୁର, ଆଇଏଲଏସ ଭୁବନେଶ୍ୱର, ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ଓ ଫକୀର ମୋହନ ବିଶ୍ୱ ବିଦ୍ୟାଳୟ ପ୍ରମୁଖ ଗବେଷଣା ଓ ବିକାଶ ସହାୟତା ପ୍ରଦାନ କରିବା ପାଇଁ ଓଡ଼ିଶା ସରକାର ସହିତ ଏମଓୟୁ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଅନନ୍ୟ ପ୍ଲାଟଫର୍ମ କେବଳ ଓଡ଼ିଶା ନୁହେଁ; ସମଗ୍ର ଦେଶ ଓ ବିଶ୍ୱ ପାଇଁ ବିଜ୍ଞାନ ସମୁଦାୟ ଏବଂ ନବସୃଜନ ପାଇଁ ଆଶାର ଆଲୋକ ହେବ। ଏହା ଆମର ନୀଳ ଅର୍ଥନୀତିକୁ ରୂପାନ୍ତରିତ କରି ଦେଶର ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରିବ। ଓଏମବିଆରଆଇସି କେବଳ ଏକ ଗବେଷଣା କାର୍ଯ୍ୟକ୍ରମ ନୁହେଁ। ଏହା ଏପରି ଏକ ପ୍ଲାଟଫର୍ମ ଅଟେ ଯେଉଁଠାରେ ଓଡ଼ିଶାର ଯୁବ ଉଦ୍ୟୋଗୀମାନେ ସ୍ଥାନୀୟ ସମ୍ବଳକୁ ବିନିଯୋଗ କରି ବିଶ୍ୱସ୍ତରୀୟ ମେରାଇନ ବାୟୋଟେକ ଷ୍ଟାର୍ଟଅପ ନିର୍ମାଣ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମଧ୍ୟ ଏହି ଅବସରରେ ବକ୍ତବ୍ୟ ରଖିଥିଲେ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପ୍ରମୁଖ ସଚିବ ଚିତ୍ରା ଅରୁମୁଗମ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଅତିରିକ୍ତ ସଚିବ ପୂଜା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଗଣଶିକ୍ଷା ବିଭାଗରେ ୨୧,୮୫୨ ପଦ ଫାଙ୍କା

ଭୁବନେଶ୍ୱର,୧୨।୮ (ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ତ୍ୱରିତ ହେବ ନିଯୁକ୍ତି ପ୍ରକ୍ରିୟା। ଖାଲି ଥିବା ଶିକ୍ଷକ ଓ ଅଣଶିକ୍ଷକ ପଦରେ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରିଛି ବିଭାଗ। ବିଭିନ୍ନ କାର୍ଯ୍ୟାଳୟରେ ଖାଲି ଥିବା ୨୧,୮୫୨ ପଦରେ ନିଯୁକ୍ତି ପାଇଁ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ୭,୪୬୩ ପଦରେ ନିଯୁକ୍ତି ପାଇଁ ବିଭିନ୍ନ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଙ୍କୁ ଅବଗତ କରାଯାଇଛି। ଏନେଇ ଜୁଲାଇ ୩୦ ତାରିଖରେ ବସିଥିବା ବିଭାଗୀୟ ସମନ୍ୱୟ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ରେ ୧୮୨୯ଟି ପଦ ଖାଲି ଅଛି। ତନ୍ମଧ୍ୟରୁ ୧୭୦୬ଟି ପଦରେ ନିଯୁକ୍ତି ପାଇଁ ପ୍ରଶାସନିକ ଅନୁମୋଦନ ଅପେକ୍ଷାରେ ରହିଛି। ଅଗଷ୍ଟ ଶେଷ ସୁଦ୍ଧା ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ସ୍ପଷ୍ଟ କରାଯାଇଛି। ସେହିପରି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରେ ୯୪୩୪ ସରକାରୀ ପଦ ଖାଲି ରହିଛି। ତନ୍ମଧ୍ୟରୁ ୬୦୨୫ଟି ପଦରେ ନିଯୁକ୍ତି ପାଇଁ ପ୍ରସ୍ତାବ ରହିଛି। ୬୧୧ ଜୁନିଅର୍ ଆସିଷ୍ଟାଣ୍ଟ ପଦ ସମେତ ୨୭୯୮ ଶିକ୍ଷକ ପଦରେ ନିଯୁକ୍ତି ପାଇଁ ଓଡ଼ିଶା କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ସି) ସେପ୍ଟେମ୍ବର ମାସରେ ପ୍ରକ୍ରିୟା ଆରମ୍ଭ କରିବ। ଅନୁରୂପ ଭାବେ ୧୮୨୩ଟି ବେସରକାରୀ ଅନୁଦାନପ୍ରାପ୍ତ ପଦ ମଧ୍ୟରେ ନିଯୁକ୍ତି ପାଇଁ ଏସ୍‌ଏସ୍‌ବି ପ୍ରକ୍ରିୟା କରିବ। ବିଭାଗରେ ଖାଲି ଥିବା ୪୪ଟି ପଦ ମଧ୍ୟରୁ ୨୬ ଟି ଓଡ଼ିଶା ଶିକ୍ଷା ସେବା(ଓଇଏସ) ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପରୀକ୍ଷା କରିବ ଏବଂ ୧୮ ଟି ଗ୍ରୁପ୍ ଡି ପଦ ଆର୍‌ଏ ମାଧ୍ୟମରେ ପୂରଣ କରାଯିବ। ସେହିପରି କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ମଧ୍ୟ ନିଯୁକ୍ତି କରିବାକୁ ନିଷ୍ପତ୍ତି ହୋଇଛି। ପୂରଣ ହୋଇନଥିବା ୬୬୬୯ ଟି ପଦରେ ନିଯୁକ୍ତି ପାଇଁ ଉଚ୍ଚ ନ୍ୟାୟାଳୟରେ ରିଭ୍ୟୁ ପିଟିସନ୍ ଦାୟର ହୋଇଛି।

# ଆଜି ବଙ୍ଗୋପସାଗରରେ ଲଘୁଚାପ

ଭୁବନେଶ୍ୱର,୧୨।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ବୁଧବାର ଏକ ଲଘୁଚାପ ସୃଷ୍ଟି ହେବ। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶା ସହ କେନ୍ଦ୍ରୀୟ ଓଡ଼ିଶାରେ ବର୍ଷା ନେଇ ଆଶଙ୍କା ରହିଛି। ଘୂର୍ଣ୍ଣିବଳୟ ପ୍ରଭାବରେ ମଙ୍ଗଳବାର ରାଜ୍ୟର କିଛି ସ୍ଥାନରେ ବର୍ଷା ଆରମ୍ଭ ହୋଇଛି। ବୁଧବାର କୋରାପୁଟ ଓ ମାଲକାନଗିରିରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ। ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ଗଜପତି, ବଲାଙ୍ଗିର ଓ ନୂଆପଡ଼ାରେ ମଧ୍ୟ ପ୍ରବଳ ବର୍ଷା ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଯଥାକ୍ରମେ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରିଛି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ) ରେ କ୍ଲରିକାଲ କ୍ୟାଡରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲ୍‌ସ) ର ନିଯୁକ୍ତି

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲ୍‌ସ) ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡ଼ିକ ଆମନ୍ତ୍ରଣ କରାଯାଉଛି

ଖାଲି ପଦବୀ ସଂଖ୍ୟା:
ନିୟମିତ : 5180 + ବ୍ୟାକଲଗ୍ : 403

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ https://bank.sbi/web/careers/current_openings ରେ ବିଜ୍ଞାପନ ନମ୍ବର CRPD/CR/2025-26/06 ଅଧୀନରେ ଉପଲବ୍ଧ। ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 06.08.2025 ରୁ 26.08.2025 ପର୍ଯ୍ୟନ୍ତ।

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ https://bank.sbi/web/careers/current_openings ରେ ଉପଲବ୍ଧ।

ସ୍ଥାନ: ମୁମ୍ବାଇ
ତାରିଖ: 06.08.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)



## ବଦଳିବ ଅନୁଗୋଳର ନକ୍ସା

# ସହର ଭିତରେ ଖୋଲିବ କେନାଲ ବାଇପାସ୍

ଅନୁଗୋଳ, ୧୨।୮ (ସମିସ)



ଡିଷ୍ଟ୍ରିକ୍ଟ ଅର୍ବାନ ଡେଭଲପମେଣ୍ଟ ଏଜେନ୍ସିର ଗତ ଜୁଲାଇ ମାସରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଅନୁଗୋଳ ଜିଲ୍ଲାର ବିଭିନ୍ନ ଅର୍ବାନ ଲୋକାଲ ବଡି, ଜଳସେଚନ, ଆର ଆଣ୍ଡ ବି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ■ ଉଚ୍ଛେଦ ହେବ ଜବରଦଖଲ

ବୈଠକରେ ଅନୁଗୋଳର ବିକାଶ ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମ ନିଷ୍ପତ୍ତି ଅନୁସାରେ କୁମଣ୍ଡ ହାଇସ୍କୁଲଠାରୁ କେନାଲ ରାସ୍ତା ଦେଇ ଡେର୍ଜାଙ୍ଗ ସାହି, ଶାକସିଂହା, ସୁଲେଇମାଳ, କୁରୁଡୋଲ, କାଣ୍ଡସର ଦେଇ ନାଲକୋ ଯାଏଁ ରାସ୍ତା ବାହାର କରାଯିବ। ସେହିଭଳି କୁମଣ୍ଡରୁ କେନାଲ ରାସ୍ତା ଦେଇ ଜରାସିଂହା, ମଝିକା, ବେଣାଗାଡ଼ିଆ, ଡେରଜାଙ୍ଗ ପ୍ରକଳ୍ପ, ହରିବେରଣୀ, ରନ୍ତଲେଇ, ପଞ୍ଚମହଲା ପର୍ଯ୍ୟନ୍ତ ରାସ୍ତା ବାହାର କରାଯିବ। ଅନୁଗୋଳ ଟାଉନ ଉଚ୍ଚ ବିଦ୍ୟାଳୟଠାରୁ ଅନୁଗୋଳ ରେଳ ଷ୍ଟେସନ ଯାଏଁ ପ୍ରାୟ ଅଢ଼େଇ କିମି କେନାଲ ରାସ୍ତାର ପୁନରୁଦ୍ଧାର କରାଯିବ। ସେହିଭଳି ଭଣ୍ଡୁବର ଛକରୁ କେନାଲ ରାସ୍ତାରେ ଅମଲାପଡ଼ା ଦେଇ ନୂଆବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତା ବାହାର କରାଯିବ। ଭଣ୍ଡୁବର କେନାଲ ବ୍ରିଜଠାରୁ ଅନୁଗୋଳ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ଯାଏଁ କେନାଲ ଦୁଇ ପାଖରେ ରାସ୍ତାବାହାର କରାଯିବ। ତେବେ ଅନୁଗୋଳର କେନାଲ ରାସ୍ତା ସବୁକୁ କିଛି ଲୋକ ଜବରଦଖଲ କରି ଘରକରି ରହିଥିବା ବେଳେ ଆଉ କିଛି ଲୋକ ଭଡ଼ାରେ ଦେଇଛନ୍ତି। ମ୍ୟୁନିସିପାଲିଟି, ଜଳସେଚନ ଏବଂ ଆର ଆଣ୍ଡ ବି ବିଭାଗ ମିଳିତ ଉଦ୍ୟମରେ ରାସ୍ତାରୁ ଜବରଦଖଲ ଉଚ୍ଛେଦ କରାଯିବ। ଏହିସବୁ ବାଇପାସ ରାସ୍ତା ଦ୍ୱାରା ଅନୁଗୋଳ ସହର ଭିତରେ ଟ୍ରାଫିକ ଜାମ୍ ସମସ୍ୟା ନିଶ୍ଚିତ ଭାବେ କମିବ। ଡିଏମଏଫ୍ ସହଯୋଗରେ ଏହି ସବୁ ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ କେତେ ଜାଗା ଜବରଦଖଲ ହୋଇଛି ଏବଂ କେତେ ଲୋକ ଜବରଦଖଲ କରିଛନ୍ତି ତାହାର ଡ୍ରୋନ ସର୍ଭେ କରାଯିବା ସହ ଗୁପ୍ତ ତାଲିକା ପ୍ରସ୍ତୁତି ଚାଲିଛି। ଅନୁଗୋଳର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଠିକଣା ସମୟରେ ଠିକଣା ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ।

### ■ ନଈରେ ବୁଡ଼ି ଭିନ୍ନକ୍ଷମ ଛାତ୍ରୀଙ୍କ ମୃତ୍ୟୁ ଘଟଣା

# ସହାୟତା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କଲେ ମା’



ନାଲକୋ ନଗର, ୧୨।୮ (ସମିସ): ବଣଁରପାଳ ବ୍ଲକ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ଜନ ଶୁଣାଣି ଶିବିରରେ ପହଞ୍ଚି ଜଣେ ମହିଳା ତାଙ୍କ ଝିଅର ମୃତ୍ୟୁକାଳୀନ ଅନୁକମ୍ପା ସହାୟତା ପ୍ରଦାନ କରିବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ, ୨୦୨୨ ଜୁନ ୨୨ରୁ ନାଲକୋ ଥାନା ବଳରାମପ୍ରସାଦସ୍ଥିତ ନକୁଳ ଚନ୍ଦ୍ର ସ୍ୱତନ୍ତ୍ର ମୂକବଧିର ଆବାସିକ ବିଦ୍ୟାଳୟରୁ ଜଣେ ୮ବର୍ଷ ବୟସ୍କ ଛାତ୍ରୀ ନିଖୋଜ ହୋଇଥିଲେ। ନିଖୋଜର ୧୫ ଦିନ ପରେ ତାଙ୍କ ମୃତଦେହ ନିକଟସ୍ଥ ନନ୍ଦିରା ଜୋରରୁ ଉଦ୍ଧାର କରାଯାଇଥିଲା। ମୃତ ଛାତ୍ରୀ ଜଣକ ହେଲେ ଅନୁଗୋଳ ବ୍ଲକ କାଙ୍ଗୁଲା ପଞ୍ଚାୟତ ନୂଆସାହିର ଦିନମଜୁରିଆ ପାଣ୍ଡବ ବିଶ୍ୱାଳ ଏବଂ ସୁଶୀଳା ବିଶ୍ୱାଳ ବଡ଼ଝିଅ ଇତିଶ୍ରୀ ବିଶ୍ୱାଳ। ଇତିଶ୍ରୀ ଜନ୍ମରୁ ଭିନ୍ନକ୍ଷମ। ସେ ଠିକ ଭାବେ କଥା କହିପାରୁ ନ ଥିଲେ କିମ୍ବା ଠିକଭାବେ ଶୁଣିପାରୁ ନ ଥିଲେ। ଝିଅକୁ ପାଠ ପଠାଇ ମଣିଷ କରିବାକୁ ବାପାମା’ ନକୁଳ ଚନ୍ଦ୍ର ସ୍ୱତନ୍ତ୍ର ମୂକବଧିର ଓ ଦୃଷ୍ଟିବାଧିତ ଆବାସିକ ବିଦ୍ୟାଳୟରେ ନାମ ଲେଖାଇଥିଲେ। ସେ ୩ୟ ଶ୍ରେଣୀରେ ପାଠ ପଢୁଥିବା ବେଳେ ୨୦୨୨ ଖରାଛୁଟି ସରିବା ପରେ ଘରୁ ବିଦ୍ୟାଳୟକୁ ଆସିବାର ୫ଦିନ ପରେ ନିଖୋଜ ହୋଇଯାଇଥିଲେ। ସେହିବର୍ଷ ଜୁଲାଇ ୭ରେ ବିଦ୍ୟାଳୟଠାରୁ ଅଧ କିମି ଦୂର ନନ୍ଦିରା ଜୋରରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ବଣଁରପାଳ ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିଲା। ଘଟଣାର ତଦନ୍ତ ରିପୋର୍ଟ ପ୍ରଶାସନ ନିକଟରେ ଦାଖଲ ମଧ୍ୟ କରିଛି। ତେବେ ଇତିଶ୍ରୀଙ୍କ ଆକସ୍ମିକ ମୃତ୍ୟୁରେ ଗରିବ ବାପାମା’ ଭାଙ୍ଗିପଡ଼ିଛନ୍ତି। ତେବେ ମୃତ୍ୟୁଜନିତ ଅନୁକମ୍ପା ସହାୟତା ପାଇଁ ପରିବାର ଲୋକେ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓ, ତହସିଲଦାର, ଉପଜିଲ୍ଲାପାଳଙ୍କ ନିକଟରେ ଗତ ୩ବର୍ଷ ହେଲା ନିବେଦନ କରିଆସୁଥିଲେ ମଧ୍ୟ ମିଳିନାହିଁ। ସୋମବାର ଇତିଶ୍ରୀଙ୍କ ମା’ ସୁଶୀଳା ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ପହଞ୍ଚି ସହାୟତା ପ୍ରଦାନ କରିବାକୁ ନିବେଦନ କରିଛନ୍ତି।

## ଅଜଣା ଟ୍ରକ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଖମାର, ୧୨।୮ (ସମିସ): ୧୪୯ ନମ୍ବର ଜାତୀୟ ରାଜପଥର ପାଲଲହଡ଼ା ବ୍ଲକ ଖମାର ଥାନା ଅନ୍ତର୍ଗତ କଲଣ୍ଡା ଗ୍ରାମ ନିକଟରେ ମଙ୍ଗଳବାର ଭୋର ପ୍ରାୟ ୫ଟାରେ ଅଜଣା ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଲଣ୍ଡା ଗ୍ରାମର ବସନ୍ତ କୁମାର ମହାନ୍ତି (୪୨)। ବସନ୍ତ ଗାଁ ନିକଟ ନାଳକୁ ଶୌଚ ହେବାକୁ ଯାଉଥିବା ବେଳେ ତାଳଚେରରୁ ପାଲଲହଡ଼ା ଅଭିମୁଖେ ଯାଉଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ତେବେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ମୃତଦେହ ରଖି ରାଜପଥ ଅବରୋଧ କରିଥିଲେ। ଫଳରେ କିଛି ସମୟ ପର୍ଯ୍ୟନ୍ତ ରାଜପଥରେ ଯାତାୟାତ ଠପ୍ ହୋଇଯାଇଥିଲା। ପୁଲିସ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା।

## ବ୍ରାଉନସୁଗର ଜବତ; ମାଆ, ପୁଅ ଗିରଫ

ତାଳଚେର, ୧୨।୮ (ସମିସ): ଅନୁଗୋଳ ଏସପିଙ୍କ ନିର୍ଦ୍ଦେଶକ୍ରମେ ତାଳଚେର ଏସଡିପିଓଙ୍କ ତତ୍ତ୍ୱାବଧାନରେ ତାଳଚେର ଟାଉନ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ସନ୍ଥପଡ଼ା ବ୍ରିଜ ନିକଟ ବସଷ୍ଟାଣ୍ଡଠାରେ ଚଢ଼ଉ କରି ୧୦.୩୨ ଗ୍ରାମ ବ୍ରାଉନସୁଗର ଜବତ କରିଛି। ବ୍ରାଉନସୁଗର ବିକ୍ରି କରୁଥିବା ଅଭିଯୋଗରେ ଜଣେ ମହିଳା ସମେତ ଦୁଇଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ସମ୍ପର୍କରେ ମା’-ପୁଅ ଓ ତାଙ୍କ ଘର ଘର ବଣଁରପାଳ ପାଣିଗୋଳା ଅଞ୍ଚଳରେ ବୋଲି ଜଣାପଡ଼ିଛି। ଏଥିସହ ସେମାନଙ୍କଠାରୁ ୨୭ହଜାର ୬୦ଟଙ୍କା ଜବତ କରାଯାଇଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୧ଲକ୍ଷ ୩୨ହଜାର ଟଙ୍କା ହେବ ବୋଲି ପୁଲିସ୍ କହିଛି। ମଙ୍ଗଳବାର ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## କବି ରଞ୍ଜିତାଙ୍କୁ ଗୀତିକାର ସମ୍ମାନ



ବଇଣ୍ଡା, ୧୨।୮ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳର କବି ରଞ୍ଜିତା ମିଶ୍ରଙ୍କୁ ରବିବାର ଭୁବନେଶ୍ୱର ଖଣ୍ଡଗିରିଠାରେ ପାଳନ ହୋଇଥିବା ସମ୍ପୂର୍ଣ୍ଣା ଫାଉଣ୍ଡେସନର ବାର୍ଷିକ ଉତ୍ସବରେ ଗୀତିକାର ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଦୁର୍ଗାଶିଷ ଯୋଗଦେଇ ତାଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଅନ୍ୟତମ ଅତିଥି ଭାବେ ସମ୍ପୂର୍ଣ୍ଣା ଫାଉଣ୍ଡେସନ ସଭାପତି ପ୍ରଭାସିନୀ ଦାସ, ସମ୍ପାଦକ ସୌଦାମିନୀ ସାହୁ, ସଙ୍ଗୀତ ନିର୍ଦ୍ଦେଶକ ମହମ୍ମଦ ମୁସିର, ଲକ୍ଷ୍ମୀଧର ବେହେରା, ସୂର୍ଯ୍ୟକାନ୍ତ ସାହୁ, ପ୍ରକାଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ତାଳଚେର ଗଣେଶପୂଜାରେ ବେନାମୀ ଚାନ୍ଦା ଆଦାୟକୁ ବିରୋଧ

ତାଳଚେର, ୧୨।୮ (ସମିସ): ତାଳଚେର ପ୍ରସିଦ୍ଧ ଗଣେଶପୂଜା ଆଜକୁ ୭୫ରୁ ଊର୍ଦ୍ଧ୍ୱ ବର୍ଷ ହେବ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇ ଆସୁଛି। ପୂଜା ଆରମ୍ଭରୁ ବିସର୍ଜନ ପର୍ଯ୍ୟନ୍ତ ୯ଦିନ ବ୍ୟାପୀ ଲକ୍ଷଲକ୍ଷ ଲୋକଙ୍କ ସମାଗମ ହୋଇଥାଏ। ଏପରିକି, ଭସାଣି ଶାନ୍ତିଶୃଙ୍ଖଳାରେ କରିବା ନେଇ ୧୯୯୭ରେ କେନ୍ଦ୍ରୀୟ ଗଣେଶପୂଜା କମିଟି ଗଠନ କରାଯାଇଥିଲା। କେବଳ ଶାନ୍ତିଶୃଙ୍ଖଳା ନୁହଁ ତାଳଚେର ସହରରେ ହେଉଥିବା ସମସ୍ତ ପୂଜାକମିଟିଗୁଡ଼ିକୁ ଏକ ସୂତ୍ରରେ ବାନ୍ଧିରଖି ସମସ୍ତଙ୍କ ଭିତରେ ସମନ୍ୱୟ, ଭାଇଚାରା ବଜାୟ ରଖିବା ଏହି କମିଟିର ମୂଳଲକ୍ଷ୍ୟ ଥିଲା। ସେହି ସମୟରେ ଅର୍ଥର ଆବଶ୍ୟକତା ମାତ୍ର ବହୁତ କମ୍ ରହୁଥିଲା। ସର୍ବସାଧାରଣରେ ଗଜାନନଙ୍କ ଆଜ୍ଞା ଲଡୁ ନିଲାମରୁ ଆସୁଥିବା ଅର୍ଥରେ ସାଂସ୍କୃତିକ କାର୍ଯ୍ୟକ୍ରମ କମିଟି କରିଆସୁଛି। ଆହୁରି ମଧ୍ୟ ସମସ୍ତ ପୂଜା କମିଟି ନିଜସ୍ୱ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଚଗୀତ କରୁଥିବାରୁ କେନ୍ଦ୍ରୀୟ ପୂଜା କମିଟିର ସାଂସ୍କୃତିକ କାର୍ଯ୍ୟକ୍ରମ ଅନାବଶ୍ୟକ ବୋଲି କୁହାଯାଉଛି। ଏହି ଲଡୁରୁ ଅର୍ଥ କିଛି କିଛି ମଧ୍ୟ ପ୍ରତିବର୍ଷ ଗଚ୍ଛିତ ରହୁଥିଲା ଓ ବିଭିନ୍ନ ସ୍ଥାନାରୁ

**କେନ୍ଦ୍ରୀୟ ପୂଜା କମିଟି ସଭାପତି ଦୃଷ୍ଟି ଦେବାକୁ ଦାବି**

ଚାନ୍ଦା ସେହି ସମୟରେ ଅତି ନଗନ୍ୟ ଆସୁଥିଲା। ମାତ୍ର ୨୦୨୩ ଓ ୨୦୨୪ରୁ ଏହି ପୂଜା ପାଇଁ ବିଭିନ୍ନ ସୂତ୍ରରୁ କିଛି ନଗଦ ରାଶି ଆସୁଥିବା ବେଳେ ଆଉ କିଛି ଅନଲାଇନ୍ ଓ ଚେକ ମାଧ୍ୟମରେ ଆସିଥାଏ। ମାତ୍ର ଯେଉଁ ରାଶି ନଗଦ ମିଳିଥାଏ, ସେହି ଅର୍ଥ ବାଟମାରଣା ହେଉଛି ବୋଲି ଅଭିଯୋଗ ହେଉଛି। ତେବେ ଲଡୁରୁ ମିଳୁଥିବା ପ୍ରଚୁର ଅର୍ଥ ପୂଜାରେ ଖର୍ଚ୍ଚ ହେଉଥିବା ବେଳେ ଯେଉଁ ବେନାମୀ ଚାନ୍ଦା ଆସିଥାଏ ତାହାର ହିସାବ ଏବେ କାହା ନିକଟରେ ଅଛି ବୋଲି ଚର୍ଚ୍ଚା ଜୋର ଧରିଛି। ଏହାକୁ ଏବେ କିଏ ଭରଣା କରିବ ବୋଲି ଉଠିଛି ପ୍ରଶ୍ନ। ଏହା ଏକ ସର୍ବସାଧାରଣ ପୂଜା ହୋଇଥିବା ବେଳେ ବିଶେଷ ଧ୍ୟାନ ଦେବା ସହ କେନ୍ଦ୍ରୀୟ ଗଣେଶପୂଜା କମିଟି ସଭାପତି ତଥା ତାଳଚେର ଉପଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି। ଯେଉଁ ବଦାନ୍ୟ ବ୍ୟକ୍ତିମାନେ ପୂଜା ଉଦ୍ଦେଶ୍ୟରେ ଅର୍ଥରାଶି ଦେବାକୁ ଇଚ୍ଛା ପ୍ରକଟ କରୁଛନ୍ତି ସେମାନେ ଚେକ୍ କିମ୍ବା ଅନଲାଇନରେ ପେଠ କରିବାକୁ ଉପଜିଲ୍ଲାପାଳ ପରାମର୍ଶ ଦିଅନ୍ତୁ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ସ୍ଥାୟୀ ନିଯୁକ୍ତି ଦାବିରେ କନିଷ୍ଠ ଶିକ୍ଷକ ସଙ୍ଘର ବିକ୍ଷୋଭ



ଅନୁଗୋଳ, ୧୨।୮ (ସମିସ): ସ୍ଥାୟୀ ନିଯୁକ୍ତି ସମେତ ବିଭିନ୍ନ ଦାବି ନେଇ ମଙ୍ଗଳବାର ଓଡ଼ିଶା କନିଷ୍ଠ ଶିକ୍ଷକ ସଙ୍ଘ ଅନୁଗୋଳ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଙ୍ଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ଓଡ଼ିଶା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଯେଉଁ ସବୁ ଐତିହାସିକ ପରିବର୍ତ୍ତନ ପାଇଁ ଗଣଶିକ୍ଷା ବିଭାଗ ଗତ ୨ ତାରିଖ ଚିଠି ସଂଖ୍ୟା-୨୧୨୬୮ ଦ୍ୱାରା ପ୍ରକାଶ କରିଥିଲେ, ତାହାକୁ ଗତ ୮ ତାରିଖ କୌଣସି କାରଣ ଦର୍ଶାଇ ପ୍ରତ୍ୟାହାର କରି ନିଆଯାଇଛି। ଯେଉଁ ସୁପାରିସ ଦ୍ୱାରା ଓଡ଼ିଶାର ଧ୍ୱଂସ ପାଇବାକୁ ବସିଥିବା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ନୂତନ ଦିଗଦର୍ଶନ ମିଳିପାରିଥାନ୍ତା, ତାହା ଏବେ ପ୍ରତ୍ୟାହୃତ। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଆରମ୍ଭରୁ ନିୟମିତ ଭାବେ ଶିକ୍ଷକ ନିଯୁକ୍ତି କରିବା, ନୂତନ ଶିକ୍ଷକ ପଦବୀ ସୃଷ୍ଟି କରିବା ଓ କନିଷ୍ଠ ଶିକ୍ଷକ (ଯୋଜନାଭିତ୍ତିକ) ମାନଙ୍କୁ ନିୟମିତ କରିବା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହାକୁ ସେହି ସୁପାରିସ ମାଧ୍ୟମରେ ପୂରଣ କରାଯାଇଥାନ୍ତା। କିନ୍ତୁ ତାହାକୁ ବିଭାଗ ହଟାଇ ଦେଇଛି। ସେହି ସମାନ ସୁପାରିସ ପୁନଶ୍ଚ ସଂସ୍ଥାପନ କରିବା ପାଇଁ ଶିକ୍ଷକ ସଙ୍ଘ ପକ୍ଷରୁ ଦାବି କରଯାଇଛି। ଏହି ଐତିହାସିକ ପଦକ୍ଷେପକୁ ଅନ୍ତିମ ନିଷ୍ପତ୍ତି ନେଇ ମୋହର ଲଗାଇଲେ ଓଡ଼ିଶାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ନୂତନ ମୋଡ଼ ଦେଇପାରିବେ। ଏଣୁ ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା କରାଯାଇଥିବା ସୁପାରିସକୁ ଗ୍ରହଣ କରି ଆସନ୍ତା ୧୭ ତାରିଖ ସୁଦ୍ଧା ନିୟାମକରେ ପରିଣତ କରିବାକୁ ଦାବି କରାଯାଇଛି। ନଚେତ ଶିକ୍ଷକ ସଙ୍ଘ ରାଜରାସ୍ତାରେ ଆନ୍ଦୋଳନ କରିବତୁ ବାଧ୍ୟ ହେବ ବୋଲି କୁହାଯାଇଛି। ଏ ନେଇ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

## କୃତୀ ଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା

ବଇଣ୍ଡା, ୧୨।୮ (ସମିସ): ଅନୁଗୋଳ ଜିଲ୍ଲା ସଭାଗୃହ ପରିସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟ ଛାତ୍ରୀ କଲ୍ୟାଣୀ ମାଝୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସୋମବାର ତାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରଣତି ବେହେରା, ବିଶିକେଶନ ସେଠୀ, ବିଶ୍ୱନାଥ ଦେହୁରୀ, ଗୋପାଳ ଚନ୍ଦ୍ର ପାଣିଗ୍ରାହୀ, ଭବାନୀ ଶଙ୍କର ପ୍ରଧାନ, କଳ୍ପନା ସାହୁ, ରଶ୍ମି ବେହେରା, ଜ୍ୟୋତ୍ସ୍ନାରାଣୀ ସାହୁ ପ୍ରମୁଖ ତଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କର ଏହି ସଫଳତାରେ ବିଦ୍ୟାଳୟ ଗର୍ବିତ ବୋଲି କହିଥିଲେ। ସେହିପରି ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ କଲ୍ୟାଣୀଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।



## କୋଇଲା ଖଣି ସମ୍ପର୍କିତ ଅଭିଯୋଗ ଶୁଣାଣି



ଛେଣ୍ଡିପଦା, ୧୨।୮ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ତହସିଲ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଗୋଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ, କ୍ଷତିପୂରଣ, ଥଇଥାନ ଓ ପୁନର୍ବାସ ଆଦି କୋଇଲା ଖଣି ସମ୍ବନ୍ଧୀୟ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ଜମି ଅଧିଗ୍ରହଣ ଅଧିକାରୀ ଜେକେ ପଣ୍ଡା, ଛେଣ୍ଡିପଦା ବିଡିଓ ଅରବିନ୍ଦ ବେହେରା, ତହସିଲଦାର ମାନସ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଖଣି ପ୍ରଭାବିତ ନୟନୀ କୋଲ ବ୍ଲକ ଅଞ୍ଚଳର ଜଣେ, ଜିଏମଡିସି ଓ ଜିନ୍ଦଲ ଖଣି ଅଞ୍ଚଳର ଜଣେ ଅଭିଯୋଗ କରିଥିଲେ। କମ୍ପାନୀ ସମ୍ପର୍କିତ ଏହି ଅଭିଯୋଗ ଶୁଣାଣିରେ ନୟନୀ କୋଇଲାଖଣିରେ ନୂତନ ଜ୍ଞାନକୌଶଳ ମାଧ୍ୟମରେ ବ୍ଲାଷ୍ଟିଂ କରି କୋଇଲା ଉତ୍ତୋଳନ ପାଇଁ ଛେଣ୍ଡିପଦା ଯୁବମଞ୍ଚ ସଭାପତି ଦୀପକ କୁମାର ପ୍ରଧାନ ଲିଖିତ ଅଭିଯୋଗ କରିଥିଲେ। ଏହି ବ୍ଲାଷ୍ଟିଂ ହେବାଦ୍ୱାରା ଗୋରୁଗାଈ ଓ ଜନସାଧାରଣଙ୍କ ଉପରେ ଏହାର ପ୍ରଭାବ ପଡୁଛି। ଏଣୁ ଏହାର ସମାଧାନ କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଯୁବ ମଞ୍ଚର ସଭାପତି ପ୍ରଧାନ ପ୍ରକାଶ କରିଛନ୍ତି। ସେହିପରି ଜିଏମଡିସି କମ୍ପାନୀ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟ ଓ ବେଆଇନ ଭାବେ ଜମି ଅଧିଗ୍ରହଣ କରାଯାଉଥିବା ନେଇ ଆଇନଜୀବୀ ନଗେନ ନନ୍ଦ ଓ ଅଜୟ କୁମାର ବେହେରା ଅଭିଯୋଗ କରିଥିଲେ। ସେହିପରି ଜିନ୍ଦଲ କୋଇଲା ଖଣିରେ ବିସ୍ଥାପନକୁ ନେଇ ଗୋଳାଗାଡ଼ିଆର ଦୁଇଜଣ ବ୍ୟକ୍ତି ଅଭିଯୋଗ କରିଥିଲେ।

## ଡାକଘରେ ମିଳୁନି ଉତ୍ତମ ସେବା

### ■ ହେଉନାହିଁ ଆଧାର ସଂଶୋଧନ

କିଶୋରନଗର, ୧୨।୮ (ସମିସ): କିଶୋରନଗର ଡାକ କାର୍ଯ୍ୟାଳୟରୁ ଉପଭୋକ୍ତାଙ୍କୁ ଉତ୍ତମ ସେବା ମିଳୁ ନ ଥିବା ଅଭିଯୋଗ ହେଉଛି। ନୂତନ ଆଧାର କାର୍ଡ, ଆଧାର କାର୍ଡ ତ୍ରୁଟି ସଂଶୋଧନ କରିବାକୁ ଡାକଘରକୁ ଅନୁମତି ଦିଆଯାଇଛି। ଅନେକ ଡାକଘରେ ଏହି ସୁବିଧା ମିଳୁଥିବା ବେଳେ ଅଧିକାରୀଙ୍କ ଉଦାସୀନତା ମନୋଭାବ ଯୋଗୁଁ କିଶୋରନଗର ଡାକଘରେ ଏହି ସୁବିଧା ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ମଣ୍ଡଳସ୍ତରୀୟ ବୈଠକ; ନୂତନ କମିଟି ଘୋଷଣା

କଣିହାଁ, ୧୨।୮ (ସମିସ): କଣିହାଁ ବ୍ଲକ ପରାବିଲ ପଞ୍ଚାୟତ ପ୍ରାଙ୍ଗଣରେ ପବିତ୍ରନଗର ମଣ୍ଡଳ ବିଜେପି ସଭାପତି ମନୋଜ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ମଣ୍ଡଳସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଜେପି ପାଲଲହଡ଼ା ବିଧାନସଭା କ୍ଷେତ୍ର ସଂଯୋଜକ ପ୍ରହ୍ଲାଦ ସାମଲ, ବରିଷ୍ଠ ନେତା ରମେଶ ଚନ୍ଦ୍ର ପ୍ରଧାନ, ବିରୁ ସରପଞ୍ଚ ଧରଣୀଧର ବେହେରା, ବୁରୁକୁନା ସରପଞ୍ଚ ଦୁଃଖବନ୍ଧୁ ବେହେରାଙ୍କ ସମେତ ମଣ୍ଡଳର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ବୈଠକରେ ମଣ୍ଡଳର ନୂତନ ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ୬ଜଣ ଉପସଭାପତି, ୨ଜଣ ସାଧାରଣ ସମ୍ପାଦକ, ୬ଜଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ, ଯୁବ ମୋର୍ଚ୍ଚା, ମହିଳା ମୋର୍ଚ୍ଚା, କୃଷକ ମୋର୍ଚ୍ଚା, ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ମୋର୍ଚ୍ଚା ପ୍ରତିନିଧିଙ୍କ ନାମ ଘୋଷଣା କରାଯାଇଛି। ବୈଠକରେ ମଣ୍ଡଳର ଆଗାମୀ କାର୍ଯ୍ୟପନ୍ଥା, ଗ୍ରାମ ସ୍ତରରେ ସଂଗଠନକୁ ମଜବୁତ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା।



# ୧୦ ଦଫା ଦାବି ନେଇ ରାଜସ୍ୱ ଅମଲା ସଂଘର ଆନ୍ଦୋଳନ







ବଣଁରପାଳ, ୧୨।୮ (ସମିସ)

୧୦ ଦଫା ଦାବି ନେଇ ରାଜସ୍ୱ ଅମଲା ସଂଘ ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ଅନୁଗୋଳ ଜିଲ୍ଲା ବଣଁରପାଳରେ କାର୍ଯ୍ୟରତ ଅମଲାମାନେ ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି। ସଂଘର ନ୍ୟାଯ୍ୟ ଦାବିଗୁଡ଼ିକୁ ସରକାର ପୂରଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ରାଜ୍ୟ ଅମଲା ସଂଘ ସଭାପତି ତ୍ରିପତି ବାଲାଜୀ ସାହୁଙ୍କ ନିର୍ଦ୍ଦେଶରେ ରାଜ୍ୟର ସମସ୍ତ ଅମଲା କର୍ମଚାରୀ ଆନ୍ଦୋଳନରେ ବସିଛନ୍ତି। ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓ ଆରଏସପି ୨୦୧୭ ମସିହା ନିୟମ ଅନୁଯାୟୀ ଲେବଲ-୯କୁ ବୃଦ୍ଧି, ସମସ୍ତ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି, କର୍ମଚାରୀ ଓ ସେମାନଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ପ୍ରଦାନ, ୨୦୨୦ରେ କରାଯାଇଥିବା ନିୟମାବଳୀକୁ ଉଚ୍ଛେଦ, ୧୯୯୦ରେ ନିୟମାବଳୀକୁ ଲାଗୁ କରିବା, ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ କର୍ମଚାରୀଙ୍କୁ ଓଡ଼ିଶା ରାଜସ୍ୱ ସେବା ପଦବୀରେ ନିଯୁକ୍ତି, ତହସିଲ କାର୍ଯ୍ୟାଳୟରେ ବିଭିନ୍ନ ରାଜସ୍ୱ ସମ୍ବନ୍ଧୀୟ ମାମଲାକୁ ତ୍ୱରାନ୍ୱିତ କରିବା ପାଇଁ ରାଜସ୍ୱ ସହାୟକମାନଙ୍କୁ ଏଲ୍ଆର୍ଏମ୍ଏସ୍ ଆଇଡି ପ୍ରଦାନ, ରାଜସ୍ୱ ସହାୟକଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରବେଶକାଳୀନ ତାଲିମ ପ୍ରଦାନ, ନୂତନ ପେନସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଦାବି କରାଯାଇଛି। ଏହି ଆନ୍ଦୋଳନରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ଜଏଣ୍ଟ ସେକ୍ରେଟାରୀ ସୌମ୍ୟରଞ୍ଜନ ନାହାକ, ବଣଁରପାଳ ତହସିଲ ଅଫିସ ସେକ୍ସନ୍ ଅଫିସର ସୁକାନ୍ତ କୁମାର ମାଟିଆରୀଙ୍କ ସହ ଅନ୍ୟ କର୍ମକର୍ତ୍ତା ସାମିଲ ହୋଇଛନ୍ତି।

**ପାଲଲହଡ଼ା:** ଅନୁଗୋଳ ଜିଲ୍ଲା ଅମଲା ସଂଘ ନେତୃତ୍ୱରେ ପାଲଲହଡ଼ା ଉପଖଣ୍ଡରେ କାର୍ଯ୍ୟରତ ଅମଲାମାନେ ୧୦ ଦଫା ଦାବିରେ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଅନୁଗୋଳ ଜିଲ୍ଲା ଅମଲା ସଂଘ ଉପସଭାପତି ତରୁଣକାନ୍ତି ପ୍ରଧାନଙ୍କ ନେତୃତ୍ୱରେ ପାଲଲହଡ଼ା ଶାଖାର ଗୁଲସନ ପ୍ରଧାନ, ଅନିଲ କୁମାର ବେହେରା, ବିପିନ ବେହେରା ଏବଂ ସୁନୀତି ସେଠୀ ପ୍ରମୁଖ ଏଥିରେ ସାମିଲ ହୋଇଛନ୍ତି।

**ଛେଣ୍ଡିପଦା:** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯାଇଛି। ଫଳରେ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟ ଠପ୍ ହୋଇଯାଇଛି। ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଆନ୍ଦୋଳନରେ ଉଭୟ କାର୍ଯ୍ୟାଳୟର ଶ୍ରୀକାନ୍ତ ପଟ୍ଟନାୟକ, ବିରଞ୍ଚି ନାରାୟଣ ମହାପାତ୍ର, ଘନଶ୍ୟାମ ନାୟକଙ୍କ ସମେତ ବହୁ ରାଜସ୍ୱ ଅମଲା ସାମିଲ ହୋଇଛନ୍ତି।

# ନିଖିଳ ଉତ୍କଳ ଲେଖିକା ମଞ୍ଚର ବାର୍ଷିକ ଉତ୍ସବ

କୁଜଙ୍ଗ,୧୨।୮ (ସମିସ): ଜେଲ୍ ରୋଡ୍‌ସ୍ଥ ଏମ୍‌ଆଇଆଇଟି କମ୍ପ୍ୟୁଟର ସଂସ୍ଥାନରେ ନିଖିଳ ଉତ୍କଳ ଲେଖିକା ମଞ୍ଚର ପ୍ରଥମ ବାର୍ଷିକ ଉତ୍ସବ ରାଜ୍ୟ ସମ୍ପାଦିକା ଆଇନଜୀବୀ ମଞ୍ଜୁଲତା ରାଉତଙ୍କ ପୌରୋହିତ୍ୟରେ ଓ ରାଜ୍ୟ ସଭାପତି ଶିକ୍ଷାବିତ୍ ଡ. ବସନ୍ତ ମଞ୍ଜରୀ ଦାସଙ୍କ



ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବକୁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସୌଭାଗିନୀ ରାୟ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଶିବାନୀ ଭଟ୍ଟାଚାର୍ଯ୍ୟ ଓ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବିକା ପ୍ରେମଲତା ବାରିକ, ବରେଣ୍ୟ ଅତିଥି ଭାବେ ସୁସାହିତ୍ୟିକା ତିଲୋତ୍ତମା ଦାଶ, ଜଗତସିଂହପୁର ଜିଲ୍ଲା ଲେଖିକା ସଂସଦ ସମ୍ପାଦିକା ବିଜୟଲକ୍ଷ୍ମୀ ମହାପାତ୍ର, ଡ. ଆରତୀ ତ୍ରିପାଠୀ, ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ, ଶିକ୍ଷାବିତ୍ ରୁନୁଲତା ମଲ୍ଲିକ ଯୋଗଦେଇଥିଲେ। ମଞ୍ଚ ସଂଯୋଜନା କରିଥିଲେ ସୁସାହିତ୍ୟିକା ସରୋଜିନୀ ମିଶ୍ର। କଳ୍ପନା ପଣ୍ଡା ଓ ମହାସ୍ମିତା ଓଝାଙ୍କ କବିତା ସଂଯୋଜନାରେ କବି ଗୀତା ଦାସ, ସଂହିତା ଜେନା, ମମତା ଦାସ, ଜୟନ୍ତୀ ଦାସ ପ୍ରମୁଖ କବିତାପାଠ କରିଥଲେ। ଅତିଥିଙ୍କ ଦ୍ୱାରା ସ୍ୱୟଂ ସମ୍ପୂର୍ଣ୍ଣା ପତ୍ରିକା ଉନ୍ମୋଚିତ ହୋଇଥିବାବେଳେ ବହୁ ପ୍ରତିଭାଧାରିଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ଲିଲନପ୍ରଭା ପାଢ଼ୀ, ଶିଶୁ ନୃତ୍ୟଶିଳ୍ପୀ ରତ୍ନପର୍ଣ୍ଣା ପରିଡ଼ା, ପାଲା ଗାୟିକା ବାଣୀକଣ୍ଠ ଭାରତୀ ମିଶ୍ର, ଏମ୍‌ଆଇଆଇଟି ପ୍ରୋପାଇଟର କ୍ରାନ୍ତିମୟୀ ଜେନା, ସୁମିତ୍ରା ମହାନ୍ତିଙ୍କୁ ସ୍ୱୟଂସମ୍ପୂର୍ଣ୍ଣା ସମ୍ମାନରେ ସମ୍ମାନିତ କରାଯାଇଥିଲା। ବାସନ୍ତୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୂତମୁଣ୍ଡାଇରୁ ପାରାଦୀପଗଡ଼ ତ୍ରିରଙ୍ଗା ଶୋଭାଯାତ୍ରା

ପାରାଦୀପ,୧୨।୮ (ସମିସ): ଆଇନଜୀବୀ ସଞ୍ଜୟ ବେହେରାଙ୍କ ନେତୃତ୍ୱରେ ଭୂତମୁଣ୍ଡାଇରୁ ନୂଆଗଡ଼ ଦେଇ ପାରାଦୀପଗଡ଼ ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।



ଶୋଭାଯାତ୍ରାରେ ପାରାଦୀପଗଡ଼ ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଦଳୀୟ କର୍ମୀ ସାମିଲ ହୋଇଥିଲେ। ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପତାକା ଦେଖାଇ ଶୋଭାଯାତ୍ରାରେ ଶୁଭାରମ୍ଭ କରିଥିଲେ। ମଣ୍ଡଳ ସଭାପତି ଗଗନ ରାଉତଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ପୂର୍ବତନ ସରପଞ୍ଚଙ୍କ ଧର୍ମପତ୍ନୀଙ୍କ ପରଲୋକ

ରଘୁନାଥପୁର,୧୨।୮ (ସମିସ): ରଘୁନାଥପୁର ଅନ୍ତର୍ଗତ ତାରପୁର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ରାଉତଙ୍କ ଧର୍ମପତ୍ନୀ ହାରାମଣି ରାଉତ(୯୯)ଙ୍କ ମଙ୍ଗଳବାର



ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ମହିଳା ଥିଲେ। ତାଙ୍କ ବିୟୋଗରେ ତାରପୁର ଗ୍ରାମ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଅନ୍ତିମ ଶୋଭାଯାତ୍ରାରେ ତାରପୁର ପଞ୍ଚାୟତର ସରପଞ୍ଚ ସୁଷମା ମଲ୍ଲିକ, ପୂର୍ବତନ ସଭ୍ୟ ଅନ୍ତର୍ଯ୍ୟାମୀ ରାଉତ, ସରୋଜ କୁମାର ଦାଶ, ସମାଜସେବୀ ଲକ୍ଷ୍ମଣ କୁମାର ଦାଶ, ବିଜୟ କୁମାର ଦାଶ, ପ୍ରତାପ ରାଉତ, ପ୍ରଦୀପ ନାୟକ, ଝିଅ ସଞ୍ଜୁ ରାଉତ, ମୀରା ଲେଙ୍କା, ଜ୍ୱାଇଁମାନେ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ତାଙ୍କ ଜ୍ୟେଷ୍ଠପୁତ୍ର ଗଗନ ବିହାରୀ ରାଉତ ମୁଖାଗ୍ନି ଦେଇଥିବାବେଳେ ସାନପୁଅ ବିପିନ ରାଉତ ଉପସ୍ଥିତ ଥିଲେ।

# କାର୍ ସହିତ ବିପୁଳ ପରିମାଣର ମଦ ଜବତ

ଜଗତସିଂହପୁର,୧୨।୮ (ସମିସ): ରାଜ୍ୟ ଅବକାରୀ କମିଶନରଙ୍କ ନିର୍ଦ୍ଦେଶ ଓ ଜଗତସିଂହପୁର ଜିଲ୍ଲାପାଳଙ୍କ ପରାମର୍ଶ କ୍ରମେ ଜିଲ୍ଲା ଅବକାରୀ ଅଧୀକ୍ଷିକା ଅନିତା ପ୍ରଧାନଙ୍କ ପ୍ରତ୍ୟକ୍ଷ



ତତ୍ତ୍ୱାବଧାନରେ ଅବକାରୀ ବିଭାଗ ତରଫରୁ ନିୟମିତ ଚଢ଼ଉ ଜାରି ରହିଛି। ଏହି କ୍ରମରେ ଅବକାରୀ ମୋବାଇଲ୍ ୟୁନିଟ୍‌ର ନିରୀକ୍ଷକ, ବାଲିକୁଦା ଓ ଜଗତସିଂହପୁର ଅବକାରୀ ଥାନା ସହ ମିଳିତ ଅଭିଯାନରେ ନାଉଗାଁ ଥାନା ଅଧୀନ ଜାମୁଗାଁରେ ଚଢ଼ଉ କରାଯାଇ ୨୧ଟି ପେଟି ଦେଶୀ ମଦ (୧୦୫ ଲିଟର) ଓ ୭.୨୦୦ ଲିଟର ବିଦେଶୀ ମଦ ଥିବା ଏକ ଚାରିଚକିଆ ଯାନକୁ ଜବତ କରାଯାଇଛି। ଏହି ଅଭିଯାନରେ ନାଉଗାଁ ପୁଲିସ ପକ୍ଷରୁ ମଧ୍ୟ ଯଥେଷ୍ଟ ସହଯୋଗ ମିଳିଛି। କିନ୍ତୁ ଗାଡ଼ି ଚାଳକ ପ୍ରଶାନ୍ତ ସାହୁ ଓରଫ ହଡ଼ା ଯିଏ ପୂର୍ବରୁ ମଧ୍ୟ ଅନେକଥର ସମାନ ଅପରାଧରେ ଜଡ଼ିତ ଥିଲା, ଘଟଣାସ୍ଥଳରୁ ଖସି ପଳାଇବାରେ ସଫଳ ହୋଇଛି। ତାଙ୍କ ବିରୋଧରେ ଆବଶ୍ୟକୀୟ ଆଇନ ପ୍ରକ୍ରିୟା ଚାଲିଛି ଓ ତାଙ୍କୁ ଶୀଘ୍ର ଗିରଫ କରିବା ପାଇଁ ଯୋଜନା ଚାଲିଛି ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଛୁଟିରେ ଅମଲା ସଂଘ; ସରକାରୀ ଅଫିସ ଅଚଳ

ରଘୁନାଥପୁର,୧୨।୮ (ସମିସ): ରଘୁନାଥପୁର ତହସିଲ୍, ବ୍ଲକ୍ ଓ ଆଇସିଡିଏସ୍‌ର ୧୨ ଜଣ ରାଜସ୍ୱ କର୍ମଚାରୀ ସୋମବାରଠାରୁ ୧୦ ଦଫା ଦାବି ନେଇ ରାଜସ୍ୱ ଅମଲା ସଙ୍ଘର ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତିକ୍ରମେ ଛୁଟିରେ ଅଛନ୍ତି। ଫଳରେ ଏହାର ପ୍ରଭାବ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପରିଲକ୍ଷିତ ହୋଇଛି। ତହସିଲ୍‌ରେ ୮, ବ୍ଲକ୍‌ରେ ୩ ଓ ଆଇସିଡିଏସ୍‌ରେ ୧ କର୍ମଚାରୀ ଆନ୍ଦୋଳନରେ ସାମିଲ୍ ଥିବାରୁ କାର୍ଯ୍ୟ ଅଚଳ ହୋଇପଡ଼ିଛି। ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ଲୋକେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଯେତେଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ପୂରଣ ନ କରିଛନ୍ତି ସେତେଦିନ ପର୍ଯ୍ୟନ୍ତ ଅମଲାମାନେ ଆନ୍ଦୋଳନ ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି।

## କଟକ-ପାରାଦୀପ ରାସ୍ତା ପାଲଟିଛି ମରଣଯନ୍ତା

# ସ୍ଥାୟୀ ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ପାରାଦୀପ,୧୨।୮ (ସମିସ)



ଗତ ୩ଦିନ ତଳେ ବାପ-ଝିଅଙ୍କ ମୃତ୍ୟୁ ହୋଇଥିଲା

କଟକ-ପାରାଦୀପ ରାଜରାସ୍ତା ମରଣଯନ୍ତା ପାଲଟିଥିବାକୁ ନେଇ ସାଧାରଣ ଜନତାଙ୍କ ସ୍ୱାର୍ଥ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଗତସିଂହପୁର ଉପଜିଲ୍ଲାପାଳଙ୍କୁ କୁଜଙ୍ଗ-ପାରାଦୀପ ଅଞ୍ଚଳର ବୁଦ୍ଧିଜୀବୀମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କଟକ-ପାରାଦୀପ ରାସ୍ତା ଏବେ ଏକପ୍ରକାର ମରଣଯନ୍ତା ପାଲଟିଛି। ଯେଉଁଠି ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି, ଦୁର୍ଘଟଣାରେ କେହିନା କେହି ପ୍ରାଣ ହରାଉଛନ୍ତି। ନତୁବା ସବୁଦିନ ପାଇଁ ଶଯ୍ୟାଶାୟୀ ହେବାକୁ ପଡୁଛି। ଏହି ଦୁର୍ଘଟଣା ପାଇଁ ପ୍ରମୁଖ କାରଣଗୁଡ଼ିକ ମଧ୍ୟରେ ରହିଛି ରାସ୍ତାର ଦୁଇ ପାଶ୍ୱର୍କୁ ବାଲି ଚଢ଼ିଯିବା ସହ ଗଛଲତାଗୁଡ଼ିକ ମଧ୍ୟ ରାସ୍ତାକଡ଼ରେ ମାଡ଼ିଯାଇଛି। ତା' ସହିତ କିଛି ଯୁବକ ବିନା ଲାଇସେନ୍ସରେ ଭାରୀଯାନ ଚଳାଇ ଦୁର୍ଘଟଣା ଘଟାଉଛନ୍ତି। ବେପରୁଆ ଭାବେ ଦ୍ରୁତ ଗତିରେ ଗାଡ଼ି ଚଳାଇ ଦୁର୍ଘଟଣା ଘଟାଉଛନ୍ତି। ବେଆଇନି ପାର୍କିଂ କରିବା ଦ୍ୱରା ରାସ୍ତା ସଙ୍କୁଚିତ ହେବାରୁ ସୁରୁଖୁରୁରେ ଗାଡ଼ି ଯାତାୟାତ କରିପାରୁ ନାହିଁ, ଯାହା ଫଳରେ ଦୁର୍ଘଟଣା ଘଟୁଛି। ଲାଇସେନ୍ସ ନ ଥାଇ ଗାଡ଼ି ଚଳାଇବା, ମଦ୍ୟପାନ କରି ଗାଡ଼ି ଚଳାଇବା ଓ ରାସ୍ତାକୁ ଜବରଦଖଲ କରିବା ଦ୍ୱାରା ବାରମ୍ବାର କଟକ-ପାରାଦୀପ ରାସ୍ତାରେ ଦୁର୍ଘଟଣା ଘଟୁଛି। ନୂତନ ସରକାର ଆସିବା ପରେ କୁଜଙ୍ଗ-ପାରାଦୀପ ଅଞ୍ଚଳରେ ଏବେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୁଲିସ ପ୍ରଶାସନଠାରୁ ଆରମ୍ଭକରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସବୁଠି ଚାଲିଛି ଅରାଜକତା। ଯେଉଁଠିକି ଗଲେ ସାଧାରଣ ଲୋକଟିଏ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛି। ନ୍ୟାୟ ପାଇବା ବଦଳରେ ଧମକ ଦିଆଯାଉଛି। ତେଣୁ ସାଧାରଣ ଲୋକଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମଙ୍ଗଳବାର ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ପ୍ରଦାନ କରିବା ନେଇ ଆସିଥିଲେ। ହେଲେ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ କୌଣସି ଅଧିକାରୀ ନ ଥିବାରୁ ସେମାନେ ୬୦ କିଲୋମିଟର ରାସ୍ତା ଅତିକ୍ରମ କରି ଜିଲ୍ଲା ହେଡ୍‌କ୍ୱାର୍ଟରରେ ଥିବା ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିଲେ। କଟକ-ପାରାଦୀପ ରାସ୍ତାରୁ କିଭଳି ଭାବେ ଦୁର୍ଘଟଣା କୁ ନିୟନ୍ତ୍ରଣ କରାଯାଇ ପାରିବ। ଗତ ୩ ଦିନ ତଳେ ଜଣେ ବ୍ୟକ୍ତି ତାଙ୍କ ଝିଅକୁ ସ୍କୁଲରୁ ଆଣି ଘରକୁ ଆସୁଥିବାବେଳେ ଟିପ୍‌ସ ବୋଝେଇ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ବାପ-ଝିଅଙ୍କର ଜୀବନ ଚାଲିଯାଇଥିଲା। ଏହିସବୁ ସାଧାରଣ ଲୋକଙ୍କ ସମସ୍ୟାକୁ ନେଇ ପାରାଦୀପ ଏଡିଏମ୍‌ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିଲେ। ଦାବିପତ୍ର ପ୍ରଦାନ ବେଳେ ଆଇନଜୀବୀ ଜିତେନ ବେହେରାଙ୍କ ନେତୃତ୍ୱରେ ବରିଷ୍ଠ ଆଇନଜୀବୀ ଗତିକୃଷ୍ଣ ଶତପଥୀ, ସତ୍ୟସୁନ୍ଦର ସାମନ୍ତରାୟ ଓ ସତ୍ୟ ପାଇଁ ଲଢ଼େଇ ପରିବାରର ଜିଲ୍ଲା ମୁଖ୍ୟ ଉମେଶ ଚନ୍ଦ୍ର ଜେନାଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ● ନାବାଳିକାର ଅଶ୍ଳୀଳ ଫଟୋ ଭାଇରାଲ ଧମକ


# ବିଜୟୱାଡ଼ାରୁ ଯୁବକକୁ ଗିରଫ କଲା ପାରାଦୀପ ପୁଲିସ

ପାରାଦୀପ,୧୨।୮ (ସମିସ): ଜଣେ ୧୬ ବର୍ଷୀୟା ନାବାଳିକାର ଅଶ୍ଳୀଳ ଫଟୋ ଭାଇରାଲ କରିବାର ଧମକ ଦେବା ଅଭିଯୋଗରେ ଜଣେ ଯୁବକକୁ ଲକ୍ ଥାନା ପୁଲିସ ବିଜୟୱାଡ଼ାରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଭଳି ସମ୍ବେଦନଶୀଳ ଘଟଣା ଏବେ ପାରାଦୀପ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଗିରଫ ଯୁବକ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅଧୀନ ନାହଡ଼ିଆ ଗ୍ରାମର କାର୍ତ୍ତିକ ଜେନା (୨୩)।



ପୁଲିସ ସୂଚନା ମୁତାବକ, ପାରାଦୀପ ଲକ୍ ଥାନା ଅଧୀନ ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକା କେନ୍ଦ୍ରାପଡ଼ା ଅଞ୍ଚଳର ମାଉସୀ ଘରକୁ ଯାଇଥିବାବେଳେ ପଟ୍ଟାମୁଣ୍ଡାଇ ଅଞ୍ଚଳର କାର୍ତ୍ତିକ ଜେନା ନାମକ ଜଣେ ଯୁବକଙ୍କ ସହିତ ପରିଚୟ ହୋଇଥିଲା। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ନିବିଡ଼ ହୋଇଥିଲା। ପରେ ଯୁବକ ନାବାଳିକାଙ୍କ ଫଟୋକୁ ନେଇ ବ୍ଲାକ୍‌ମେଲ୍ ଆରମ୍ଭ କରିଥିଲା। ଦୀର୍ଘ ୧ ବର୍ଷ ହେବ ଏଭଳି ସମ୍ପର୍କ ଗଢ଼ିଉଠିବା ପରେ କାର୍ତ୍ତିକ ନାବାଳିକାଙ୍କୁ କିଛି ଟଙ୍କା ମାଗିଥିଲେ। ନଦେଲେ ଫଟୋ ଭାଇରାଲ କରିବାର ଧମକ ଦେଇଥିଲେ। ନାବାଳିକାଠାରୁ ଯୁବକ ଜଣକ ୨୦ରୁ ୩୦ ହଜାର ଟଙ୍କା ମଧ୍ୟ ଧମକାଇ ନେଇଯାଇଥିଲେ। ପରେ ଯୁବକ ଜଣକ ୫ ଲକ୍ଷ ଟଙ୍କା ଅଧିକ ଦାବି କରିଥିଲେ। ନଚେତ୍ ନାବାଳିକା ଇନ୍‌ଷ୍ଟାଗ୍ରାମ୍‌ରେ ଛାଡ଼ିଥିବା ଅଶ୍ଳୀଳ ଫଟୋକୁ ଯୁବକ ଭାଇରାଲ କରିଦେବା ନେଇ ଧମକ ଦେଇଥିଲେ। ଏଭଳି ଧମକରେ ଭୟଭୀତ ହୋଇ ନାବାଳିକା ତାଙ୍କ ମାଆଙ୍କୁ ସବୁ ସତକଥା କହିଦେଇଥିଲେ। ଏ ସମ୍ପର୍କରେ ମାଆ ପାରାଦୀପ ଲକ୍‌ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଲକ୍‌ଥାନା ଆଇଆଇସି ରଶ୍ମି ରଞ୍ଜନ ଦାସ ଘଟଣାକୁ ଗୁରୁତ୍ୱ ଦେବା ସହ ପୁଲିସର ଏକ ଟିମ୍ ଯୁବକକୁ ଧରିବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ପୁଲିସ ସୋମବାର କାର୍ତ୍ତିକଙ୍କୁ ବିଜୟୱାଡ଼ାରୁ ଉଠାଇ ଆଣିଥିଲା।

# ପାରାଦୀପ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ




ପାରାଦୀପ,୧୨।୮ (ସମିସ): ପାରାଦୀପ ମହାବିଦ୍ୟାଳୟର ୫୧ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇ ପାରାଦୀପ ମହାବିଦ୍ୟାଳୟ ଶୃଙ୍ଖଳାର ସହ ମୌଖିକ ପରିବେଶ ସୃଷ୍ଟି ହୋଇଥିବା ନେଇ ଧନ୍ୟବାଦ ଦେବା ସହ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ କରି ସଫଳ ହେବା ପାଇଁ କହିବା ସହ ସହରକୁ ସ୍ୱଚ୍ଛତା ରଖିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଯୋଗଦେଇ ଉଦ୍‌ବୋଧନ ଦେବା ଅବସରରେ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ଓ ବଡ଼ ମଣିଷ ହେବା ପାଇଁ ଚେଷ୍ଟା ଜାରି ରଖିବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ପ୍ରୀତି ଆରତୀ ପରିଜା ଯୋଗଦେଇ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ଉତରୋତ୍ତର ଉନ୍ନତି କାମନା କରିବା ସହ ଗତବର୍ଷ ମହାବିଦ୍ୟାଳୟ ଶୃଙ୍ଖଳିତ ଭାବେ ସ୍ୱନକ୍ଷତ୍ର ଦିବସକୁ ପାଳନ କରିଥିବାରୁ ଛାତ୍ରଛାତ୍ରୀମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଶତପଥୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଇଂରାଜୀ ଅଧ୍ୟାପକ ଗଣେଶ୍ୱର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ରାସାୟନ ବିଭାଗର ପ୍ରାଧ୍ୟାପିକା ଡ. ସ୍ମିତା ବିଶ୍ୱାଳ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବାବେଳେ ଅଧ୍ୟାପକ ଅକ୍ଷୟ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିବା ସହ ଆଗାମୀ ବର୍ଷରେ ଅବସର ନେବାକୁ ଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ କାର୍ଯ୍ୟକ୍ରମ

ଜଗତସିଂହପୁର,୧୨।୮ (ସମିସ): ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କୃମିନାଶକ



କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲାପାଳ ଜେ. ସୋନାଲ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଉପସ୍ଥିତ ଛାତ୍ରୀ ଓ ଶିକ୍ଷୟିତ୍ରୀମାନଙ୍କୁ ଏ ଦିଗରେ ସଚେତନ ରହିବା ଏବଂ କୃମିନାଶକ ବଟିକା ଖାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ଏହି ସିରପ ଓ ବଟିକା ସେବନ କରାଇବା ନିମନ୍ତେ ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନବାଡ଼ି ଦିଦି, ଶିକ୍ଷକ/ଶିକ୍ଷୟିତ୍ରୀ ତଥା ଅଭିଭାବକମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ସେ କହିଥିଲେ। ଏହି ଅଭିଯାନ ଜିଲ୍ଲାର ୧୩୬୯ ସରକାରୀ, ବେସରକାରୀ ବିଦ୍ୟାଳୟ, ୧୭୪୨ ଅଙ୍ଗନବାଡ଼ି କେନ୍ଦ୍ରରେ ଆରମ୍ଭ ହୋଇଛି। ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ସିଡିଏମ୍‌ଓ ଡ. ରାଜେନ୍ଦ୍ର କୁମାର ପାଣିଗ୍ରାହୀ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଲୋକନାଥ ପାତ୍ର, ଡା. ଶତ୍ରୁଘ୍ନ ଦାସ, ଡା. ସରୋଜ କୁମାର ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଡିଏସ୍‌ଡବ୍ଲୁଓ ବିଷ୍ଣୁପ୍ରିୟା ସେଠୀ, ନୋଡାଲ ଅଫିସର ତଥା ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ବାସନ୍ତୀ ପାଲି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ, ଡିପିଏମ୍ ସୋନାଲି ସାହୁ, ଇତିଶ୍ରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ରଘୁନାଥପୁର,୧୨।୮ (ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ଜ୍ୟୋତି ମହାସଂଘ ସଭାକକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ୍ ୯୭ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଅନ୍ତ୍ୟୋଦୋୟ ଯୋଜନାରେ ପକ୍କାଗୃହ, ରାସନକାର୍ଡ ଓ ଭତ୍ତା ସମ୍ପର୍କିତ ଅଭିଯୋଗ ସର୍ବାଧିକ ରହିଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ୍ ଜ୍ୟୋତିଶଙ୍କର ରାୟ, ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା, ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ରବିନାରାୟଣ ଜେଠୀ, ତହସିଲ୍‌ଦାର ରାଜଲକ୍ଷ୍ମୀ ନାୟକ, ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କ ସହ ଜିଲ୍ଲା ତଥା କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ରଘୁନାଥପୁର ସାମ୍ବାଦିକଙ୍କ ପକ୍ଷରୁ ପ୍ରଦୀପ୍ତ ନାୟକ ଲୋକଙ୍କ ଗମନାଗମନ ସୁବିଧା ନିମନ୍ତେ ଗଡ଼ମା ପର୍ଯ୍ୟନ୍ତ ଆସୁଥିବା ଆମ ବସ୍‌କୁ ରଘୁନାଥପୁର ବ୍ଲକ୍ ଅଧୀନସ୍ଥ କଟକ-ପାରାଦୀପ ରାସ୍ତାର ଜଇପୁର ଛକ ପର୍ଯ୍ୟନ୍ତ ଚଳାଚଳ ପାଇଁ ଲିଖିତ ଜଣାଇଥିଲେ।

# ଇଫ୍‌କୋ ପାରାଦୀପ ୟୁନିଟ୍‌କୁ 'ଶ୍ରେଷ୍ଠ ମାତୃ ଉଦ୍ଭିଦ' ପୁରସ୍କାର

ପାରାଦୀପ,୧୨।୮ (ସମିସ): ଓଡ଼ିଶା ଆସେମ୍ବ୍ଲି ଅଫ୍ ସ୍ମଲ୍ ଆଣ୍ଡ ମିଡିୟମ୍ ଏଣ୍ଟରପ୍ରାଇଜେସ୍ (ଓଏଏସ୍ଏମ୍‌ଇ) ର ୪୦ତମ ପ୍ରତିଷ୍ଠା ଦିବସ ଅବସରରେ ବିଶ୍ୱର ସର୍ବବୃହତ୍ ସମବାୟଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫ୍‌କୋ ପାରାଦୀପ ୟୁନିଟ୍‌କୁ "ଶ୍ରେଷ୍ଠ ମାତୃ ଉଦ୍ଭିଦ ପୁରସ୍କାର-୨୦୨୫' ପ୍ରଦାନ କରାଯାଇଛି। ଏହି ପୁରସ୍କାରକୁ ଶିଳ୍ପମନ୍ତ୍ରୀ ସମ୍ପଦ



ଚନ୍ଦ୍ର ସ୍ୱାଇଁ, ଏମ୍ଏସ୍ଏମ୍‌ଇ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମାଙ୍କ ଉପସ୍ଥିତିରେ ଇଫ୍‌କୋ ପାରାଦୀପ ୟୁନିଟ୍‌ର ନିର୍ବାହୀ ନିର୍ଦ୍ଦେଶକ ତଥା ୟୁନିଟ୍ ହେଡ୍ ପି.କେ.ମହାପାତ୍ରଙ୍କୁ ପ୍ରଦାନ କରିଛନ୍ତି। ଏହି ସମ୍ମାନରେ ସମ୍ମାନିତ ହେବା ପରେ ପାରାଦୀପ ୟୁନିଟ୍‌ର ନିର୍ବାହୀ ନିର୍ଦ୍ଦେଶକ ତଥା ୟୁନିଟ୍ ହେଡ୍ ପି.କେ.ମହାପାତ୍ର ରାଜ୍ୟ ସରକାରଙ୍କ ସମେତ ଓଏଏସ୍ଏମ୍‌ଇକୁ କୃତଜ୍ଞତା ଜଣାଇଛନ୍ତି।

# 'ମାଆ ପାଇଁ ଗଛଟିଏ' ଅଭିଯାନ

ନାଉଗାଁ,୧୨।୮ (ସମିସ): ମଙ୍ଗଳବାର ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ୍ ଅନ୍ତର୍ଗତ ଘୋଡ଼ାଶ ପଞ୍ଚାୟତର ସରପଞ୍ଚ ନିହାର ରଞ୍ଜନ ବସ୍ତିଆ ଏବଂ ପଞ୍ଚାୟତ ସମିତି ସଭ୍ୟ ତରୁଣକାନ୍ତ ବାରିକଙ୍କ ନେତୃତ୍ୱରେ ଉକ୍ତ ପଞ୍ଚାୟତର ଘୋଡ଼ାଶସ୍ଥିତ ବାସୁଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ, ଓଡ଼ପଏଙ୍ଗା ଗ୍ରାମର ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ଚାଦଖା ପାଟଣ ଗ୍ରାମର ପ୍ରାଇମେରୀ ସ୍କୁଲ, ଜାମୁଦଣ୍ଡା ଗ୍ରାମର ପଞ୍ଚାୟତ ବିଦ୍ୟାପୀଠ, ତୋଟାପଟଣା ଗ୍ରାମର ପ୍ରାଇମେରୀ ସ୍କୁଲରେ ମାଆ ପାଇଁ ଗଛଟିଏ ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସରପଞ୍ଚ ଶ୍ରୀ ବସ୍ତିଆ ଉକ୍ତ ପଞ୍ଚାୟତକୁ ଏକ ସବୁଜ ପଞ୍ଚାୟତ କରିବା ଉଦ୍ଦେଶ୍ୟ ରଖି ୧ହଜାର ଚାରା ଯୋଗାଇବା ସହିତ ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ପଞ୍ଚାୟତର ମିଶନ ଶକ୍ତି ମହିଳା, ଅଙ୍ଗନବାଡ଼ି କର୍ମୀ, ସମାଜସେବୀମାନଙ୍କ ସହାୟତାରେ ଚାରାରୋପଣ କରିଥିବା ଦେଖାଯାଇଛି।

# ଭାଗବତ ଚେତନା ପରିଷଦର ବରିଷ୍ଠ ସଦସ୍ୟଙ୍କ ପରଲୋକ

ଜଗତସିଂହପୁର,୧୨।୮ (ସମିସ): ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୧୦ ଜୟବଡ଼ ନିବାସୀ ସୁଖେନ ଚକ୍ରବର୍ତ୍ତୀଙ୍କର ୮୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଷମା ଭଟ୍ଟାଚାର୍ଯ୍ୟ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଏବଂ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ସୁଖେନ ଶିକ୍ଷକତା ବୃତ୍ତିରୁ ଅବସର ନେବାପରେ ଶ୍ରୀଜଗନ୍ନାଥ ଭାଗବତ ଚେତନା ପରିଷଦ



ସହିତ ଜଡ଼ିତ ରହି ଶ୍ରୀମଦ୍ ଭାଗବତର ପ୍ରଚାରପ୍ରସାର ଦିଗରେ କାର୍ଯ୍ୟ କରୁଥିଲେ। ଏଥିସହିତ ଶ୍ରୀଜଗନ୍ନାଥ ବରିଷ୍ଠ ନାଗରିକ ମଞ୍ଚର ସେ ଜଣେ ସକ୍ରିୟ ସଦସ୍ୟ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ନାତି ଓମ୍ ଠାକୁର ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ।

## ଅଳକା ଆଶ୍ରମ ଦ୍ୱାରା ନିଶାମୁକ୍ତ ଯୁବଶକ୍ତି ଅଭିଯାନର ତୃତୀୟ ବର୍ଷ

# ନିଶାମୁକ୍ତ ସମାଜ ପାଇଁ ଛାତ୍ରଛାତ୍ରୀଙ୍କ ଶପଥ ଗ୍ରହଣ

ଜଗତସିଂହପୁର/କୁଜଙ୍ଗ,୧୨।୮ (ସମିସ)

ଜଗତସିଂହପୁରର ଅଳକା ଆଶ୍ରମ ଆନୁକୂଲ୍ୟରେ ନିଶାମୁକ୍ତ ଯୁବଶକ୍ତି କର୍ମଶାଳାର ତୃତୀୟ ବର୍ଷ କ୍ରାନ୍ତି ଦିବସରୁ ମୁକ୍ତି ଦିବସ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ଏହି ଅବସରରେ ଜିଲ୍ଲାର କୁଜଙ୍ଗ ବ୍ଲକ୍ ଅଞ୍ଚଳରେ ଶତାଧିକ ଛାତ୍ରଛାତ୍ରୀ ଜୀବନରେ ନିଜେ ନିଶାସେବନ ନ କରିବା ସହିତ ନିଜ ପରିବାର ତଥା ପରିବେଶକୁ ନିଶାଠାରୁ ଦୂରେଇ ରଖିବା ପାଇଁ ଶପଥ ଗ୍ରହଣ କରିଛନ୍ତି। ଐତିହାସିକ ଅଳକା ଆଶ୍ରମ ଆନୁକୂଲ୍ୟରେ ଜଗତସିଂହପୁର ଡେଭଲପ୍‌ମେଣ୍ଟ ଫୋରମ୍ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ଶିକ୍ଷାବିତ୍ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ୨୦୨୩ ମସିହା କ୍ରାନ୍ତି ଦିବସରୁ ଆରମ୍ଭ ହୋଇଥିବା ନିଶାମୁକ୍ତି ଯୁବଶକ୍ତି




ଅଭିଯାନ ଦ୍ୱାରା କୋମଳମତି ଛାତ୍ରଛାତ୍ରୀଙ୍କୁ ନିଶାର କୁପ୍ରଭାବ ବିଷୟରେ ସଚେତନତା କରାଇ ସେମାନଙ୍କୁ ନିଶାଠାରୁ ଦୂରେଇ ରଖିବା ପାଇଁ ଏହି ଅଭିନବ କର୍ମଶାଳା ଶୃଙ୍ଖଳା ନିୟମିତ ଭାବରେ ଆୟୋଜିତ ହେଉଛି।

ଗତ ୧୧ ତାରିଖରେ ପ୍ରଥମାର୍ଦ୍ଧରେ କୁଜଙ୍ଗ ସଦରମହକୁମାସ୍ଥିତ ବନ ବିହାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଦ୍ୟାଳୟର ସହ ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ସେନାପତିଙ୍କ ପରିଚାଳନାରେ ଏହି କର୍ମଶାଳା ଆୟୋଜନ କରାଯାଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ପଙ୍କପାଳ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ତନୁପ୍ରଭା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଳକା ଆଶ୍ରମ ପରିଚାଳନା କମିଟିର ସଭାପତି ଗୌରାଙ୍ଗ ଚରଣ ହୋତା, ବରିଷ୍ଠ ସଦସ୍ୟା ଆଶ୍ରମବାଳା ଦୁବେ, ସଂଯୋଜକ ନଗେନ୍ଦ୍ର ନାଥ ସ୍ୱାଇଁ, କମ୍ରେଡ୍ ବାବୁରାମ ଚୌଧୁରୀ ଓ କାର୍ଯ୍ୟକାରିଣୀ ସଦସ୍ୟ ଡ. ସୁରେଶ କୁମାର ପ୍ରଧାନ ପ୍ରମୁଖ ସାମ୍ପ୍ରତିକ ପରିସ୍ଥିତିରେ ଆମ ସମାଜର ଯୁବଶକ୍ତି କେମିତି ନିଶା ଦ୍ୱାରା କବଳିତ ହୋଇ ବିଭିନ୍ନ ପ୍ରକାରର ଅପରାଧ ଘଟାଇ ସମାଜର କ୍ଷତିସାଧନ କରୁଛନ୍ତି ତାହା ବର୍ଣ୍ଣନା କରିଥିଲେ। ଏହି କର୍ମଶାଳାରେ ମହାତ୍ମା ଗାନ୍ଧୀ ଓ ଜାତୀୟ ପତାକା ନାମରେ ୭୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ନିଶାଠାରୁ ଦୂରେଇ ରହିବା ପାଇଁ ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଜ୍ୟୋତିରଞ୍ଜନ ପ୍ରଧାନ, ବିଜୟ ରଥ, ଅଳକା ଆଶ୍ରମର ସଦସ୍ୟମାନେ ତଥା ଅନୁଷ୍ଠାନର ଶିକ୍ଷକଶିକ୍ଷୟିତ୍ରୀଗଣ ପରିଚାଳନା କରିଥିଲେ।


**THE BISRA STONE LIME COMPANY LTD.**
CIN: L14100OR1910GOI033904
Regd. Office :Plot No:255, Pristine Green, Pokhariput, Bhubaneswar-751020.
Statement of Financial Results For the Quarter Ended 30th June 2025
(Rs.in Lakhs)

| Sl. No. | Particulars | Quarter Ended | | Year Ended |
|---|---|---|---|---|
| | | 30.06.2025 | 30.06.2024 | 31.03.2025 |
| | | (Reviewed) | | (Audited) |
| 1 | Total Income from Operation (including Other Income) | 2362.05 | 1248.11 | 6260.56 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 415.91 | 336.55 | 6260.56 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 415.91 | 336.55 | 671.34 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 276.53 | 246.03 | 438.51 |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | 276.53 | 246.03 | 492.93 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (20,903.76) | (21,427.19) | (21,180.29) |
| 8 | Earning per share (Rs) | | | |
| | (i) Basic: | 0.32 | 0.28 | 0.50 |
| | (ii) Diluted | 0.32 | 0.28 | 0.50 |

1. The above results of the Company were approved by the Board of Directors at their respective meetings held on 11.08.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Bengaluru
Date: 11th August, 2025



ପୃଥିବୀ ଏକ ବ୍ୟାୟାମଶାଳା, ଯାହାର ବିଭିନ୍ନ ଉପାଦାନକୁ ଉପଯୋଗ କରି ଆମେ ନିଜକୁ ଦକ୍ଷ ଓ ଶକ୍ତ କରିପାରିବା।
-ବିବେକାନନ୍ଦ

ସକାଳ
THE SAKALA

# ବାଡ଼ ଯଦି କ୍ଷେତ ଖାଏ

ସ୍ୱାଧୀନତାର ୭୮ ବର୍ଷ ଇତିହାସରେ ପ୍ରଥମ ଥର ପାଇଁ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଦେଶ ଭାରତରେ ଏକ ଅଭାବନୀୟ ଓ ଉଦ୍‌ବେଗଜନକ ଘଟଣା ଘଟିଛି, ଯେଉଁଥିରେ ପ୍ରାୟ ୩୦୦ ସାଂସଦ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଧାରାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ମୂଳାଧାର ହେଉଛି ନିର୍ବାଚନ। ଏହି ପ୍ରକ୍ରିୟା ଯେତେ ସ୍ୱଚ୍ଛ, ନିରପେକ୍ଷ ଓ ଅବାଧ ହେବ ସାମ୍ବିଧାନିକ ମୂଲ୍ୟବୋଧ ସେତିକି ସୁଦୃଢ଼ ଏବଂ ଗଣଙ୍କ ପ୍ରତି ଶାସନ ବ୍ୟବସ୍ଥାର ଉତ୍ତରଦାୟିତ୍ୱ ସେତିକି ପ୍ରତୀକାତ୍ମକ ହେବ। କିନ୍ତୁ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ଜନପ୍ରତିନିଧିମାନେ ହିଁ ଯେତେବେଳେ ନିର୍ବାଚନର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି, ସ୍ୱାଭାବିକ ଭାବେ ସମଗ୍ର ବିଶ୍ୱର ଦୃଷ୍ଟି ଭାରତ ଉପରେ କେନ୍ଦ୍ରୀଭୂତ ହୋଇଛି। ଏହାକୁ କେବଳ ବିରୋଧ ଆଳରେ ବିରୋଧ କିମ୍ବା ରାହୁଲ୍ ଗାନ୍ଧୀଙ୍କ ମସ୍ତିଷ୍କ ପ୍ରସୂତ କହି ଏଡ଼ାଇ ଦେବା ଭଳି ଘଟଣା ନୁହେଁ। କେଉଁଠି ନା କେଉଁଠି ନିର୍ବାଚନ ପ୍ରକ୍ରିୟାରେ ତ୍ରୁଟି ଓ ପକ୍ଷପାତିତାର ଗନ୍ଧ ବାରି ହେଉଛି, ଯାହା ଫଳରେ ଏତେ ସଂଖ୍ୟକ ଗୁଣୀ, ଜ୍ଞାନୀ ନୀତି ନିର୍ଦ୍ଧାରକମାନେ ରାଜରାସ୍ତାକୁ ଓହ୍ଲାଇବାକୁ ପଡ଼ିଛି। ଯଦି ସାଂସଦମାନଙ୍କ ଅଭିଯୋଗ ସତ ସାବ୍ୟସ୍ତ ହୁଏ କିମ୍ବା ନିର୍ବାଚନ ଆୟୋଗଙ୍କ ଭୂମିକା ସନ୍ଦେହାସ୍ପଦ ହୁଏ ତେବେ ଗଣତନ୍ତ୍ରର ଭବିଷ୍ୟତ ପ୍ରତି ତାହା ଶୁଭଙ୍କର ନୁହେଁ ବୋଲି ଧରାଯିବ।

ଲକ୍ଷ୍ୟ କରିବାର କଥା ଗତ କିଛି ମାସ ଧରି ଗଣତନ୍ତ୍ରର ମୂଳାଧାରର ମୁଖ୍ୟ ପରିଚାଳନା ଦାୟିତ୍ୱରେ ଥିବା ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଧାରା ବିବାଦାସ୍ପଦ ହୋଇଛି ଏବଂ ପବିତ୍ର ସାମ୍ବିଧାନିକ ସଂସ୍ଥାର ମର୍ଯ୍ୟାଦା ଉପରେ ପ୍ରଶ୍ନ ଚିହ୍ନଟିଏ ଲାଗିଛି। ଗତ ଲୋକସଭା ନିର୍ବାଚନରେ ଭୋଟଦାନ ହାର ଓ ଭୋଟ ଗଣତି ଫଳାଫଳରେ ଥିବା ତାରତମ୍ୟକୁ ନେଇ ଉଠିଥିବା ପ୍ରଶ୍ନ ନିର୍ବାଚନ ଆୟୋଗଙ୍କୁ ବିବାଦ ଭିତରକୁ ଟାଣିଥିଲା, ଯାହା ପରବର୍ତ୍ତୀ ସମୟରେ ହରିଆଣା ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପରେ ଆହୁରି ଘନୀଭୂତ ହୋଇଥିଲା। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭୋଟଦାନ ସମୟରେ ବୁଥ୍‌ୱାରୀ ଭୋଟର ସଂଖ୍ୟା, ଭୋଟଦାନ କେନ୍ଦ୍ରରେ ଭୋଟଦାନ ପରିମାଣ, ସନ୍ଧ୍ୟା ପରେ ପଡ଼ିଥିବା ଭୋଟ ସଂଖ୍ୟାରେ ଜଳ ଜଳ ଦିଶୁଥିବା ଅସ୍ୱାଭାବିକତା ଓ ଅନିୟମିତତାକୁ ନେଇ ଲୋକସଭା ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀ ଯେତେଗୁଡ଼ିଏ ତଥ୍ୟ ସମ୍ବଳିତ ପ୍ରଶ୍ନ ଗଣମାଧ୍ୟମ ଜରିଆରେ ନିର୍ବାଚନ ଆୟୋଗଙ୍କ ଉଦ୍ଦେଶ୍ୟରେ ଉପସ୍ଥାପନ କରିଥିଲେ ତାହାର ସନ୍ତୋଷଜନକ ସ୍ପଷ୍ଟୀକରଣ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସେହି ମାଧ୍ୟମରେ ପ୍ରକାଶ ନ ପାଇ ଶ୍ରୀଗାନ୍ଧୀଙ୍କୁ ବ୍ୟକ୍ତିଗତ ଭାବେ ସୂଚିତ କରାଯାଇଥିବା କୁହାଯାଇଥିଲା। ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସୂଚନା ଅଧିକାର ଓ ଅଭିବ୍ୟକ୍ତିର ସ୍ୱାଧୀନତା ସୁନିଶ୍ଚିତ କରୁଥିବା ରାଷ୍ଟ୍ରରେ ସ୍ୱଚ୍ଛତାର ପ୍ରମାଣ ଓ ସ୍ପଷ୍ଟୀକରଣ ପାଇଁ ଗଣମାଧ୍ୟମଠାରୁ ବଳି ଅଧିକ ଉତ୍ତମ ବିକଳ୍ପ ନ ଥାଇପାରେ। ଅଥଚ ନିର୍ବାଚନ ଆୟୋଗ କାହିଁକି ଏହି ବିକଳ୍ପକୁ ବ୍ୟବହାର କଲେ ନାହିଁ ତାହା ଆଉ ଏକ ପ୍ରଶ୍ନ ସୃଷ୍ଟି କରୁଛି।

କଂଗ୍ରେସ ଓ ରାହୁଲ୍ ଗାନ୍ଧୀ ଏହି ଅଭିଯୋଗ ଆଣିବାର ବହୁ ପୂର୍ବରୁ ୨୦୨୪ ସାଧାରଣ ନିର୍ବାଚନ ପରେ ଓଡ଼ିଶାରେ ବିଜେଡି ମଧ୍ୟ ନିର୍ବାଚନ ପ୍ରକ୍ରିୟାରେ ଅସ୍ୱାଭାବିକ ତାରତମ୍ୟକୁ ନେଇ ନିର୍ବାଚନ ଆୟୋଗଙ୍କୁ ଫେରାଦ ହୋଇଥିଲା। ଓଡ଼ିଶାରେ ସମସ୍ତ ସଂସଦୀୟ କ୍ଷେତ୍ରରେ ଇଭିଏମ୍‌ରେ ପଡ଼ିଥିବା ଭୋଟ ସଂଖ୍ୟା ତୁଳନାରେ ଗଣତି ହୋଇଥିବା ଭୋଟ ସଂଖ୍ୟା ଏବଂ ସଂସଦୀୟକ୍ଷେତ୍ରର ଭୋଟ ସଂଖ୍ୟା ତୁଳନାରେ ଅଧୀନସ୍ଥ ବିଧାନସଭା ମଣ୍ଡଳୀର ଭୋଟ ସଂଖ୍ୟାରେ ଅସଙ୍ଗତି ରହିଥିଲା। ଭୋଟଦାନ ଧାର୍ଯ୍ୟ ସମୟ ପରେ ପଡ଼ିଥିବା ଭୋଟ ହାର ୭ରୁ ୩୦ ପ୍ରତିଶତ ଯାଏଁ ଥିଲା। ବିଜେଡି ପକ୍ଷରୁ ନିର୍ବାଚନ ଆୟୋଗଙ୍କ ଏସବୁ ତଥ୍ୟ ସମ୍ବଳିତ ଅଭିଯୋଗପତ୍ର ଦାଖଲ କରାଯାଇ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାର ଅଡିଟ୍ ପାଇଁ ଦାବି କରାଯାଇଥିଲା। ଅଥଚ ନିର୍ବାଚନ ଆୟୋଗ ଏହାକୁ ଗୁରୁତ୍ୱ ଦେଲେ ନାହିଁ କି ନିୟମ ଅନୁଯାୟୀ ନିର୍ବାଚନ ପରେ ଉଦ୍ଦିଷ୍ଟ ଫର୍ମ-୧୭ସି ପ୍ରଦାନ କଲେ ନାହିଁ। ଏଣୁ ବିଜେଡି ଏବେ ଏହି ମାମଲାକୁ ଉଚ୍ଚ ନ୍ୟାୟାଳୟକୁ ନେବା ପାଇଁ ଚିନ୍ତା କରୁଛି।

ଏଭଳି ଏକ ବିବାଦୀୟ ଘଟଣାକ୍ରମର ପୃଷ୍ଠଭୂମିରେ ସୂଚନା ଅଧିକାର ଆଇନ ଅଧୀନରେ ଆସୁଥିବା ଭୋଟଗ୍ରହଣ କେନ୍ଦ୍ରର ଭିଡିଓ ଫୁଟେଜ୍ ପ୍ରଦାନ ସଂକ୍ରାନ୍ତୀୟ ଧାରାକୁ ହଟାଇବା ପାଇଁ ଜନପ୍ରତିନିଧି ଆଇନରେ ତରବରିଆ ଭାବେ ସଂଶୋଧନ କରାଯିବା ପରେ ରାହୁଲ୍ ଗାନ୍ଧୀ ହୁଅନ୍ତୁ କିମ୍ବା ବିଜେଡି କିମ୍ବା ଅନ୍ୟ ଅଭିଯୋଗକାରୀଙ୍କ ଅଭିଯୋଗ ପଛରେ କେଉଁଠି ନା କେଉଁଠି ସତ୍ୟତା ରହିଛି ବୋଲି ଜନମତରେ ଏକ ଧାରଣା ସୃଷ୍ଟି ହୋଇଛି। ଏବେ ପୁଣି ଥରେ ସେହିକ୍ରମରେ ଯୋଡ଼ି ହୋଇଯାଇଛି କର୍ଣ୍ଣାଟକ ମହାଦେବପୁରା ବିଧାନସଭା ମଣ୍ଡଳୀରେ 'ଭୋଟ ଚୋରି' ଅଭିଯୋଗ ଏବଂ ବିହାରରେ ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା(ଏସ୍‌ଆଇଆର)। ଏହି ପ୍ରସଙ୍ଗରେ ସଂସଦର ମୌସୁମୀ ଅଧିବେଶନ ଏକପ୍ରକାର ଅଚଳ ହୋଇଯାଇଛି। ଏସ୍‌ଆଇଆର ପ୍ରସଙ୍ଗ ଏବେ ସର୍ବୋଚ୍ଚ ଅଦାଲତରେ ବିଚାରାଧୀନ ଥିବାରୁ ସେ ସମ୍ପର୍କରେ ଅଧିକ କିଛି ଉଲ୍ଲେଖ କରିବା ଅନୁଚିତ ହେବ।

ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ, ଅବାଧ ଓ ଯଥାସମ୍ଭବ ତ୍ରୁଟିଶୂନ୍ୟ କରିବା ଦାୟିତ୍ୱ ନିର୍ବାଚନ ଆୟୋଗଙ୍କର। ଏଥିପାଇଁ ଆୟୋଗ କି ପଦ୍ଧତି ଆପଣେଇବେ ତାହା ସମ୍ପୂର୍ଣ୍ଣ ରୂପେ ତାଙ୍କ ସ୍ୱାଧିକାର ଭୁକ୍ତ ଓ ପ୍ରଶ୍ନାତୀତ। କିନ୍ତୁ ବିହାର ଏସ୍‌ଆଇଆର ପ୍ରସଙ୍ଗକୁ ବାଦ୍ ଦେଇ ଯଦି ୨୦୨୪ ଲୋକସଭା ନିର୍ବାଚନ ପରବର୍ତ୍ତୀ ସମୟରୁ ସାମଗ୍ରିକ ନିର୍ବାଚନ ଘଟଣାକ୍ରମକୁ ଅନୁଶୀଳନ କରାଯାଏ, ସେଥିରୁ ଆୟୋଗଙ୍କ ଅସ୍ୱଚ୍ଛତା ରହସ୍ୟମୟ ହୋଇପଡୁଛି। ଏହି ରହସ୍ୟ ଯେତେ ଶୀଘ୍ର ଉନ୍ମୋଚନ ହେବ ଗଣତନ୍ତ୍ର ପାଇଁ ସେତେ ମଙ୍ଗଳ। ଯଦି ବିରୋଧ ଆଳରେ କେବଳ ଆୟୋଗଙ୍କ କାର୍ଯ୍ୟକୁ ବିରୋଧ କରାଯାଉଥାଏ ତେବେ ତାହା ମଧ୍ୟ ଭୁଲ୍ ପ୍ରମାଣିତ ହେବ। ଭାରତର ଦୀର୍ଘ ୭୫ ବର୍ଷର ନିର୍ବାଚନ ଇତିହାସରେ ଭୋଟ ରିଗିଂ ବା ବଳପୂର୍ବକ ଭୋଟ ଦାନ ବା ଭୋଟ ଅପହରଣ ଅଭିଯୋଗ ଓ ଘଟଣା ନୂଆ ନୁହେଁ। ଯେଉଁଠି ଅର୍ଥବଳ କାର୍ଯ୍ୟ କରେ ନାହିଁ ସେଠାରେ ବାହୁବଳ ପ୍ରୟୋଗରେ ଭୋଟ ରିଗିଂ ହୁଏ। ଏହାକୁ ଜଗିବା ଦାୟିତ୍ୱ ନିର୍ବାଚନ ଆୟୋଗଙ୍କର। ଏଥିପାଇଁ ମଧ୍ୟ ସମ୍ବିଧାନ ଆୟୋଗଙ୍କୁ ପ୍ରଭୂତ କ୍ଷମତା ଓ ଅଧିକାର ଦେଇଛି। ରାହୁଲ୍‌ଙ୍କ 'ଭୋଟ ଚୋରି' ଅଭିଯୋଗ ହେଉ କିମ୍ବା ଇଭିଏମ୍‌ରେ ତାରତମ୍ୟ ଅଭିଯୋଗ, ତା' ପଛରେ କେତେ ଦୃଢ଼ ପ୍ରମାଣ ଆଧାରିତ ସତ୍ୟତା ରହିଛି ତାହା ପରଖିବା ପାଇଁ ଅଧିକୃତ ସଂସ୍ଥାମାନେ ଅଛନ୍ତି। ଯଦି ଏହି ଅଭିଯୋଗ ସତ ସାବ୍ୟସ୍ତ ହୁଏ ତେବେ ଆୟୋଗ 'ବାଡ଼ ହିଁ କ୍ଷେତ ଖାଇବା' ଭଳି ଅପବାଦ ମୁଣ୍ଡାଇବା ସାର ହେବ। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ମର୍ଯ୍ୟାଦା ଓ ସାମ୍ବିଧାନିକ ମୂଲ୍ୟବୋଧକୁ ଅକ୍ଷୁଣ୍ଣ ରଖିବା ଲାଗି ନିର୍ବାଚନ ଆୟୋଗ ଯଥାଶୀଘ୍ର ଏହି ଅପବାଦରୁ ମୁକ୍ତ ହେବା ବିଧେୟ।

# ଓଡ଼ିଶାରେ ଧଳାସୁନାର ବିକାଶ ମାର୍ଗ

ବିଦ୍ୟାଧର ମହାରଣା

ଓଡ଼ିଶାରେ ଅର୍ଥକରୀ ଫସଲ ହିସାବରେ କପା ପ୍ରଧାନ। ଏହାକୁ 'ଧଳାସୁନା' କୁହାଯାଏ। କପା ଏକ ରାଜା ଫସଲ। ରାଜା ଖୁସି ହେଲେ ଘରକୁ ସୁନା ଆସିବ ଏବଂ ରାଜା ରାଗିଲେ ଚାପୁଡ଼ା ଖାଇବା ସାର। ଏହାର ମର୍ମ ହେଲା କପା ଫସଲ ସର୍ବାଧିକ ଯତ୍ନ ଆବଶ୍ୟକ କରେ ଏବଂ ଅଣହେଳା କଲେ ବହୁତ କ୍ଷତି ସହିବାକୁ ପଡ଼େ। ଓଡ଼ିଶାରେ ମୁଖ୍ୟତଃ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର ଓ ରାୟଗଡ଼ାରେ କପାଚାଷ ହୁଏ। ୧୯୮୭-୮୮ ପର୍ଯ୍ୟନ୍ତ ରାଜ୍ୟରେ ମାତ୍ର ୩୦୦୦ ହେକ୍ଟର ଜମିରେ କପାଚାଷ ହେଉଥିଲା। ଏହା କ୍ରମଶଃ ୨୦୨୩-୨୪ରେ ୨.୩୫ ଲକ୍ଷ ହେକ୍ଟର ଜମିକୁ ବଢ଼ି ୮.୧୮ ଲକ୍ଷ ବେଲ୍ (୧ ବେଲ୍ =୧୮୦ କିଲୋ ଗ୍ରାମ) ଉତ୍ପାଦନ ହୋଇଛି। ଏହି ବର୍ଷ ବଲାଙ୍ଗୀର ଜିଲ୍ଲାରେ ୭୦, ୯୪୦ ହେକ୍ଟର, କଳାହାଣ୍ଡିରେ ୭୧, ୪୦୦ ହେକ୍ଟର, ନୂଆପଡ଼ାରେ ୧୯, ୪୯୦ ହେକ୍ଟର ଓ ରାୟଗଡ଼ାରେ ୪୯, ୧୦୦ ହେକ୍ଟର ଭାବରେ ରାଜ୍ୟର ମୋଟ କପାଚାଷର ପ୍ରାୟ ୯୦% ଉତ୍ପାଦନ ହୋଇଥିଲା। ଭାରତ ସରକାରଙ୍କ କପା ନିର୍ଦ୍ଦେଶାଳୟ ତଥ୍ୟ ଅନୁଯାୟୀ ଭାରତରେ ୧୨୯ ଲକ୍ଷ ହେକ୍ଟରରୁ ଓଡ଼ିଶାରେ ୨୦୨୨-୨୩ରେ ୨.୧୬ ଲକ୍ଷ ହେକ୍ଟର ଜମିରେ କପାଚାଷ ହୋଇଥିଲା। ଭାରତରେ ହେକ୍ଟର ପ୍ରତି କପା ତନ୍ତୁ ଅମଳ ୪୪୩ କିଲୋଗ୍ରାମ ଥିବା ସ୍ଥଳେ ଓଡ଼ିଶାରେ ଏହା ୫୫୪ କିଲୋଗ୍ରାମ। ଅମଳ ହାରରେ ଗୁଜୁରାଟ ଓ ରାଜସ୍ଥାନ ପରେ ଓଡ଼ିଶାର ସ୍ଥାନ ତୃତୀୟ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅନୁଧ୍ୟାନରୁ ଜଣାଯାଏ ଯେ କ୍ଷୁଦ୍ର ଚାଷୀ ଅପେକ୍ଷା ବଡ଼ ଚାଷୀ କପା ଚାଷରେ ଅଧିକ ଖର୍ଚ୍ଚ କରନ୍ତି ଓ ଅଧିକ ଲାଭ ମଧ୍ୟ ପାଆନ୍ତି। ହେକ୍ଟର ପ୍ରତି ପ୍ରାୟ ୪୫୦୦୦ ଟଙ୍କା ଖର୍ଚ୍ଚ ହେବା ସ୍ଥଳେ ନିଟ ଲାଭ ମାତ୍ର ୨୪୦୦୦ଟଙ୍କା। ଏହାର ଅର୍ଥ ହେଲା କପା ଚାଷରେ ଏକ ଟଙ୍କା ଖର୍ଚ୍ଚ କଲେ ମୋଟ ଆୟ ୧.୫୪ ଟଙ୍କା ହୁଏ, ଯାହାକି ସନ୍ତୋଷଜନକ ନୁହେଁ। ଏକ ଅର୍ଥକରୀ ଫସଲ ହିସାବରେ ପ୍ରତି ଏକ ଟଙ୍କା ଖର୍ଚ୍ଚରେ ମୋଟ ଆୟ ଅନ୍ତତଃ ଦୁଇ ଟଙ୍କା ହେବା ଆବଶ୍ୟକ। କପାଚାଷରେ ଶ୍ରମିକ ଖର୍ଚ୍ଚ ପ୍ରାୟ ୩୧%, ସାର ଖର୍ଚ୍ଚ ୧୭% ଓ ଜମି ଭଡ଼ା ପ୍ରାୟ ୧୭%। ବିହନ, ଖତ, ଫସଲ ସଂରକ୍ଷଣ ଇତ୍ୟାଦି ବାବଦରେ ଅବଶିଷ୍ଟ ୩୭% ଖର୍ଚ୍ଚ ହୋଇଥାଏ। ଏଥିରୁ ସହଜରେ ଅନୁମେୟ ଯେ କପା ଏକ ବ୍ୟୟସାପେକ୍ଷ ଫସଲ।

ଏହା ସାଧାରଣତଃ ବର୍ଷା ଓ ଶୀତ ଋତୁରେ ଚାଷ ହୁଏ। କିନ୍ତୁ ଓଡ଼ିଶାରେ ଏହା କେବଳ ବର୍ଷାଦିନେ ଚାଷ ହୁଏ। କପାଚାଷରେ ସାଧାରଣ ବିହନ, ବିଟି ବିହନ ଓ ହାଇବ୍ରିଡ ବିହନ ବ୍ୟବହାର ହୁଏ। ବୁଣା ପ୍ରଣାଳୀ ଅନୁସାରେ ବିହନ ହାର ଭିନ୍ନ ହୋଇଥାଏ। ତେବେ ହାରାହାରି ଦେଶୀ କିସମ ହେକ୍ଟର ପ୍ରତି ୮-୧୦ କିଲୋଗ୍ରାମ, ବି.ଟି. ହାଇବ୍ରିଡ ୧-୨ କିଲୋଗ୍ରାମ ଓ ଆମେରିକା ହାଇବ୍ରିଡ ୩-୪ କିଲୋଗ୍ରାମ ବ୍ୟବହାର ହୁଏ। କପା ଫସଲରେ ସବୁଠୁ ବେଶୀ କ୍ଷତିଭୟ ହେଉଛି ରୋଗପୋକ ଆକ୍ରମଣ। ଜଉ ପୋକ, ଧଳା ମାଛି, ପତ୍ରପୋଡ଼ା, ଝାଉଁଳା ରୋଗ ଓ ବକରାବିନ୍ଧା ପୋକ ସର୍ବାଧିକ କ୍ଷତି କରିଥାଏ। କୀଟ ନିରୋଧକ ବି.ଟି.ବିହନ ବ୍ୟବହାର କରିବା ସହ କୀଟନାଶକ ଦ୍ରବ୍ୟ ପକାଇ କୀଟ ନିୟନ୍ତ୍ରଣ କରିବାରେ ବିଫଳ ହେବା କାରଣରୁ କେତେକ କୃଷକ ଆତ୍ମହତ୍ୟା କରିବା ଜଣାଯାଏ।

କପା ଫସଲର ମୁଖ୍ୟ ସମସ୍ୟାଗୁଡ଼ିକ ହେଲା ଅଧିକ ଚାଷଖର୍ଚ୍ଚ, କମ୍ ଅମଳ ହାର, ଉପଯୁକ୍ତ କିସମ ବିହନ ନମିଳିବା, ଅଧିକ କୀଟ ସମସ୍ୟା, ମରୁଡ଼ି ଓ ବିକ୍ରିବଟାରେ ଅସୁବିଧା। କପା ତନ୍ତୁର ଲମ୍ବା ଓ ଗୁଣାତ୍ମକ ମାନ ଅନୁସାରେ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରାଯାଏ। ୨୦୨୫ ପାଇଁ ମଧ୍ୟମ ତନ୍ତୁ କପା କୁଇଣ୍ଟାଲ ପ୍ରତି ୭୧୨୫ ଟଙ୍କା, ଦୀର୍ଘ ତନ୍ତୁ ପାଇଁ ୭୫୨୧ ଓ ଏମ୍.ସି.ୟୁ ପାଇଁ ୭୭୨୧ ଟଙ୍କା ସ୍ଥିର ହୋଇଛି। ମଧ୍ୟମ ତନ୍ତୁ ୨୪.୫-୩୫.୫ ମିଲିମିଟର ଏବଂ ୩.୫ ରୁ ୪ .୩୧ ମାଇକ୍ରୋନେୟର ଥିବା ଆବଶ୍ୟକ। କପାରୁ ମଞ୍ଜିକୁ ଅଲଗା କରି ସଫା କରି ବେଲ୍ ବା ଗାଣ୍ଠି ଜିନିଙ୍ଗ ମିଲ୍ ଦ୍ୱାରା ହୁଏ। ଏହାପରେ ଏଥିରୁ ସୂତାକଳରେ ସୂତା କଟାଯାଏ। ଓଡ଼ିଶାରେ ସ୍ପିନଫେଡ୍ ସାତଗୋଟି ସୂତାକଳ ଚଳାଉ ଥିବା ସ୍ଥଳେ ବର୍ତ୍ତମାନ ଗୋଟିଏ ହେଲେ କାର୍ଯ୍ୟକ୍ଷମ ନୁହେଁ। କିନ୍ତୁ ଘରୋଇ ବ୍ୟବସାୟୀଙ୍କ ଦ୍ୱାରା କେତେକ ଜିନିଙ୍ଗ ମିଲ୍ ସ୍ଥାପନ ହୋଇଛି। ଉଭୟ ଭାରତୀୟ କପା ନିଗମ ଏବଂ ଘରୋଇ ବ୍ୟବସାୟୀ ଚାଷୀଙ୍କ ଠାରୁ କପା କିଣୁଛନ୍ତି। ରାଜ୍ୟରେ ଅଧିକ ସଂଖ୍ୟକ ସ୍ପିନିଙ୍ଗ ମିଲ୍ ସହିତ ପାୱାର ଲୁମ୍ ଖୋଲାଗଲେ କପାଚାଷର ବିସ୍ତାର ସହିତ ଶ୍ରମିକ ନିଯୁକ୍ତି ହୋଇ ପାରନ୍ତା।

କପା ମଞ୍ଜିରୁ ୧୫-୨୦% ଖାଇବା ତେଲ ପ୍ରସ୍ତୁତ ହୋଇଥାଏ ଏବଂ କପାର ଶୁଖିଲା ଗଛ ଜାଳେଣି ଭାବରେ ବ୍ୟବହାର ହୁଏ। ଓଡ଼ିଶାର ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାରେ କପାଚାଷ ପାଇଁ ବହୁ ଆନ୍ଧ୍ରପ୍ରଦେଶ ଚାଷୀ ଜମିକୁ ଭଡ଼ାରେ ନେଇ କପାଚାଷ କରନ୍ତି। ସେମାନେ ହାଇବ୍ରିଡ କପା ବିହନ ଆଣି ଅଧିକ ସାର ଓ କୀଟନାଶକ ବ୍ୟବହାର କରି ଚାଷକରିବା ଫଳରେ ଜମିର ଉର୍ବରତା ହ୍ରାସ ପାଉଛି ଏବଂ ପରିବେଶ ପ୍ରଦୂଷିତ ହେଉଛି। ଯେହେତୁ କପା ଫସଲରେ ମୁଖ୍ୟ ସମସ୍ୟା ହେଉଛି ରୋଗ ଓ ପୋକ ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ଆବଶ୍ୟକ। ବିଭିନ୍ନ ପ୍ରକାରର ଯନ୍ତା(ଅଠାଳିଆ, ହଳଦିଆ ଓ ଫେରୋମୋନ) ବ୍ୟବହାର, ଜୈବ କୀଟନାଶକ ହିସାବରେ ଟ୍ରାଇକୋଗ୍ରାମା, ଏନ୍.ପି.ଭି. ଭୂତାଣୁ ଓ ନିମ୍ବ ବିଷ ବ୍ୟବହାର କରିବା ଆବଶ୍ୟକ। କପା ଫସଲ ବକରା ପାକଳ ସମୟରେ ଅଧିକ ଜଳୀୟ ଅଂଶ ଆବଶ୍ୟକ କରୁଥିବାରୁ କିଛି ସିଞ୍ଚନ ଜଳ ସେଚନ ଆବଶ୍ୟକ। କପା ଫସଲ ଉପଯୁକ୍ତ ସମୟରେ ଅମଳ କରି ଜିନିଙ୍ଗ କରିପାରିଲେ ଉପଯୁକ୍ତ ମୂଲ୍ୟ ମିଳିବ।

ଅତୀତରେ ଓଡ଼ିଶା ସରକାର ଦୁଇଜଣ ଇସ୍ରାଏଲ ବୈଜ୍ଞାନିକଙ୍କୁ ଭୁବନେଶ୍ୱର ଆଣି କେତେକ ବଛାବଛା କୃଷି ଅଧିକାରୀ ଓ ବୈଜ୍ଞାନିକଙ୍କୁ ୧୫ ଦିନ ତାଲିମ୍ ବ୍ୟବସ୍ଥା କରିଥିଲେ। ଡଃ ଡାନିଏଲ ରିମନ ଓ ଜୋନାଥନ ଦାଗ ଉଚ୍ଚକୋଟୀର ତାଲିମ୍ ଦେଇଥିଲେ, ଯାହାକି ମୋ ମତରେ ଆମ ଜୀବନର ସର୍ବଶ୍ରେଷ୍ଠ ତାଲିମ୍ ଥିଲା। ସେମାନେ କପା ଫସଲରେ ଗଛସଂଖ୍ୟା ନିୟନ୍ତ୍ରଣ, ଗଛର ଶାଖାପ୍ରଶାଖା ନିୟନ୍ତ୍ରଣ, ବୁନ୍ଦା ଜଳସେଚନ, ଫର୍ଟିଗେସନ୍, ଜୈବ ନିୟନ୍ତ୍ରଣ ଓ ସଠିକ ଅମଳ ପ୍ରଣାଳୀ ଉପରେ ଗୁରୁତ୍ୱ ଦେଇଥିଲେ। ଏହି କୌଶଳ ଅବଲମ୍ବନ କରି ଇସ୍ରାଏଲ ବିଶ୍ୱରେ କପା ଅମଳରେ ସର୍ବଶ୍ରେଷ୍ଠ ଦେଶ ହୋଇଥିଲା। ସେମାନେ ଲାଇସିମିଟର ବ୍ୟବହାର କରି ଜଳସେଚନ ସମୟ ସ୍ଥିର କରୁଥିଲେ ଏବଂ ବର୍ତ୍ତମାନ ସେନସର ବ୍ୟବହାର କରୁଛନ୍ତି। ଏକଥା ଏଠି ପ୍ରକାଶ କରିବାର ଉଦ୍ଦେଶ୍ୟ ହେଉଛି ଆମର ଚାଷୀ କପା ଫସଲ ପାଇଁ ଆଧୁନିକ କୌଶଳ ବ୍ୟବହାର କରୁ ନ ଥିବାରୁ ଅମଳ ହାର କମ୍ ରହୁଛି। ଇସ୍ରାଏଲ ଚାଷୀ ହେକଟର ପ୍ରତି ୧୮୦୦- ୨୦୦୦ କିଲୋଗ୍ରାମ ଅମଳ କଲା ବେଳେ ଆମେ ୬୦୦ କିଲୋଗ୍ରାମରୁ କମ୍ ଅମଳ କରୁଛୁ। ଅତୀତରେ ବିଟି କପା ବିହନ ବ୍ୟବହାର ଯୋଗୁଁ ବହୁ ସମସ୍ୟା ଦେଖା ଯାଇଥିଲା। ଏପରିକି ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ଏହା ଉପରେ କଳାହାଣ୍ଡି ଜିଲ୍ଲାରେ କ୍ଷେତ୍ର ପରୀକ୍ଷା କରିଥିଲେ। ଏଣୁ ଚାଷୀମାନେ କେଉଁ କିସମର ଉନ୍ନତ, ହାଇବ୍ରିଡ ଓ ବିଟି ବିହନ ବ୍ୟବହାର କରିବେ ତାହାକୁ କୃଷି ବିଶ୍ୱବିଦ୍ୟାଳୟ ପରାମର୍ଶ ଦେଉ ଏବଂ ରାଜ୍ୟ କୃଷି ବିଭାଗ ବିହନ ନିଗମ ଜରିଆରେ ଏହାକୁ ଚାଷୀଙ୍କୁ ଯୋଗାନ୍ତୁ। ଘରୋଇ କପା ବିହନ ବିକ୍ରି ନିଷେଧ କରାଯାଉ।

ଆମ ରାଜ୍ୟରେ ଅନ୍ତତଃ ୫ ଲକ୍ଷ ହେକ୍ଟର ଜମିରେ କପାଚାଷ କରାଯାଉ। ବନ୍ଦ ହୋଇ ରହିଥିବା ଜିନିଙ୍ଗ ଓ ସ୍ପିନିଙ୍ଗ ମିଲ୍‌ଗୁଡ଼ିକୁ ଚାଲୁ କରାଯାଉ। ରପ୍ତାନୀ ସୁଯୋଗ ହାସଲ କରିବା ପାଇଁ ଜୈବିକ କପା ଓ ରଙ୍ଗୀନ୍ କପା ଚାଷ କରାଗଲେ ଚାଷୀ ଅଧିକ ଲାଭବାନ୍ ହେବେ। ପରୀକ୍ଷାମୂଳକ୍ଭାବରେ କପାଚାଷ ପାଇଁ ସୌରଶକ୍ତି ଚାଳିତ ପମ୍ପ ଓ ବୁନ୍ଦା ଜଳସେଚନ ପାଇଁ ପ୍ରୋତ୍ସାହନ ଦିଆଗଲେ କପା ଫସଲରେ ଜଳସେଚନ ସମସ୍ୟା ଦୂର ହୋଇପାରିବ। ଏନ୍‌ଏଫ୍‌ଏସ୍‌ଏମ୍ ଯୋଜନାରେ କପା ଚାଷ ପାଇଁ କୃଷକମାନଙ୍କୁ ଦିଆଯାଉଥିବା ସହାୟତା ବୃଦ୍ଧି କରା ଗଲେ ଗରିବ ଚାଷୀ ଉପକୃତ ହେବେ। କୃଷକମାନଙ୍କୁ ଉପଯୁକ୍ତ ସହାୟତା ସହିତ ବିପଣନ ବ୍ୟବସ୍ଥାରେ ଉନ୍ନତି କରାଯାଇ ପାରିଲେ ଓଡ଼ିଶା ଅର୍ଥନୀତିକୁ ବୃଦ୍ଧି କରିବାରେ 'ଧଳାସୁନା'ର ଅବଦାନ ରହିବ। ଗତ କିଛିବର୍ଷ ଧରି ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଓଡ଼ିଶାରେ କପାଚାଷ ମଧ୍ୟ ପ୍ରଭାବିତ ହେଉଛି। ଏଣୁ ଜଳବାୟୁ ସହନଶୀଳ କୃଷିପଦ୍ଧତି କପା ଫସଲରେ ମଧ୍ୟ ପ୍ରୟୋଗ କରାଯିବାର ଆବଶ୍ୟକତା ରହିଛି। ଅତୀତରେ କପାଚାଷ ବିକାଶ ପାଇଁ ସ୍ୱତନ୍ତ୍ର ପଦାଧିକାରୀ ଅବସ୍ଥାପିତ ହେଉଥିଲେ। ରାଜ୍ୟରେ ପାଞ୍ଚ ଲକ୍ଷ ହେକ୍ଟର ଜମିରେ କପା ଚାଷ କରିବାକୁ ହେଲେ ପ୍ରଶିକ୍ଷିତ ପଦାଧିକାରୀମାନଙ୍କ ସଂଖ୍ୟା ବୃଦ୍ଧି କରିବାକୁ ହେବ। ବ୍ୟାପକ କପାଚାଷ ପାଇଁ ସରକାର, ରାଷ୍ଟ୍ରୀୟ କପା ନିଗମ ଓ ଅନ୍ୟାନ୍ୟ ଅଂଶୀଦାର ମଧ୍ୟରେ ସହଭାଗିତା ସହିତ କପାଚାଷୀଙ୍କ ଉତ୍ପାଦକ ଗୋଷ୍ଠୀ ଓ କୃଷକ ଉତ୍ପାଦକ ସଂଗଠନ ସହଯୋଗ ଅତ୍ୟନ୍ତ ଜରୁରୀ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଯୌନ ବିଶୃଙ୍ଖଳା ଏକ ସାମାଜିକ କଳଙ୍କ

ସୁଧୀର କୁମାର ନାୟକ

ସାଂପ୍ରତିକ ସମସ୍ୟାଗୁଡ଼ିକ ମଧ୍ୟରେ ନାରୀ ସୁରକ୍ଷା ଓ ନାରୀ ସ୍ୱାଧୀନତା ସର୍ବଦା ଆହ୍ୱାନ ସୃଷ୍ଟି କରିଆସୁଛି। ବିଦ୍ୟାଳୟ, ମହାବିଦ୍ୟାଳୟ ଏପରିକି ବିଶ୍ୱ ବିଦ୍ୟାଳୟମାନଙ୍କରେ ଛାତ୍ରୀମାନଙ୍କ ପ୍ରତି କରାଯାଉଥିବା ବିଭିନ୍ନ ଶାରୀରିକ ଓ ମାନସିକ ନିର୍ଯାତନା ପାଇଁ ଆଜି ବିଶ୍ୱରେ ଆମ ଦେଶ ଲଜ୍ଜିତ ହେଉଛି। ଗତ ମାସ ଆମେରିକାର ବୈଦେଶିକ ମନ୍ତ୍ରଣାଳୟ ତଥ୍ୟ ରଖିଥିଲେ ଯେ ଭାରତରେ ଦୁଷ୍କର୍ମ ଓ ଯୌନ ନିର୍ଯାତନା ସବୁଠାରୁ ଦ୍ରୁତଗତିରେ ବୃଦ୍ଧି ପାଉଥିବା ଅପରାଧ ମଧ୍ୟରୁ ଅନ୍ୟତମ। ଅନେକ କ୍ଷେତ୍ରରେ କର୍ମଜୀବୀ ମହିଳାମାନଙ୍କୁ ବିଭିନ୍ନ ଭାବରେ ନିର୍ଯାତନା ଓ ଯୌନ ଶୋଷଣ କରାଯିବାର ଅଭିଯୋଗ ବଢ଼ିଚାଲିଛି। ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଙ୍କ ଆତ୍ମଦାହ, କୋଲକାତାର ଆର ଜି ମେଡିକାଲ୍ କଲେଜ୍‌ରେ ଡାକ୍ତରୀ ଓ ନର୍ସିଂ ଛାତ୍ରୀ ସମ୍ମୁଖୀନ ହୋଇଥିବା ନିର୍ଯାତନା ଆଦି ଦୁର୍ଘଟଣାର ତାଲିକା ବେଶ୍ ଲମ୍ବା। ପ୍ରତିଦିନ କୌଣସି ନା କୌଣସି ଅଞ୍ଚଳରେ ଏଭଳି ଘଟଣାମାନ ଘଟୁଛି। ସେଥିମଧ୍ୟରୁ କିଛି ଗଣମାଧ୍ୟମର ଶିରୋନାମା ହେଉଛି ଏବଂ ଆଉ କିଛି ଲୋକଲୋଚନ ଆଢୁଆଳରେ ରହିଯାଉଛି। ଏଥିରେ ଜଣାଯାଉଛି ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷମାନଙ୍କ କେତେ ଦାୟିତ୍ୱହୀନତା ରହିଛି। ସବୁଠାରୁ ଉଦ୍‌ବେଗର କଥା ଯଦି କୌଣସି ପରିସ୍ଥିତିରେ କେହି ଛାତ୍ରଛାତ୍ରୀ ଅଭିଯୋଗ କରନ୍ତି ସେମାନଙ୍କର ସମସ୍ୟାର ତ୍ୱରିତ ସମାଧାନ ଦିଗରେ ଆନ୍ତରିକତା ପ୍ରକାଶ ପାଏ ନାହିଁ।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟ କହୁଛି ଗତ ୧୦ ମାସ ମଧ୍ୟରେ ଓଡ଼ିଶାର ବିଭିନ୍ନ ଥାନାରେ ନାରୀ ନିର୍ଯାତନା, ଦୁଷ୍କର୍ମ, ଯୌନ ଶୋଷଣ, ପରକୀୟା ପ୍ରୀତି ଜନିତ ହିଂସାକାଣ୍ଡକୁ ନେଇ ୪ ହଜାରରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଛି। ଗତ ଦୁଇବର୍ଷ ମଧ୍ୟରେ ୩୫୨ ଜଣ ଯୁବତୀ ସାଇବର ଅପରାଧୀଙ୍କ ଦ୍ୱାରା ବ୍ଲାକମେଲ୍‌ର ଶିକାର ହୋଇଛନ୍ତି। ଆପତ୍ତିଜନକ ମନ୍ତବ୍ୟ ଦେବା, ସାମାଜିକ ଗଣମାଧ୍ୟମରେ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ, ଭିଡିଓ ଭାଇରାଲ କରିବା ପରି ଅପରାଧରେ ସଂପୃକ୍ତି ଅପରାଧ ମଧ୍ୟ ବଢ଼ିବାରେ ଲାଗିଛି। ବିଦ୍ୟାଳୟ, ମହାବିଦ୍ୟାଳୟ, ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ଏବଂ ପାଠ ପଢୁଥିବା ସମୟରେ ସେମାନଙ୍କ ମାନସିକ ଅବସ୍ଥା ବୁଝାଯିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଯାହାଫଳରେ ଦେଶରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ଓଡ଼ିଶାରେ ଗତ ଚାରିବର୍ଷ ମଧ୍ୟରେ ୭୨ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବାର ମାମଲା ରୁଜୁ ହୋଇଛି। ୨୦୨୩ ଓ ୨୦୨୪ରେ ରାଜ୍ୟରେ ୨୮ ହଜାର ନାରୀ ଓ ଶିଶୁ ନିର୍ଯାତନା ଅଭିଯୋଗ ପଞ୍ଜୀକୃତ ହୋଇଛି। ଯଦିଓ ରାଜ୍ୟରେ ୬ଶହରୁ ଅଧିକ ଥାନାରେ ସ୍ୱତନ୍ତ୍ର ମହିଳା ଓ ଶିଶୁ ଡେସ୍କ କାମ କରୁଛି, ତଥାପି ନିର୍ଯାତନା ସଂଖ୍ୟା କମୁନାହିଁ। ଏହାର କାରଣ ତ୍ୱରିତ ବିଚାର କରା ନ ଯାଇ ଦୋଷୀକୁ ଦଣ୍ଡ ମିଳିବାରେ ଯେଉଁ ଲମ୍ବା ଅବଧି ରହିଛି ସେଥିରେ ଦୋଷୀମାନେ ଅପରାଧ ପରେ ଅପରାଧ କରି ଚାଲିଛନ୍ତି।

ରାଜ୍ୟରେ ଯେଉଁ ଜିଲ୍ଲାମାନଙ୍କରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଛାତ୍ରୀନିବାସରେ ଛାତ୍ରୀଙ୍କ ସୁରକ୍ଷା ଓ ଅନ୍ୟାନ୍ୟ ଗତିବିଧିର ପ୍ରମାଣ ପାଇଁ ସିସିଟିଭି କ୍ୟାମେରା ସଂଯୋଗ କରିବା ପାଇଁ ନିୟମ କରାଯାଇଛି। କିନ୍ତୁ ରାଜ୍ୟରେ ୩୩୮୧ ଛାତ୍ରୀ ନିବାସ ମଧ୍ୟରୁ ମାତ୍ର ୧୩୪୨ଟି ସିସିଟିଭି ସଂଯୋଗ କରାଯାଇଛି। କିଛି ଛାତ୍ରୀନିବାସରେ ସେଗୁଡ଼ିକ ଖରାପ ଅବସ୍ଥାରେ ଅଛି। ଅନ୍ୟଏକ ସମ୍ବେଦନଶୀଳ ବିଷୟ ହେଉଛି ଯେ ଗତ କିଛିବର୍ଷ ଧରି ଦେଶରେ ପୋକ୍ସୋ ମାମଲା ବଢ଼ି ଚାଲିଛି। ଦେଶରେ ପୋକ୍ସୋ କୋର୍ଟମାନଙ୍କରେ ଅଦ୍ୟାବଧି ୨ଲକ୍ଷ ୪୩ ହଜାର ମାମଲା ପଡ଼ିରହିଛି, ଯାହାକୁ ସମାଧାନ କରିବା ପାଇଁ ପାଖାପାଖି ୧୦ ବର୍ଷ ଲାଗିପାରେ।

ଖାଲି ତ ଆଇନ ତିଆରି କରିଦେଲେ ହେବ ନାହିଁ। କେଉଁଥି ପାଇଁ ଏହା ବଢ଼ି ବଢ଼ି ଚାଲିଛି ତାହାର ବିଧିବଦ୍ଧ ତର୍ଜମା ଆବଶ୍ୟକ। ଜାତୀୟ ଶିକ୍ଷାନୀତି କମିଶନ୍ ଜୁନ୍ ୨୯, ୧୯୬୬ରେ ଦେଇଥିବା ରିପୋର୍ଟରେ କହିଥିଲେ ଯେ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ସରକାରୀ କିମ୍ବା ବେସରକାରୀ ଶିକ୍ଷକମାନଙ୍କ ଉତ୍ତମ ଚରିତ୍ର, ମାର୍ଜିତ ବ୍ୟବହାର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିପାରିବ। ଏହାଦ୍ୱାରା କୃତିତ୍ୱ ହାସଲ କରୁଥିବା ଛାତ୍ରଛାତ୍ରୀମାନେ ରାଷ୍ଟ୍ର ନିର୍ମାଣରେ ସଚ୍ଚୋଟତାର ସହିତ କାର୍ଯ୍ୟ କରିବେ। ଶିକ୍ଷାନୁଷ୍ଠାନମାନଙ୍କର ଆଜି ତାହା କେତେ ଦୂର ପାଳନ କରାଯାଉଛି, ତାହା ବିଚାର୍ଯ୍ୟ।

ଗାଁର ମାଇନର ସ୍କୁଲ ହେଉ କିମ୍ବା ସହରର ମହାବିଦ୍ୟାଳୟ, ବିଦ୍ୟାଳୟ, ଆଶ୍ରମ ସ୍କୁଲ୍, ସରକାରୀ କିମ୍ବା ଘରୋଇ କର୍ମଜୀବୀ ମହିଳାମାନଙ୍କ କର୍ମକ୍ଷେତ୍ର ହେଉ, ଯେତେବେଳେ ଯାହାବି ଅଭିଯୋଗ ଆସୁଛି ତାହାକୁ ଗୁରୁତ୍ୱ ଦିଆଯାଇ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କିମ୍ବା କମିଟି ତ୍ୱରିତ ବିଚାର କରି ସମାଧାନ କିମ୍ବା କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ନଚେତ୍ ବିହଙ୍ଗ ବିପ୍ଲବର ବିଚାରପତି ଭାଲୁମାନେ ମାଙ୍କଡ଼ମାନଙ୍କ ପଣସ ଉପହାର ପାଇ ବିଚାର ବିଗାଡ଼ି ଦେଲାପରି ଏମିତି ଆଗକୁ କେତେକ ଅସୁରକ୍ଷିତ ଝିଅ ନିର୍ଯାତନାର ଶିକାର ହେଉଥିବେ।

ଶିକ୍ଷାକ୍ଷେତ୍ର ଏକ ଅମୃତ କ୍ଷେତ୍ର। ଗୁରୁ-ଶିଷ୍ୟର ପବିତ୍ର ପରମ୍ପରା ଆମ ସଭ୍ୟତାରେ ବହୁ ପ୍ରାଚୀନ। ଏଣୁ ଏପରି ଅମୃତକ୍ଷେତ୍ରରେ କଳଙ୍କ ନ ଲାଗୁ। ଶିକ୍ଷକ ଗୁରୁଦିବସର ମହତ୍ତ୍ୱ ବୁଝି ସେମାନଙ୍କ ଶୃଙ୍ଖଳା ଓ ଚରିତ୍ରକୁ ସର୍ବଦା ସ୍ୱଚ୍ଛ ରଖନ୍ତୁ।

ଧାମନଗର(ଭଦ୍ରକ), ମୋ: ୯୯୩୮୦୮୦୨୯୪

# ଜେଉଠ ଭୋଗ

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

ଷାଠିଏ ପଉଟି ଓ ଛପନ ପ୍ରକାରର ଭୋଗ ଗ୍ରହଣ କରୁଥିବା ଭୋଜନୀଠାକୁର ଶ୍ରୀଜଗନ୍ନାଥ। ସେ ସାରାଦିନ ଖାଇବାରେ ଏତେ ବ୍ୟସ୍ତ ଯେ ଖାଇବା ହାତରେ ଧାରଣ କରୁଥିବା ଅସ୍ତ୍ର ସୁଦର୍ଶନଙ୍କୁ ବାମ ପଟେ ସ୍ଥାପିତ କରି ନିଜ କ୍ଷେତ୍ରକୁ ଭୋଜନ କ୍ଷେତ୍ର ରୂପେ ବିଖ୍ୟାତ କରିଛନ୍ତି। ତାଙ୍କ ଭୋଗର ପ୍ରକାରଭେଦ ଛପନଠାରୁ ବହୁ ଅଧିକ। କିନ୍ତୁ ବର୍ଷରେ କେବଳ ଜଗନ୍ନାଥଙ୍କୁ(ଚତୁର୍ଦ୍ଧାମୂର୍ତ୍ତିଙ୍କ ଭିତରୁ ଅନ୍ୟମାନଙ୍କୁ ନୁହେଁ) ଦୁଇ ଥର ଅର୍ପଣ କରାଯାଏ 'ଜେଉଠ ଭୋଗ' ନାମରେ ଏକ ନିଆରା ଭୋଗ। ପୃଥିବୀରେ ଅନ୍ୟ କୌଣସି ଦିଅଁଙ୍କୁ ଏପରି ଏକ ପ୍ରସାଦ ଅର୍ପଣର ପରମ୍ପରା ନାହିଁ। ଏହା ପାରମ୍ପରିକ ଭାବେ ରାଘବ ଦାସ ମଠରୁ ଆସେ। ରାମ ଓ କୃଷ୍ଣ ଜନ୍ମ ହେବା ପୂର୍ବ ସନ୍ଧ୍ୟାରେ ଏହା କେବଳ ଜଗନ୍ନାଥଙ୍କୁ ସମର୍ପିତ ହେଉଥିବାରୁ ଏହା ପଛରେ ଥିବା ତାତ୍ତ୍ୱିକ ଓ ବ୍ୟବହାରିକ ତାତ୍ପର୍ଯ୍ୟ ଜାଣିବା ଆବଶ୍ୟକ।

ଜେଉଠ ପଣସ ପରିବାରର ଏକ ବଡ଼ ଗଛ। ସେ ଗଛରେ ଫଳୁଥିବା ଛୋଟ ପଣସ ବା ଶିଳପୁଆ ଆକୃତିର ଫଳ ପାଚିଗଲେ ହଳଦିଆ ଦିଶେ। ଫଳକୁ ଫଟେଇ ଦେଲେ ତା' ଭିତରୁ ପଣସ କୋଳା ପରି ଛୋଟଛୋଟ କୋଳା ବାହାରେ। ଏ ଗଛର ନାଁ ଉଦ୍ଭିଦ ବିଜ୍ଞାନରେ 'ଆର୍ଟୋକାର୍ପସ୍ ଲକୁଚ', ସଂସ୍କୃତରେ 'ଲକୁଚ', ଇଂରାଜୀରେ 'ମଙ୍କି ଜାକ୍‌ସ'। ଫଳ ଅମ୍ଳରସଯୁକ୍ତ ହୋଇ ଥିବାରୁ ସେଥିରୁ ଏକପ୍ରକାର ଖଟା ତରକାରୀ ପ୍ରସ୍ତୁତ କରାଯାଏ। ଗର୍ଭବତୀମାନେ ଖଟା ଖାଇବାକୁ ଭଲ ପାଉ ପାଉଥିବାରୁ ଏ ତରକାରୀ ସେମାନଙ୍କର ପ୍ରିୟ। ଏ ଫଳ ଗର୍ଭବତୀମାନେ ଖାଇଲେ ସେମାନଙ୍କର ସୁଖ ପ୍ରସବ ହୁଏ ଏବଂ ନବଜାତ ଶିଶୁପାଇଁ ମାଆ ସ୍ତନରେ ପ୍ରଚୁର କ୍ଷୀର ପ୍ରସ୍ତୁତ ହୁଏ ବୋଲି ବିଶ୍ୱାସ କରାଯାଏ। ତେଣୁ ରାମ ଓ କୃଷ୍ଣ ଜନ୍ମ ହେବା ପୂର୍ବ ଦିନ ସନ୍ଧ୍ୟାରେ ଜଗନ୍ନାଥଙ୍କୁ ଜେଉଠ ଭୋଗ ସମର୍ପଣ ହୁଏ। ତା' ପରେ କେବଳ ଜଗନ୍ନାଥଙ୍କ ବାଡ଼ରେ ଏକ ସ୍ୱତନ୍ତ୍ର ବନ୍ଦାପନା କରାଯାଏ, ଯାହାର ନାମ 'ଗର୍ଭୋଦକ ବନ୍ଦାପନା'। ଜଣେ ଗର୍ଭବତୀ ମାତା ବିନା ଗର୍ଭ ଶୂଳରେ ପିଲା ଜନ୍ମ କରିବା ସମ୍ଭବ ନୁହେଁ। ତେଣୁ ରାମ ଓ କୃଷ୍ଣଙ୍କ ମାତାଙ୍କର ଗର୍ଭଶୂଳ ଆସିବା ପାଇଁ ପ୍ରାର୍ଥନା କରି ଏ ବନ୍ଦାପନା କରାଯାଏ।

ପ୍ରଥମେ ଜଗନ୍ନାଥ ରାମ ଜନ୍ମଦିନ ପୂର୍ବରୁ ରାମଙ୍କ ମାତା ଓ କୃଷ୍ଣ ଜନ୍ମଦିନ ପୂର୍ବରୁ କୃଷ୍ଣଙ୍କ ମାତାରୂପେ ଜେଉଠ ଭୋଗ ଏବଂ 'ଗର୍ଭୋଦକ ବନ୍ଦାପନା' ଗ୍ରହଣ କରନ୍ତି। ରାମ ଜନ୍ମ ଦିନ ରାମଙ୍କ ବିଜେ ପ୍ରତିମାଙ୍କୁ ରାମ ରୂପେ ଜନ୍ମ ଗ୍ରହଣ କରିବା ପାଇଁ ଆଜ୍ଞାମାଳ ପ୍ରଦାନ କରନ୍ତି। ଜନ୍ମାଷ୍ଟମୀ ଦିନ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ କୃଷ୍ଣ ରୂପେ ଜନ୍ମନେବାକୁ ସେହିରୂପେ ଆଦେଶ ଦିଅନ୍ତି। ସେତେବେଳେ ଗୋପାଳକୃଷ୍ଣଙ୍କୁ ଆଜ୍ଞା ପ୍ରଦାନ କରିବା ପାଇଁ ଠାକୁରଙ୍କୁ ପ୍ରାର୍ଥନା କରାଯାଏ। - 'ଇଦାନୀଂ କୃଷ୍ଣଚନ୍ଦ୍ରସ୍ୟ ଜନ୍ମନେ ପଦ୍ମଲୋଚନେ, ଆଜ୍ଞା କୁରୁ ମହାବାହୋ ଦାରୁବ୍ରହ୍ମଃ ନମସ୍ତୁତେ।'(ନୀଳାଦ୍ରି ମହୋଦୟ)। ତା' ପରେ ଜଗନ୍ନାଥ ନିଜର ବିଜେ ପ୍ରତିମା ରୂପେ ନିଜେ ରାମ ବା କୃଷ୍ଣ ରୂପେ ଜନ୍ମ ଗ୍ରହଣ କରନ୍ତି।

ଏହି ଉତ୍ସବ (ରାମ ଜନ୍ମ ଓ କୃଷ୍ଣ ଜନ୍ମ) ପାଳନ ଅବସରରେ ଶ୍ରୀଜଗନ୍ନାଥ ଚାରୋଟି ଦେବସ୍ୱରୂପରେ ଅବତୀର୍ଣ୍ଣ ହୋଇ ଲୀଳା ପ୍ରଦର୍ଶନ କରନ୍ତି। ୧. ଜଗନ୍ନାଥ ଲିଙ୍ଗାତୀତ ହୋଇଥିବାରୁ ପ୍ରଥମେ ମାତୃସ୍ୱରୂପ ଯୋଗମାୟା ରୂପେ ଜେଉଠ ଭୋଗ ଗ୍ରହଣ କରନ୍ତି। ୨. ସାର୍ବଭୌମ ପରମାତ୍ମା ରୂପେ ଯୋଗମାୟାଙ୍କର ଗର୍ଭଶୂଳ ଆରମ୍ଭ କରିବା ପାଇଁ ଗର୍ଭୋଦକ ବନ୍ଦାପନା ଗ୍ରହଣ କରନ୍ତି। ୩. ଅବତାରୀ ମହାବିଷ୍ଣୁ ରୂପେ ରାମ ଓ କୃଷ୍ଣଙ୍କୁ ଅବତାର ରୂପେ ଲୀଳା ପ୍ରଦର୍ଶନ କରିବାକୁ ଆଜ୍ଞାମାଳ ପ୍ରଦାନ ପୂର୍ବକ ଆଦେଶ ଦିଅନ୍ତି। ୪.ରାମ ଓ କୃଷ୍ଣରୂପେ ନିଜର ବିଜେ ପ୍ରତିମା ମାଧ୍ୟମରେ ଜନ୍ମ ଗ୍ରହଣ କରନ୍ତି।

ଜେଉଠ ଏକ ଜଂଗଲ ଗଛ। କାଳକ୍ରମେ ଜଙ୍ଗଲ ଅପସରି ଯିବାରୁ ପୁରୀରେ ଏ ଫଳ ଅମିଳଣ ହୋଇଗଲା। ତା'ବଦଳରେ ଜେଉଠ ଶବ୍ଦର ଅପଭ୍ରଂଶ ହୋଇ ଏହା ଜେଉଡ ବା ଜେଉଟ ଭୋଗ ନାମରେ ଜଣାଯାଉଛି। ଏହି ଭୋଗରେ ଝିଲି, ଆରିସା ଓ ତାଟ ତୁଣ ନାମକ ଏକ ଖଟା ତରକାରୀ ମହାପ୍ରଭୁଙ୍କୁ ସମର୍ପଣ କରାଯାଉଛି।

ଷୋଡ଼ଶ ଶତାବ୍ଦୀରେ ଜଗନ୍ନାଥଙ୍କୁ କେବଳ ଗୋପାଳକୃଷ୍ଣ ରୂପେ ପ୍ରତିପାଦିତ କରିବା ପାଇଁ ଉଦ୍ୟମ ହୋଇଥିଲା। ଆଡ଼ମ୍ବର ସହ କୃଷ୍ଣ ଜନ୍ମ ପାଳନ ତା'ର ଏକ ଅଂଶବିଶେଷ ଥିଲା। ପଞ୍ଚସଖା ଓ ତାଙ୍କର ଅନୁଗାମୀମାନେ ଜଗନ୍ନାଥଙ୍କ ପୂର୍ଣ୍ଣବ୍ରହ୍ମ ସାର୍ବଭୌମ ଅବତାରୀ ଦେବତ୍ୱକୁ ଅକ୍ଷୁଣ୍ଣ ରଖିବା ପାଇଁ କୃଷ୍ଣ ଜନ୍ମ ପାଳନକୁ ପ୍ରତ୍ୟକ୍ଷଭାବେ ବିରୋଧ ନ କରି ବୁଦ୍ଧି ଓ କୌଶଳ ପ୍ରୟୋଗ କରି ଜେଉଠ ଭୋଗ ଓ ଗର୍ଭୋଦକ ବନ୍ଦାପନା ପରି ନୀତିର ପ୍ରଚଳନ କରିଥିଲେ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ଆଧାର' ନାଗରିକତ୍ୱର...

ଖଣ୍ଡପୀଠ କହିଲେ ଯେ ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଭାରତର ନାଗରିକ କିଏ? ଏହାର ଯାଞ୍ଚ କରିବାର କ୍ଷମତା ନିର୍ବାଚନ କମିସନ (ଇସି) ପାଖରେ ଅଛି କି ନାହିଁ। ଯଦି ସେମାନଙ୍କର ଏଭଳି କ୍ଷମତା ନାହିଁ, ତାହା ହେଲେ ଏସ୍‌ଆଇଆର୍‌ର କିଛି ଅର୍ଥ ନାହିଁ। ଯଦି ଇସିର କ୍ଷମତା ରହିଛି, ତାହାହେଲେ ଏସ୍‌ଆଇଆର୍‌କୁ ନେଇ ଆଉ କିଛି ସମସ୍ୟା ରହିବ ନାହିଁ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ଅଭିଷେକ ସିଂଘଭୀ କହିଥିଲେ ଯେ ଦେଶର ନାଗରିକ କିଏ ତାହାର ଯାଞ୍ଚ କେବଳ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ କରିପାରିବେ। ଏହି କ୍ଷମତା ନିର୍ବାଚନ କମିସନଙ୍କୁ ଦିଆଯାଇନାହିଁ। ଏହାପୂର୍ବରୁ ସର୍ବୋଚ୍ଚ ଅଦାଲତ ମଧ୍ୟ ଏହା ସ୍ପଷ୍ଟ କରିଥିଲେ।

ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରି ଅନ୍ୟତମ ବରିଷ୍ଠ ଓକିଲ କପିଲ ଶିବଲ କହିଲେ ଯେ ବିହାରରେ ବହୁ ସଂଖ୍ୟକ ଲୋକମାନଙ୍କ ପାଖରେ ଆବଶ୍ୟକ ପ୍ରମାଣପତ୍ର ନଥିବାରୁ ସେମାନଙ୍କୁ ଭୋଟର ତାଲିକାରୁ ବାଦ୍ ଦିଆଯାଉଛି। ସେ ଆହୁରି କହିଲେ ଯେ ଏସ୍‌ଆଇଆର୍ ବେଳେ ନିର୍ବାଚନ କମିସନ ଯାହାଙ୍କୁ ମୃତ ବୋଲି ଘୋଷଣା କରିଛନ୍ତି, ସେମାନେ ଜୀବିତ ଥିବାର ପ୍ରମାଣ ରହିଛି। ଜୀବିତ ଲୋକଙ୍କୁ ଜାଣିଶୁଣି ମୃତ ଘୋଷଣା କରି ସେମାନଙ୍କର ନାମ ଭୋଟର ତାଲିକାରୁ କାଟି ଦିଆଯାଉଛି। ଏହାର ଉତ୍ତର ଦେବାକୁ ଯାଇ କମିସନଙ୍କ ଓକିଲ ରାକେଶ ଦ୍ୱିବେଦୀ ସ୍ୱୀକାର କରିଥିଲେ ଯେ ଏସ୍‌ଆଇଆର୍ ବେଳେ ଏମିତି ତ୍ରୁଟି ହୋଇଛି। ତେବେ ଏହା କେବଳ ଚିଠା ତାଲିକା ଏବଂ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ବେଳେ ଏହାର ସଂଶୋଧନ କରାଯିବ। ଏହି ସମୟରେ ମାନ୍ୟବର ବେଞ୍ଚ କହିଲେ ଯେ ଶୁଣାଣି ବେଳେ କମିସନଙ୍କ ପାଖରେ ସବୁ ତଥ୍ୟ ରହିବା ଉଚିତ। ଏସ୍‌ଆଇଆର୍ ପୂର୍ବରୁ ଭୋଟର ସଂଖ୍ୟା କେତେ ଥିଲା ଏବଂ କେତେ ଭୋଟରଙ୍କ ମୃତ୍ୟୁ ଘଟିଛି। ଏବେ ଏହି ସଂଖ୍ୟା କେତେ। ଏସଂକ୍ରାନ୍ତ ତଥ୍ୟ ଧରି ଆସିବାକୁ କୋର୍ଟ କହିଥିଲେ।

ଏହାସହିତ କୋର୍ଟ ସ୍ପଷ୍ଟ କରିଦେଇଥିଲେ ଯେ ଭୋଟର ତାଲିକାରୁ ବ୍ୟାପକ ସଂଖ୍ୟାରେ ନାମ କଟାଯାଇଥିଲେ କୋର୍ଟ ହସ୍ତକ୍ଷେପ କରିପାରିବେ ଏବଂ ଏହା ଉପରେ ବିଚାର କରାଯିବ। ଏସ୍‌ଆଇଆର୍ ପ୍ରକ୍ରିୟାରେ କୌଣସି ପ୍ରକାର ଅନିୟମିତତା ହୋଇଥିବା ଧରାପଡ଼ିଲେ କୋର୍ଟ ଏହାକୁ ରଦ୍ଦ ମଧ୍ୟ କରିଦେଇପାରିବେ। ଚଳିତ ବର୍ଷ ଶେଷ ଆଡ଼କୁ ବିହାର ବିଧାନସଭା ନିର୍ବାଚନ ହୋବକୁ ଯାଉଥିବା ବେଳେ ୩୦ ସେପଟେମ୍ବର ସୁଦ୍ଧା ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିବ ନିର୍ବାଚନ କମିସନ। ଏହି ଦୁଇ ମାସ ମଧ୍ୟରେ କୋର୍ଟ ବଡ଼ ନିଷ୍ପତ୍ତି ନେଇପାରନ୍ତି।

### ଚାଲିପାରୁନି ସଂସଦ...

ମିନିଟରେ ଆରମ୍ଭ ହେବାପରେ ସରକାର ଖଣି ଓ ଖଣିଜ ପଦାର୍ଥ ବିଲ୍ ଆଗତ କରିଥିଲେ ଏବଂ ଏହା ବାଚନିକ ଭୋଟରେ ପାସ୍ ହୋଇଯାଇଥିଲା। ହଟ୍ଟଗୋଳ ମଧ୍ୟରେ ଏହାପୂର୍ବରୁ ଗୃହରେ ଆୟକର ବିଲ୍ ବିନା ଆଲୋଚନାରେ ପାସ୍ ହୋଇଥିଲା। ବିରୋଧୀ ସଭ୍ୟଙ୍କ ଏଭଳି ଆଚରଣ ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଘୋର ଆପତ୍ତି ଜଣାଇଥିଲେ। ବିରୋଧୀଙ୍କ ନିନ୍ଦା କରି ସେ କହିଥିଲେ ଯେ ଗୃହକୁ ଚଳାଇ ନଦେବା ଲାଗି ସେମାନେ ଚକ୍ରାନ୍ତ କରିଛନ୍ତି। ଏହା ଗଣତନ୍ତ୍ର ଓ ସମ୍ବିଧାନ ବିରୋଧୀ। ହଟ୍ଟଗୋଳ ଜାରି ରହିବାରୁ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରାଯାଇଛି।

ରାଜ୍ୟସଭାରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। ବିରୋଧୀ ଦଳର ସଭ୍ୟମାନେ ଉତ୍ତେଜିତ ହୋଇ ହଟ୍ଟଗୋଳ କରିଥିଲେ। ହଟ୍ଟଗୋଳ ମଧ୍ୟରେ ସରକାର ବାଚନିକ ଭୋଟରେ ଦୁଇଟି ବିଲ ପାସ କରାଇନେଇଥିଲେ। ବିରୋଧୀ ସଭ୍ୟମାନେ ସ୍ଲୋଗାନ ଦେଉଥିବା ବେଳେ ଉପାଧ୍ୟକ୍ଷ ହରିବଂଶ କହିଥିଲେ ଯେ ଜିରୋ ଆୱାର ବେଳେ ସାଂସଦ ସେମାନଙ୍କର ପ୍ରଶ୍ନ ଉଠାଇପାରିବେ। ମୁଲତବୀ ଆଲୋଚନା ପାଇଁ ସେ ବିରୋଧୀଙ୍କ ପକ୍ଷରୁ ଦିଆଯାଇଥିବା ୨୯ଟି ନୋଟିସକୁ ଖାରଜ କରିଦେଇଥିଲେ। ଏହାର ପ୍ରତିବାଦ କରି ବିରୋଧୀ ଦଳ ୱାକ୍ ଆଉଟ୍ କରିଥିଲେ। ତେବେ ଏହାପୂର୍ବରୁ ବିରୋଧୀ ଦଳର ନେତା ଖଡ଼ଗେ ଏବଂ କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡା ମୁହାଁମୁହିଁ ହୋଇଥିଲେ। ଖଡ଼ଗେ କହିଥିଲେ ଯେ ବିହାରରେ ଚାଲିଥିବା ଏସଆଇଆର୍ ଗମ୍ଭୀର ସମସ୍ୟା ସୃଷ୍ଟି କରିଛନ୍ତି। ଲକ୍ଷ ଲକ୍ଷ ଲୋକମାନଙ୍କ ନାମ କଟାଯାଉଛି। ଏହା ଉପରେ ଆଲୋଚନା ହେଉ ଏବଂ ସରକାର ଉତ୍ତର ରଖନ୍ତୁ। ଏହି ବେଆଇନ କାମ ବିହାରରେ ଅରମ୍ଭ ହୋଇଛି। ଏହାପରେ ପଶ୍ଚିମବଙ୍ଗ ଓ ଆସାମରେ ହେବ ଏବଂ ପୂରା ଦେଶରେ ଚାଲିବ। ଏହାକୁ ତୁରନ୍ତ ବନ୍ଦ କରାଯାଉ ବୋଲି ସେ ଦାବି କରିଥିଲେ। ସେ କହିଥିଲେ ଯେ ସଂସଦ ଚାଲୁ, ଏହା ବିରୋଧୀ ଚାହାନ୍ତି। କିନ୍ତୁ ସରକାର ଗୃହ ଚଳାଇ ଦେଉ ନାହାନ୍ତି। ଗୃହର ନେତା ତଥା କେନ୍ଦ୍ର ମନ୍ତ୍ରୀ ନଡ୍ଡା କହିଥିଲେ ଯେ ଏହି ପ୍ରସଙ୍ଗ ଉପରେ ଆଲୋଚନା ହୋଇପାରିବ ନାହିଁ। ଏହାସତ୍ତ୍ୱେ ବିରାଧୀ ଦଳ ଯେଭଳି ଗୃହକୁ ଅଚଳ କରି ରଖିଛନ୍ତି, ତାହା ବିରାଟ ଚକ୍ରାନ୍ତର ଏକ ଅଂଶ। ସେ କହିଲେ ଯେ ଗୃହ ଆଇନ ଅନୁସାରେ ଚାଲିବ, ବିରୋଧୀଙ୍କ ଅରାଜକତାରେ ଚାଲିପାରିବ ନାହିଁ। ବିରୋଧୀଙ୍କ ହଙ୍ଗାମା ଯୋଗୁଁ ଚଳିତ ଅଧିବେଶନର ୬୪ ଘଣ୍ଟା ବରବାଦ ହେଲାଣି। ଖଡ଼ଗେ ଦେଇଥିବା ଏସଆଇଆର୍ ସଂକ୍ରାନ୍ତ ମନ୍ତବ୍ୟକୁ ଗୃହର ବିବରଣୀରୁ ବାଦ୍ ଦେବାକୁ ସେ ଦାବି କରିଥିଲେ।

ସଂସଦ ବାହାର ମଧ୍ୟ ବିରୋଧୀ ଦଳର ସାଂସଦମାନେ ଧାରଣା ଦେବା ସହିତ ଏସ୍‌ଆଇଆର୍ ବିରୋଧରେ ସ୍ଲୋଗାନ ଦେଇଥିଲେ। ଏହି ଧାରଣାରେ ସବୁ ଦଳର ସାଂସଦ ସାମିଲ ହୋଇଥିଲେ। ଅନେକ ସାଂସଦ '୧୨୪ ନଟ୍ ଆଉଟ୍' ଲେଖା ହୋଇଥିବା ଧଳା ଟି-ସାର୍ଟ ପିନ୍ଧିଥିଲେ। ବିହାରରେ ଚିଠା ଭୋଟର ତାଲିକାରେ ଜଣେ ୧୨୪ ବର୍ଷ ବୟସ୍କା ବୃଦ୍ଧାଙ୍କ ନାମକୁ ସାମିଲ କରାଯିବା ସହିତ ତାଙ୍କୁ ପ୍ରଥମ ଥର ବା ନୂଆ ଭୋଟର ଭାବେ ଦର୍ଶାଇଛି ନିର୍ବାଚନ କମିସନ। ଏହା ଏକ ମିଥ୍ୟା ତଥ୍ୟ ହୋଇଥିବାରୁ ବିରୋଧୀ ସାଂସଦ ଏଭଳି ପ୍ରତିବାଦ କରିଥିଲେ। ଇତିମଧ୍ୟରେ ମିଣ୍ଟା ଦେବୀ ନାମକ ଏହି ମହିଳା ଜଣକ କହିଛନ୍ତି ଯେ ଯଦି ତାଙ୍କର ବୟସ ୧୨୪ ବୋଲି କମିସନ କହୁଛନ୍ତି, ତାହେଲେ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁ। ତେବେ ତାଙ୍କୁ ନେଇ ବିରୋଧୀ ଦଳ ରାଜନୀତି କରୁଥିବାରୁ ଏହାର ସମାଲୋଚନା କରିଛନ୍ତି।

### ବିଜେପି ସରକାରଙ୍କ...

ନାବାଳିକା ନିଆଁରେ ଜଳି ପ୍ରାଣ ହରାଇବା ଖବର ମୋତେ ଗଭୀର ଭାବେ ବ୍ୟଥିତ, ଚକିତ ଓ ମର୍ମାହତ କରିଛି। ନାବାଳିକାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି। ଏପରି ଦୁଃଖଦ ସମୟକୁ ସାମ୍ନା କରିବା ପାଇଁ ମହାପ୍ରଭୁ ପରିବାରର ସଦସ୍ୟଙ୍କୁ ଅସୀମ ଧୈର୍ଯ୍ୟ ଦିଅନ୍ତୁ। ନିଆଁ ଲଗାଇ ଆମ ଝିଅମାନେ ଜୀବନ ହାରିବାର ଏହି ଧାରା ଅତ୍ୟନ୍ତ ବିଚଳିତ କରିଦେବା ପରି। ଏଇ ଗୋଟେ ମାସ ଭିତରେ ଚାରି ଚାରି ଜଣ ଯୁବତୀ ସମାନ ଭାବରେ ନିଜ ଜୀବନ ହାରି ଦେଇଛନ୍ତି। ଏପରି ନିରୀହ ଜୀବନ ଚାଲିଯିବା ସମଗ୍ର ଓଡ଼ିଶାବାସୀଙ୍କୁ ବ୍ୟଥିତ କରୁଛି। ଏହା ଆହୁରି ହୃଦୟବିଦାରକ ଯେ, ସେମାନେ ଆଉ କୌଣସି ରାସ୍ତା ନ ପାଇ ଶେଷରେ ନିଜ ଜୀବନ ହାରିବାକୁ ବାଛି ନେଉଛନ୍ତି ବୋଲି ନବୀନ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ କେବଳ ଏଇ ଚାରି ନିରୀହ ଜୀବନ ନୁହେଁ, ଏବେ ପ୍ରତିଦିନ ଅପରାଧର ଶିକାର ହୋଇ ଓଡ଼ିଶାର ଅନେକ ଝିଅ ଏପରି ପରିସ୍ଥିତିର ସାମ୍ନା କରୁଛନ୍ତି। ସେମାନଙ୍କ ନିରାଶା କେବଳ ଏକ ବ୍ୟକ୍ତିଗତ ଘଟଣା ନୁହେଁ। ପ୍ରତିଦିନ ଘଟୁଥିବା ଏପରି ଘଟଣା, ବ୍ୟବସ୍ଥାର ବିଫଳତା ପରି ଏକ ସମ୍ବେଦନଶୀଳ ଦିଗକୁ ଇଙ୍ଗିତ କରୁଛି। ବିଜେପିର ଶାସନ, ବ୍ୟବସ୍ଥା ଉପରେ ଭରସା ବଜାୟ ରଖିବାରେ ବିଫଳ ହୋଇଛି। ଆମେ ଆମ ଝିଅମାନଙ୍କ ପାଇଁ ଏପରି ଏକ ପରିବେଶ ସୁନିଶ୍ଚିତ କରି ପାରୁନାହାନ୍ତି; ଯେଉଁଠି ସେମାନେ ସୁରକ୍ଷିତ ଥିବେ, ସେମାନଙ୍କ କଥା ଶୁଣା ଯାଉଥିବ ଏବଂ ସେମାନଙ୍କ ଗୁରୁତ୍ୱ ଥିବ ବୋଲି ନବୀନ କ୍ଷୋଭ ପ୍ରକାଶ କରି କହିଛନ୍ତି।

### ଦଶମ ଛାତ୍ରୀଙ୍କୁ...

ନାବାଳିକାଙ୍କୁ ପଚାରିଥିଲେ କିନ୍ତୁ ଅଭିଯୁକ୍ତଜଣକ ତାଙ୍କୁ ମଶାଣି ନିକଟରେ ଥିବା ନିଛାଟିଆ ଜଙ୍ଗଲ ଭଳି ହୋଇଥିବା ସ୍ଥାନକୁ ନେଇ ଦୁଷ୍କର୍ମ କରିଥିଲେ। ପୀଡ଼ିତାଙ୍କ ଚିତ୍କାର ଶୁଣି ଅନ୍ୟ ୪ଜଣ ଅଜଣା ଲୋକ ସେଠାକୁ ଆସିଥିଲେ। ସେମାନେ ମଧ୍ୟ ନାବାଳିକାଙ୍କୁ ମାଡ଼ ମାରି ଦୁଷ୍କର୍ମ କରିଥିଲେ। ଦୁଷ୍କର୍ମ ପରେ ପିଇସା ପୀଡ଼ିତା ଝିଅଟିକୁ ଗାଁ ମୁଣ୍ଡରେ ଏକା ଛାଡ଼ିଦେଇଥିଲା। ଘଟଣା ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଉଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଏହି ଘଟଣା ପରେ ପୀଡ଼ିତା ନାବାଳିକା ଦୁଃଖରେ ଭାଙ୍ଗିପଡ଼ିବା ସହ ଆତ୍ମହତ୍ୟା କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ତେବେ ଏ ସମ୍ପର୍କରେ ତାଙ୍କ ମାଆଙ୍କ ଜାଣିବା ପରେ ଘଟଣା ପ୍ରଘଟ ହୋଇଥିଲା ଏବଂ ପରେ ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ଘଟଣାଟି ଗତ ୯ ତାରିଖରୁ ଘଟିଥିଲେ ହେଁ ୧୧ ତାରିଖ ବିଳମ୍ବିତ ରାତିରେ ରାଜନଗର ଥାନାରେ ଅଭିଯୋଗ ହୋଇଛି। ପୁଲିସ ରାତାରାତି ପିଇସା ହାପି ମଲିକ ଓ ଏହି ଘଟଣାରେ ସମ୍ପୃକ୍ତ ଥିବା ଗାଁର ଅନ୍ୟ ୪ ଜଣ ଯୁବକଙ୍କୁ ଉଠାଇ ଆଣି ଥାନାରେ ପଚରାଉଚରା କରୁଛି। ୪ ଯୁବକଙ୍କ ମୋବାଇଲ୍ ଜବତ କରି ଯାଞ୍ଚ କରାଯାଉଛି। ଦୁଷ୍କର୍ମର ଫଟୋ ଓ ଭିଡିଓ ଦୁଷ୍କର୍ମକାରୀମାନେ ଉତ୍ତୋଳନ କରି ତାହାକୁ ଭାଇରାଲ କରିବା ସହ ପୀଡ଼ିତାଙ୍କ ଭାଇଙ୍କ ପାଖକୁ ପଠାଇଥିଲେ। ଭାଇ ମୋବାଇଲ୍‌ରେ ଆସିଥିବା ଫଟୋ ଦେଖି ସେ ତାଙ୍କ ଭଉଣୀ ସହ ଦୁଷ୍କର୍ମ ହୋଇଥିବା ଜାଣିବାକୁ ପାଇଥିଲେ। ଦୁଷ୍କର୍ମକାରୀମାନେ ଦୁଷ୍କର୍ମ କରି ଫଟୋ ଉଠାଇ ତାଙ୍କ ଭାଇଙ୍କୁ ପଠାଇବା ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ପୀଡ଼ିତାକୁ ପଟ୍ଟାମୁଣ୍ଡାଇ ମେଡିକାଲରେ ଓ ମୁଖ୍ୟ ଅଭିଯୁକ୍ତ ପିଇସାକୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରୀମାଇନା କରାଯାଇଛି ବୋଲି ରାଜନଗର ଥାନା ଆଇଆଇସି ନରେଶ କୁମାର ସାହୁ ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ରାଜନଗରରେ ବିକ୍ଷୋଭ ଓ ରାସ୍ତାରୋକ କରାଯାଇଛି। କଂଗ୍ରେସ ଓ ବିଜେଡି ଟିମ୍ ପୀଡ଼ିତାଙ୍କ ପରିବାରକୁ ଭେଟିଛନ୍ତି।

### ଏଣିକି ସବୁ...

ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗକୁ ପଦକ୍ଷେପ ପାଇଁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଛି।

ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଏ ସମ୍ପର୍କରେ ପ୍ରସ୍ତୁତିର ସୂଚନ ଦେଇଛନ୍ତି। ଯେଉଁ ସରକାରୀ ଅଧିକାରୀ ବା କର୍ମଚାରୀମାନେ କାର୍ଯ୍ୟ ଠିକ୍ ଭାବରେ ସମ୍ପାଦନ କରୁନାହାନ୍ତି, ସେମାନଙ୍କୁ ବିଭାଗସ୍ତରରେ ମାସିକ ବା ବିଭିନ୍ନ ସମୟରେ ସେମାନଙ୍କର କାର୍ଯ୍ୟ ପ୍ରଦର୍ଶନ ସମୀକ୍ଷା ହୋଇ ତଥ୍ୟ ରଖାଯିବ। ଏହାପରେ ସରକାରୀ ବ୍ୟବସ୍ଥା ଅନୁସାରେ ଅବସର ପୂର୍ବରୁ ଅବସର ଦେବା ପାଇଁ ପଦକ୍ଷେପ ନିଆଯିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିବା ଜଣାପଡ଼ିଛି। ସେହିପରି ସରକାରୀ କ୍ରୟ ପ୍ରକ୍ରିୟା, ସେବା ଓ ଦ୍ରବ୍ୟ ବିକ୍ରୟ, ମାନବ ସମ୍ବଳ ପରିଚାଳନା, ଲୋକମାନଙ୍କୁ ସେବା ପ୍ରଦାନ ଏବଂ ପ୍ରବର୍ତ୍ତନ(ଚଢଉ)ରେ ଅନିୟମିତତା ଆଦି ଦୁର୍ନୀତିର ସମ୍ଭାବ୍ୟ କ୍ଷେତ୍ର ବୋଲି ବିବେଚନା କରାଯିବା ସହିତ ଭିଜିଲାନ୍ସ ପ୍ରଶାସନକୁ ସୁଦୃଢ଼ୀକରଣ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ବିଭାଗୀୟ କାର୍ଯ୍ୟ ତଦାରଖ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଅଧିକ ପ୍ରଭାବୀ କରିବା ପାଇଁ ତଥ୍ୟ ସମ୍ବଳିତ ମୁଖ୍ୟମନ୍ତ୍ରୀଙ୍କ ଡ୍ୟାସବୋର୍ଡ (ଚିଫ୍ ମିନିଷ୍ଟର୍ସ ଡ୍ୟାସ୍ ବୋର୍ଡ) କାର୍ଯ୍ୟକାରୀ କରାଯିବା ସଂପର୍କରେ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଥିଲା। ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ଭିତ୍ତିଭୂମି ପ୍ରକଳ୍ପ ଗୁଡିକର ମଞ୍ଜୁରୀ ପାଇଁ ଆବଶ୍ୟକ ଭୂ ଅଧିଗ୍ରହଣ, ପିଏମଜି ଓ ପ୍ରଗତିରେ ଅନ୍ତର୍ଭୁକ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ସଂପର୍କରେ ଜିଲ୍ଲାପାଳମାନେ ପ୍ରତି ମାସରେ ୭ ତାରିଖ ସୁଦ୍ଧା ଜିଲ୍ଲାସ୍ତରରେ, ସଂପୃକ୍ତ ବିଭାଗୀୟ ମୁଖ୍ୟ ବିଶେଷ କରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମାସର ୧୨ ତାରିଖ ସୁଦ୍ଧା ସମୀକ୍ଷା ବୈଠକ କରିବେ। ପରବର୍ତ୍ତୀ ସମୟରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ମାସର ଶେଷ ଶନିବାର ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀଙ୍କ ଡ୍ୟାସବୋର୍ଡ ଆସନ୍ତା ଅକ୍ଟୋବର ୧ ତାରିଖରେ ଶୁଭାରମ୍ଭ ହେବା ସଂପର୍କରେ ବୈଠକରେ ସୂଚନା ଦିଆଯାଇଥିଲା। ସେହିପରି ଅଧିକାରୀମାନଙ୍କର କ୍ଷେତ୍ର ପରିଦର୍ଶନ ସମୟରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଗସ୍ତ କରି ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିବାକୁ ପରାମର୍ଶ ଦିଆଯାଇଛି।

# ବ୍ୟବହାର ହେବନି 'ହରିଜନ' ଶବ୍ଦ

## ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ପାଳନ ହେଉନି ନିୟମ

- ନିୟମ ପାଳନ ନେଇ ସୁନିଶ୍ଚିତ କରିବାକୁ ପୁନର୍ବାର ନିର୍ଦ୍ଦେଶ
- ୬ ଟି ଜିଲ୍ଲାରେ ସ୍କୁଲ୍‌ର ନାମ କରଣକୁ ନେଇ ଉଠିଥିଲା ଆପତ୍ତି

ଭୁବନେଶ୍ୱର, ୧୨।୮ (ସମିସ): ରାଜ୍ୟରେ ସମସ୍ତ ସରକାରୀ ରେକର୍ଡ, କାରବାର, ଜାତିଗତ ପ୍ରମାଣପତ୍ର, ପ୍ରକାଶନ ଓ ବିଭାଗୀୟ ନାମକରଣ ସହ ଅନ୍ୟାନ୍ୟ କୌଣସି କ୍ଷେତ୍ରରେ 'ହରିଜନ' ଶବ୍ଦ ବ୍ୟବହାର ହୋଇପାରିବ ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ବାରମ୍ବାର ଏ ସମ୍ପର୍କିତ ନିର୍ଦ୍ଦେଶନାମା ଜାରି ପରେ ମଧ୍ୟ ଏହି ନିୟମ ପାଳନ ହୋଇପାରୁନାହିଁ।

ଏହି ସରକାରୀ ନିର୍ଦ୍ଦେଶନାମାର ପାଳନକୁ ସୁନିଶ୍ଚିତ କରିବା ପାଇଁ ମଙ୍ଗଳବାର ପୁଣିଥରେ ରାଜ୍ୟ ଏସ୍‌ଟି ଓ ଏସ୍‌ସି ବିଭାଗ ପକ୍ଷରୁ ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ, କମିସନର ତଥା ସଚିବଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି। ଲିଖିତ ଚିଠିରେ 'ହରିଜନ' ଶବ୍ଦ ପରିବର୍ତ୍ତେ ସାମ୍ବିଧାନିକ ଶବ୍ଦ "ଅନୁସୂଚିତ ଜାତି"କୁ ବ୍ୟବହାର କରିବାକୁ କୁହାଯାଇଛି।

ନିକଟରେ 'ହରିଜନ' ଶବ୍ଦକୁ ବ୍ୟବହାର କରି ରାଜ୍ୟର ୬ଟି ଜିଲ୍ଲାରେ ବିଭିନ୍ନ ସ୍କୁଲର ନାମକରଣ ରହିଛି। ଏହା ଉପରେ ଆପତ୍ତି ଉଠାଇ ରାଜ୍ୟ ମାନବାଧିକାର ଆୟୋଗଙ୍କ ନିକଟରେ ଏକ ମାମଲା ଦାୟର ହୋଇଥିଲା। ଏହାକୁ ବିଚାର କରି ଆବଶ୍ୟକ ପଦକ୍ଷେପ ନେବାକୁ ଆୟୋଗ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ରାଜ୍ୟ ସରକାର ସବୁ ବିଭାଗୀୟ ମୁଖ୍ୟଙ୍କ ସହ ଏହି ନିର୍ଦ୍ଦେଶକୁ ଅନୁପାଳନ କରି ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ୬ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଏହା ପୂର୍ବରୁ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ୨୦୧୨ ମସିହାରେ ରାଜ୍ୟ ମୁଖ୍ୟ ସଚିବଙ୍କୁ ଚିଠି ଲେଖି 'ହରିଜନ' ଶବ୍ଦ ବ୍ୟବହାର ଉପରେ ରୋକ୍ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଧାରରେ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ୨୦୧୩ ଜାନୁୟାରୀ ୧୦ ତାରିଖରେ ମଧ୍ୟ ଏହି ନିୟମ ଅନୁପାଳନ ପାଇଁ ସବୁ ବିଭାଗକୁ ଚିଠି ଲେଖିଥିଲେ। ଏବେ ପୁଣି ରାଜ୍ୟ ମାନବାଧିକାର ଆୟୋଗ ୨୦୨୫ ଜାନୁୟାରୀ ୩୧ ତାରିଖରେ ମଧ୍ୟ ଏହି ଶବ୍ଦ ବ୍ୟବାହାର ଉପରେ ରୋକ୍ ପାଇଁ ଆଦେଶ ଦେଇଛନ୍ତି। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ-୩୪୧ ଅନୁସାରେ ଅନୁସୂଚିତ ଜାତି ବର୍ଗଙ୍କ ନିମନ୍ତେ ଇଂରାଜୀରେ 'ସିଡ୍ୟୁଲ୍ କାଷ୍ଟ' ଓ ଓଡ଼ିଆରେ 'ଅନୁସୂଚିତ ଜାତି' ଶବ୍ଦ ଉପଯୋଗ କରାଯିବ ବୋଲି ଚିଠିରେ କୁହାଯାଇଛି।

୬ଟି ଜିଲ୍ଲା ଯଥା ନୟାଗଡ଼, କଟକ, ପୁରୀ, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ସ୍କୁଲଗୁଡ଼ିକ ରହିଛି। ଏହି ସ୍କୁଲ୍‌ର ନାମରେ 'ହରିଜନ' ଶବ୍ଦ ବ୍ୟବହାର ହୋଇଛି। ତେଣୁ ତୁରନ୍ତ ନିଜ ନିଜ ଅଞ୍ଚଳରେ ଥିବା ସ୍କୁଲଗୁଡ଼ିକର ନାମରୁ 'ହରିଜନ'ଶବ୍ଦ ହଟାଇବା ସହ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଥାଉ କି, ଓଡ଼ିଶାର ବହୁଜନ ଛାତ୍ର ଓ ଯୁବ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ଅନୀଲ କୁମାର ମଲ୍ଲିକଙ୍କ ଦ୍ୱାରା ଦାଏର ଏକ ମାମଲାର ବିଚାର କରି ଓଡ଼ିଶା ମାନବାଧିକାର ଆୟୋଗ ୨୦୨୫ ଜାନୁୟାରୀ ୩୧ତାରିଖରେ ଏହି ନିର୍ଦ୍ଦେଶନାମା ଜାରି କରିଥିଲେ।


O-578

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS, DIVISION, ANGUL

E-Mail: [illegible]
☎ 06764 - 237092

**1st Corrigendum to TCN No. AGL-03 / 2025-26 (Road)**

Modification regarding availability of Tender for online bidding for all works under TCN No. AGL-03 / 2025-26 (Road) has been made as follows due to some unavoidable circumstances.

1. Availability of Tender for online bidding from 12.08.2025 (10.00 A.M.) to 19.08.2025 (5.00 P.M.)
2. Last date & time of seeking tender clarification 18.08.2025 (1.00 P.M.)
3. Date & Time of opening 20.08.2025 (11.00 A.M.)

All others term & conditions remain unchanged.

Executive Engineer,
R.W. Division, Angul

OIPR-25096/11/0027/2526

GOVERNMENT OF ODISHA — A-492
OFFICE OF THE SUPERINTENDING ENGINEER,
MINOR IRRIGATION DIVISION, RAYAGADA
(E-mail ID: eemirgd@ymail.com)
NOTICE INVITING TENDER
e-Procurement Notice
e-Procurement Notice No. SEMIDRGD - 01/2025-26
Letter No. 2714 Dated. 11.08.2025

The Superintending Engineer, Minor Irrigation Division, Rayagada on behalf of Governor of Odisha invites **Percentage rate bids** in **Single cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

| | | |
|---|---|---|
| 1. | Name of the work | : Improvement to 11 nos. of MIPs in different Block of Rayagada District under Critical Grant for the year 2025-26. |
| 2. | Total Number of works | : 11 (Eleven) Nos. |
| 3. | Estimated cost | : Approximately varies from Rs. 16.95 lakh to Rs. 29.66 lakh. |
| 4. | Period of completion | : Varies from 90 (Ninety) to 120(One Hundred Twenty) Days |
| 5. | Class of Contractor | : "D", "C" & "B" Class Contractor |
| 6. | Date and time of availability of bid documents in the portal | : From 10.00 A.M of 16.08.25 to 5.00 PM of 26.08.2025 |
| 7. | Last date /time for receipt of bids in the portal | : 5.00 PM on 26.08.2025 |
| 8. | Date of opening of bid | : At 11.00 AM on 29.08.2025 in website (www.tendersorissa.gov.in) |
| 9. | Submission of Bids | : Online mode |
| 10. | Name of the Officer inviting Bid | : Superintending Engineer, Minor Irrigation Division, Rayagada |
| 11. | Further details can be seen from the Government of Odisha Website: www.tendersorissa.gov.in | |

Superintending Engineer
M.I. Division, Rayagada

OIPR-32524/11/0024/2526

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧-ଡ଼ି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି **ସାଙ୍କେତିକ ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ସହ-ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ (ସାଙ୍କେତିକ) ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଚନ୍ଦକା ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସ ଶାଖା /** ଋଣଗ୍ରହୀତା ଏବଂ ବନ୍ଧକଦାତା: **ଶ୍ରୀ ପ୍ରଶାନ୍ତ କୁମାର ପାତ୍ର,** ପିତା: ଲକ୍ଷ୍ମୀଧର ପାତ୍ର, **ଠିକଣା-୧:** ସା: ପଣସପୁରପାଟଣା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୨୩, **ଠିକଣା-୨:** ସା: ଗୋପବନ୍ଧୁ ନଗର, ଚାନ୍ଦପୁର, ଜିଲ୍ଲା: ନୟାଗଡ଼, ଓଡ଼ିଶା, ପିନ୍-୭୫୨୦୨୪ | ଟ.୨୧,୦୬,୧୫୫.୦୦ + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୧୭.୦୫.୨୦୨୫ / ୧୧.୦୮.୨୦୨୫ | **ପ୍ରଶାନ୍ତ କୁମାର ପାତ୍ର,** ପିତା: ଲକ୍ଷ୍ମୀଧର ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୨୦୫/୬୫୪, ପ୍ଲଟ୍ ନଂ.: ୩୮୭/୩୦୪୪, ସମୁଦାୟ କ୍ଷେତ୍ର: ଏକର୦.୦୪୦ଡିସିମିଲି, କିସମ: ଘରବାରି, ମୌଜା: ଚାନ୍ଦପୁର, ଥାନା: ଚାନ୍ଦପୁର, ତହସିଲ: ରଣପୁର, ଜିଲ୍ଲା: ନୟାଗଡ଼, ଓଡ଼ିଶା, ଏହାର ଚଉହଦି- ଉତ୍ତର: ରାସ୍ତା, ଦକ୍ଷିଣ: ନରସିଂହ ପାତ୍ର, ପୂର୍ବ: ବିକ୍ରେତା (ସମିତା ମହାପାତ୍ର), ପଶ୍ଚିମ: ଇତିଶ୍ରୀ ପ୍ରଧାନ |
| **ଚନ୍ଦକା ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସ ଶାଖା /** ଋଣଗ୍ରହୀତା: **ଶ୍ରୀ ରଞ୍ଜିତ ବେହେରା,** ପିତା: ରଘୁନାଥ ବେହେରା / ସହ-ଋଣଗ୍ରହୀତା ଏବଂ ବନ୍ଧକଦାତା: **ଶ୍ରୀ ରଘୁନାଥ ବେହେରା,** ପିତା: ୰ ଫକୀର ବେହେରା, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୨୧୦୯, ମାନସିଂହପୁର, ନାରାୟଣୀ ମନ୍ଦିର ନିକଟ, କୁହୁଡ଼ି-ଚିଲିକା ରୋଡ୍, ପୋ: ସୋରେନ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୨୭ | ଟ.୮,୭୮,୮୮୭.୫୯ + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୧୭.୦୫.୨୦୨୫ / ୧୧.୦୮.୨୦୨୫ | **ଶ୍ରୀ ରଘୁନାଥ ବେହେରା,** ପିତା: ୰ ଫକୀର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୦୦୨/୧୯୪, ପ୍ଲଟ୍ ନଂ.: ୨୧୦୯, ସମୁଦାୟ କ୍ଷେତ୍ର: ଏକର୦.୦୩୦ଡିସିମିଲି, କିସମ: ଘରବାରି, ମୌଜା: ମାନସିଂହପୁର, ଥାନା: ଟାଙ୍ଗୀ, ଏସ୍‌ଆରଓ: ଟାଙ୍ଗୀ, ତହସିଲ: ଚିଲିକା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୨୭, ଓଡ଼ିଶା, ଏହାର ଚଉହଦି- ଉତ୍ତର: ହାକୁ ପଲାଇ, ଦକ୍ଷିଣ: ସନାତନ ବେହେରା, ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା। |
| **ଜଗତସିଂହପୁର ଶାଖା /** (୧) ଋଣଗ୍ରହୀତାମାନେ: ୧) **ଶ୍ରୀ ଶ୍ରୀକାନ୍ତ ପାତ୍ର,** ପିତା: ୰ ବିପିନ ବିହାରୀ ପାତ୍ର, ୨) **ଶ୍ରୀ ଶ୍ରୀଧର କୁମାର ପାତ୍ର,** ପିତା: ୰ ବିପିନ ବିହାରୀ ପାତ୍ର, ଉଭୟଙ୍କ ବର୍ତ୍ତମାନ ଠିକଣା- ସା: ଦେବଳିଗ୍ରାମେଶ୍ୱର, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୦୩, ସ୍ଥାୟୀ ଠିକଣା- ସା/ପୋ: ଢ଼େରିକି, ଥାନା: ନାଉଗାଁ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୧୩ / ଜାମିନ୍‌ଦାରମାନେ: ୧) **ଶ୍ରୀମତୀ ବିନତୀ ପାତ୍ର,** ସ୍ୱାମୀ: ଶ୍ରୀ ଶ୍ରୀକାନ୍ତ ପାତ୍ର, ୨) **ଶ୍ରୀମତୀ ସନ୍ଧ୍ୟାରାଣୀ ପାତ୍ର,** ସ୍ୱାମୀ: ଶ୍ରୀଧର କୁମାର ପାତ୍ର, ଉଭୟଙ୍କ ଠିକଣା- ସା: ଦେବଳିଗ୍ରାମେଶ୍ୱର, ପୋ/ଥାନା/ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୦୩ (ଗୃହ ଋଣ ଆକାଉଣ୍ଟ ନିମନ୍ତେ), (୨) ଋଣଗ୍ରହୀତାମାନେ: ୧) **ମେସର୍ସ ମା ଏଜେନ୍ସି, ସ୍ୱତ୍ୱାଧିକାରୀ: ଶ୍ରୀ ଶ୍ରୀକାନ୍ତ ପାତ୍ର,** ୨) **ଶ୍ରୀ ଶ୍ରୀକାନ୍ତ ପାତ୍ର,** ଉଭୟଙ୍କ ଠିକଣା- ସା: ଦେବଳିଗ୍ରାମେଶ୍ୱର, ପୋ/ଥାନା/ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୦୩ / ଜାମିନ୍‌ଦାର: **ଶ୍ରୀ ଶ୍ରୀଧର କୁମାର ପାତ୍ର,** ପିତା: ୰ ବିପିନ ବିହାରୀ ପାତ୍ର, ସା/ପୋ: ଢ଼େରିକି, ଥାନା: ନାଉଗାଁ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୧୩ (ବିଜିନେସ କ୍ରେଡିଟ୍ ଫ୍ୟାସିଲିଟିଜ୍-ଡବ୍ଲ୍ୟୁସିଏଫ୍‌ବିଏଲ୍-ସିସି ନିମନ୍ତେ) | ଟ.୨୬,୨୯,୩୪୮.୦୦ (ଗୃହ ଋଣ ଆକାଉଣ୍ଟ ନିମନ୍ତେ) ଏବଂ ଟ.୩୩,୯୨,୮୦୮.୦୦ (ବିଜିନେସ କ୍ରେଡିଟ୍ ଫ୍ୟାସିଲିଟିଜ୍- ଡବ୍ଲ୍ୟୁସିଏଫ୍‌ବିଏଲ୍-ସିସି ନିମନ୍ତେ) + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୧୫.୦୫.୨୦୨୫ / ୦୮.୦୮.୨୦୨୫ | **ଶ୍ରୀ ଶ୍ରୀକାନ୍ତ ପାତ୍ର,** ପିତା: ୰ ବିପିନ ବିହାରୀ ପାତ୍ର ଏବଂ **ଶ୍ରୀ ଶ୍ରୀଧର କୁମାର ପାତ୍ର,** ପିତା: ୰ ବିପିନ ବିହାରୀ ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପଟ୍ଟାଦାରୀ ଖାତା ନଂ.: ୫୨୫/୭୩୭, ପ୍ଲଟ୍ ନଂ.: ୭୪୦, କ୍ଷେତ୍ର: ଏକର୦.୦୫ଡିସିମିଲି ଏବଂ ପ୍ଲଟ୍ ନଂ.: ୭୩୯/୨୧୨୦, କ୍ଷେତ୍ର: ଏକର୦.୦୧ଡିସିମିଲି (ସମୁଦାୟ କ୍ଷେତ୍ର: ଏକର୦.୦୬ଡିସିମିଲି), କିସମ: ଘରବାରି (ଘରବାରି), ମୌଜା: ଦେବଳିଗ୍ରାମେଶ୍ୱର, ଥାନା: ଜଗତସିଂହପୁର (ଥାନା ନଂ. ୨୪୧), ଡ଼ିଏସ୍‌ଆରଓ/ତହସିଲ: ଜଗତସିଂହପୁର (ତହସିଲ ନଂ. ୨୪୧), ଓଡ଼ିଶା, ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାକି ଏସ୍‌ଆରଓ: ଜଗତସିଂହପୁର, ଜିଲ୍ଲା: ଜଗତସିଂହପୁର ଅଧିକାର ଅଧୀନ, ଏହାର ଚଉହଦି- ଉତ୍ତର: ଅଜୟ କୁମାର ମହାରଣା, ଦକ୍ଷିଣ: ଶ୍ରୀ ପ୍ରତାପ କେଶରୀ ମହାନ୍ତି, ପୂର୍ବ: ରାସ୍ତା ଏବଂ ପଶ୍ଚିମ: ଶ୍ରୀ ବୈକୁଣ୍ଠ ମହାପାତ୍ର |

ତାରିଖ: ୧୨.୦୮.୨୦୨୫
ସ୍ଥାନ : ଭୁବନେଶ୍ୱର

କ୍ଷମତାପ୍ରାପ୍ତ ଅଧିକାରୀ,
ବ୍ୟାଙ୍କ ଅଫ୍ ଇଣ୍ଡିଆ

**ଶପଥପତ୍ର**

ଏହି ଶପଥପତ୍ର ନୋଟାରୀ ପବ୍ଲିକ୍, ଭୁବନେଶ୍ୱରଙ୍କ ସମ୍ମୁଖରେ ନିଷ୍ପାଦନ କରାଯାଇଛି ମୁଁ ବିପାସା ସାହୁ, ସ୍ୱାମୀ-ହେମନ୍ତ ସାହୁ, ଗ୍ରାମ-ସିମିଳିପଦି, ଢେଣ୍ଡିପଦା, ଅନୁଗୁଳ, ଜିଲ୍ଲା-ଢେଙ୍କାନାଳ, ଓଡ଼ିଶା, ଘୋଷଣା କରୁଛି କି ମୋର ଏକ ରେଜିଷ୍ଟ୍ରିଭୁକ୍ତ କବଲା ନମ୍ବର-୩୫୩୨, ତା ୦୮.୦୮.୨୦୦୭, ଡ଼ିଏସ୍‌ଆର୍ ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ ମୌଜା-ବନମାଳୀପ୍ରସାଦ, ଖତା ନଂ. ୫୩୫/୧୫୦୫, ପ୍ଲଟ୍ ନଂ. ୧୯୦୮/୪୫୨୭, ଏରିଆ ଏ ୦.୦୮୦ ଡ଼ିସିମିଲରେ ଅବସ୍ଥିତ, ଯାହାକି ଢେଙ୍କାନାଳ ଗୁଆ ମାର୍କେଟରେ ତା ୦୨.୦୮.୨୦୨୫ରିଖରେ କେଉଁଠାରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ଦଲିଲ୍‌ଟିକୁ ପାଇଥାଆନ୍ତି ଦୟାକରି ନିମ୍ନଲିଖିତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ମୋବାଇଲ୍ - ୮୪୨୦୦୧୧୯୮୫, ସୋମନାଥ ପଟ୍ଟନାୟକ

**Notice (for Minor)**

By virtue of an affidavit sworn before Notary Public, Udala, Mayurbhanj, dated 12-08-2025 I, Raju Luhar, Address AT- Dabak, PO- Nuagaon, PS- Khunta, Dist- Mayurbhanj, PIN-757104 declare that I have changed the name of my daughter from Priyanka Lohar to Saradha Luhar. Henceforth, she shall be known as Saradha Luhar for all purposes.

Raju Luhar

**Notice (for Minor)**

By virtue of an affidavit sworn before Notary Public, Udala, Mayurbhanj, dated 12-08-2025 I, Ramachandra Tudu, Address At- Astia, PO-Srinathpur, PS- Udala, Dist- Mayurbhanj, Pin-757085 declare that I have changed the name of my daughter from Duni Tudu to Sunita Tudu. Henceforth, she shall be known as Sunita Tudu for all purposes.

Ramachandra Tudu

**AFFIDAVIT**

I, Sajvel Chichkhede s/o Siddthartha Chichkhede resides Udaigiri, Room no.406, Darlipali, NTPC Darlipalli township, Sundargarh, Odisha (770072) have wronged father's name in class 10 and 12th marksheet declared by this affidavit no. 603 dated 28/07/2025 that my father's name shall be known as **SIDDHARTH CHICHKHEDE** for all future purposes.

**AFFIDAVIT**

I, Kedar Chandra Pattanaik, aged about 65 years, S/o- Bhagirathi Pattnaik resident of At- Flat No-3/1, Block No- C2, Hitech Residency, Madhipur, Kuha, Bhubaneswar, Pin- 751002, Odisha declare by this affidavit No. 1588, dtd. 12/08/2025, that now onwards I shall be known as **KEDAR CHANDRA PATTNAIK** for all future purposes.

**AFFIDAVIT**

I Firza Khatun, aged about 60 years, W/o- Golam Mohammad Of Vill - Jayanagar (Munusipatana), Po/Ps- Dhamnagar, Dist.: Bhadrak, Pin-756117, affidavit No 3258-dated 22-05-2025 That I swear this affidavit to place before concerned authority to prove of my name as Firza Khatun & Firoza Khatun, W/o- Golam Mohammad is one & Same person. that I concerned authority for correction of my adhar card mentioning my recorded name.

**AFFIDAVIT**

By virtue of an affidavit sworn before The Notary Public, Tentulikhunti, Nabarangpur, dated- 11/08/2025. I **Gilgan Samantray**, S/o Late Chitaranjan Samantray, resident of Vill/Po/Ps- Tentulikhunti, Dist- Nabarangpur, Pin- 764070, Odisha declare that I have changed my minor son's name from **Gifson Samantaray** (old name) to **Amlan Bibhav Samantray** (new name). Henceforth, he shall be known as **Amlan Bibhav Samantray** (new name) for all purposes.

Gilgan Samantray

**NOTICE**

By virtue of an affidavit sworn before The Notary Public, Sunabeda dated 12/08/2025 I, Smt. Manima Majhi, W/o- Jayaram Majhi, Vill.- Mangrel, Po.- Raising, Ps.- Padwa, District- Koraput declare that I have changed my name from **Mani Majhi** to **Manima Majhi**. Henceforth, I shall be known as **Manima Majhi** for all purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 12/08/2025. I, **Ketak Tandi** (Applicant name), S/O- Kirti Tandi, Permanent resident of At- Satighat, P.O. Bhatipada, P.S. Titilagarh, Dist- Balangir, (Odisha), PIN- 767042, now residing at the same place affirm that I have changed my minor son's name from **Rehan Tndi** (old name) to **Rehan Tandi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Rehan Tandi** (new name).

Ketak Tandi

**AFFIDAVIT**

By virtue of an affidavit executed before the Executive Magistrate, Athgarh on 22.7.2025 declare the following facts that I Sanjukta Nayak W/o-Ramakant Nayak of Village-Bailo Po- Mahakalbasta Ps- Athgarh Dist. Cuttack . But in my Adhar Card it was recorded as Sanjukta Parida instead of Sanjukta Nayak. Henceforth I will known as Sanjukta Nayak for all purposes.

**AFFIDAVIT**

I, Purusottam Swain, aged about 59 years, S/o- Sanyasi Swain resident of At- Kurulai, Po- Patulisahi, Dist- Ganjam, Pin-761140, Odisha declare by this affidavit No. 1589, dtd. 12/08/2025, that now onwards I shall be known as **PURUSHOTTAM SWAIN** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Nandapur, Dist.- Koraput, I Guntha Narayano, S/o- Late Guntha Dhana, resident of Vill.- Daleiput, Po.- Kularsing, Ps.- Padwa, Dist.- Koraput, Odisha, Pin- 764038 state that, I have changed my name from **Narayan Guntha** to **Guntha Narayano**. Henceforth I shall be known as **Guntha Narayano** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Padampur, on dated- 11/08/2025. I, **Bhabani Patel,** S/o- Soukilal Patel, permanent & current resident of At- Purena, Po- Purena, Dist- Bargarh, PIN- 768036, Odisha declare that I have changed my minor Daughter name from **Sunam Patel** (old name) To **Sonam Patel** (new name). Henceforth, she shall be known as **Sonam Patel** (new name) for all future purposes.

Bhabani Patel

**AFFIDAVIT**

By virtue of an affidavit sworn before The Executive Magistrate, Padampur, on dated- 08/08/2025. I, **Niroj Kumar Patel,** S/o- Dala Patel, permanent & current resident of At- Satibhata, Po- Purena, Dist- Bargarh, PIN- 768036, Odisha declare that I have changed my minor son's name from **Joshapal Patel** (old name) To **Jashapal Patel** (new name). Henceforth, he shall be known as **Jashapal Patel** (new name) for all future purposes.

Niroj Kumar Patel

## ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା

# ବିଜେଡି ପକ୍ଷରୁ ବିକ୍ଷୋଭ ଓ ରାସ୍ତାରୋକ





ଜିଲ୍ଲାପାଳଙ୍କ ଗାଡ଼ିକୁ ଛାଡ଼ିଲେନି

**ରାଜନଗର, ୧୨।୮ (ସମିସ)**

ରାଜନଗର ଥାନା ଅଞ୍ଚଳରେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାକୁ ନେଇ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ମଙ୍ଗଳବାର ବିଜେଡି ଏହାକୁ ନେଇ ରାଜରାସ୍ତାକୁ ଓହ୍ଲାଇଛି। ରାଜନଗର ହଂସୁଆ ସେତୁ ନିକଟରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ରାସ୍ତାରୋକ କରାଯାଇଛି। ସରକାର ବିରୋଧୀ ନାରା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ ଯୋଗୁଁ ଶହ ଶହ ଗାଡ଼ିମୋଟର ଅଟକି ରହିଥିଲା। ଏଥିସହ ରାଜନଗର ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିବାକୁ ଆସିଥିବା କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଉପଜିଲ୍ଲାପାଳ ଗାଡ଼ି ବିକ୍ଷୋଭ ସମୟରେ ଆସିଥିଲେ ମଧ୍ୟ ବିକ୍ଷୋଭକାରୀ ଜିଲ୍ଲାପାଳଙ୍କ ଗାଡ଼ିକୁ ଛାଡ଼ିନଥିଲେ। ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଘଟଣାସ୍ଥଳକୁ ଆସି ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ବିକ୍ଷୋଭକାରୀ ଶୁଣିନଥିଲେ। ଜିଲ୍ଲାପାଳ ଗାଡ଼ି ବୁଲାଇ ବ୍ଲକ କାର୍ଯ୍ୟାଳୟକୁ ଫେରିଯାଇଥିଲେ। ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ଓ ପୀଡ଼ିତାଙ୍କୁ ନ୍ୟାୟ ମିଳିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହାର ହୋଇଥିଲା। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ନେତୃତ୍ୱରେ ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବୈବ୍ରତ ନାରାୟଣ ବିଶ୍ୱାଳ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ମହିଳା ବିଜେଡି ସଭାପତି ରଶ୍ମି ରଞ୍ଜିତା ସ୍ୱାଇଁ, ବରିଷ୍ଠ ବିଜେଡି ନେତା ବିଜୟ ନାୟକ, କୈଳାସ ଚନ୍ଦ୍ର ପରିଡ଼ା, ଦେବେନ୍ଦ୍ର ଜେନା, ରଞ୍ଜନ ମହାନ୍ତି, ପ୍ରମୋଦ ପ୍ରଧାନ, ଅଶୋକ ପ୍ରଧାନ, ଦାମୋଦର ମହାନ୍ତି, ସରୋଜ ରାଉତ, ଛାତ୍ର ନେତା ରବୀନ୍ଦ୍ର କୁମାର ସିଂ, ସୁଶାନ୍ତ ବେହେରା, ସୁରଜ ପୁହାଣ, ବିଚିତ୍ର ମଲିକ, ପରମେଶ୍ୱର ଦାସ, ସାଗର ବଳ ପ୍ରମୁଖ ଏହି ବିକ୍ଷୋଭରେ ସାମିଲ୍ ହୋଇଥିଲେ।

## ପୀଡ଼ିତାଙ୍କ ପରିବାରକୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ



**ରାଜନଗର, ୧୨।୮ (ସମିସ):** ରାଜନଗର ଥାନା ଅଞ୍ଚଳରେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ତାଙ୍କ ପିଇସା ଓ ଅନ୍ୟ ୪ ଜଣ ଯୁବକ ଗଣଦୁଷ୍କର୍ମ କରିବା ଘଟଣା ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ମଙ୍ଗଳବାର ସନ୍ଧ୍ୟାରେ କଂଗ୍ରେସ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ରାଜନଗର ଥାନାରେ ଆଇଆଇସିଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଦାସ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ପିସିସି ସମ୍ପାଦିକା ସସ୍ମିତା ପଣ୍ଡା, ଶିଖାଶ୍ରୀ ହରିଚନ୍ଦନ, ମଧୁସ୍ମିତା ଆଚାର୍ଯ୍ୟ, ସମସିତା ତଯାବ, ଅମ୍ରିତା ଦାସ, ପ୍ରଦୀପ ପ୍ରଧାନ, ପ୍ରଶାନ୍ତ ରାଉତ, ସତ୍ୟପ୍ରିୟ ସାମଲ ପ୍ରମୁଖ ପୀଡ଼ିତାଙ୍କ ପରିବାରକୁ ଭେଟିବା ସହିତ ରାଜନଗର ଥାନାରେ ପହଞ୍ଚି ଆଲୋଚନା କରିଛନ୍ତି। ଘଟଣାକୁ ନିନ୍ଦା କରିବା ସହିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଓ ପୀଡ଼ିତାଙ୍କ ପରିବାରକୁ ସହାୟତା ପ୍ରଦାନ କରିବାକୁ ପ୍ରତିନିଧି ଦଳ ଦାବି କରିଛି।



## ପୀଡ଼ିତାଙ୍କ ପରିବାରକୁ ଭେଟିଲା ବିଜେଡି ପ୍ରତିନିଧି ଦଳ

**ରାଜନଗର, ୧୨।୮ (ସମିସ):** ରାଜନଗର ଥାନା ଅଞ୍ଚଳରେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ତାଙ୍କ ପିଇସା ଓ ଅନ୍ୟ ୪ ଜଣ ଯୁବକ ଗଣଦୁଷ୍କର୍ମ କରିବା ଘଟଣା ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ମଙ୍ଗଳବାର ସନ୍ଧ୍ୟାରେ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ରାଜନଗର ଥାନାରେ ଆଇଆଇସିଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସଭାନେତ୍ରୀ ଲିଲିତା ଦାସ, କେନ୍ଦ୍ରାପଡ଼ା ଜିଲ୍ଲା ମହିଳା ସଭାନେତ୍ରୀ ରୋସନା ସାହୁ, ବିଜେଡି ମାଇନର ସେଲ ସହ ସଂଯୋଜକ ରିଜୁଆନା ବେଗମ, ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ଜ୍ୟୋତ୍ସ୍ନା ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦିକା ଅଂଶୁ ତ୍ରିପାଠୀ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ରାଜନଗର ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁ ପ୍ରମୁଖ ପୀଡ଼ିତାଙ୍କ ପରିବାରକୁ ଭେଟିଥିଲେ। ଘଟଣାକୁ ଯେତେ ନିନ୍ଦା କାଲେ କମ୍ ହେବ। ପୀଡ଼ିତା ପରିବାର ଅତ୍ୟନ୍ତ ଗରିବ। ତ୍ୱରିତ ନ୍ୟାୟ ସହିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଓ ପୀଡ଼ିତାଙ୍କ ପରିବାରକୁ ସହାୟତା ପ୍ରଦାନ କରିବାକୁ ପ୍ରତିନିଧି ଦଳ ଦାବି କରିଛି।

## ଦୂଷିତ ପାଣିପିଇ ୬ ଛାତ୍ରଛାତ୍ରୀ ଜଣ୍ଡିସ୍‌ରେ ଆକ୍ରାନ୍ତ



ପହଞ୍ଚିଲା ମେଡିକାଲ ଟିମ୍

**ଆଳି, ୧୨।୮ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଗୋପାଳପୁର ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଗତ କିଛି ଦିନ ମଧ୍ୟରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ଥିବା ନଳକୂଅର ଦୂଷିତ ପାଣିକୁ ବ୍ୟବହାର କରିବା ଦ୍ୱାରା ଜଣ୍ଡିସ ରୋଗରେ ପୀଡ଼ିତ ହୋଇଛନ୍ତି। ଯାହାକୁ ନେଇ ସୋମବାର ଅଭିଭାବକମାନେ ଅଭିଯୋଗ କରିବା ପରେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଆଳି ମେଡିକାଲର ଏକ ଟିମ୍ ତତ୍‌ସହିତ ଜଳ, ପରିମଳ ଓ ଯୋଗାଣ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ପଢୁଥିବା ଗୋପାଳପୁର ଏବଂ ପତ୍ରପୁର ଗ୍ରାମ ପିଲାଙ୍କଠାରେ ଜଳଜନିତ ରୋଗ ଯଥା- ହଇଜା, ବାନ୍ତି, ପେଟ ସମସ୍ୟା ଦେଖାଦେଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଦ୍ୱାରା ମଙ୍ଗଳବାର ୬ ଜଣ ଛାତ୍ରଛାତ୍ରୀ ସୌଭାଗ୍ୟ ସେଠୀ, ଅଂଶୁମାନ ନାୟକ, ପାୟଲ ଦାସ, ଝରଣା ଜେନା, ସୋନାଲି ଜେନା, ଜୟଶ୍ରୀ ନାଥଙ୍କର ରକ୍ତ ନମୁନାରେ ତାଙ୍କୁ ଜଣ୍ଡିସ ହୋଇଥିବା ଜଣାପଡ଼ିଛି।

ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ୨୫୦ରୁ ଊର୍ଦ୍ଧ୍ୱ ପିଲା ପାଠ ପଢୁଥିବାବେଳେ ନଳକୂଅଟି ଦୀର୍ଘ ଦିନ ହେବ ଖରାପ ହୋଇ ସେଥିରୁ କଳଙ୍କି ପାଣି, ଗୋଳିଆ ଓ ଦୁର୍ଗନ୍ଧଯୁକ୍ତ ପାଣି ବାହାରୁଥିବା ନେଇ ବାରମ୍ବାର ଅଭିଯୋଗ ହେବା ପରେ ବିଦ୍ୟାଳୟରେ ଏକ ଆକ୍ୱାଗାର୍ଡ ଲାଗିଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି ଆକ୍ୱାଗାର୍ଡଟି ଖରାପ ହୋଇଯିବାରୁ କୌଣସି ବିକଳ୍ପ ନ ଥାଇ ପିଲାମାନେ ଏହି ନଳକୂଅ ପାଣିକୁ ପାନୀୟ ଭାବେ ବ୍ୟବହାର କରିବା ସହିତ ମଧ୍ୟାହ୍ନ ଭୋଜନ ପାଇଁ ମଧ୍ୟ ଏହି ନଳକୂଅର ଜଳ ବ୍ୟବହାର ହେଉଛି। ଯାହାକୁ ବ୍ୟବହାର କରିବା ଫଳରେ ପିଲାମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ପିଲାମାନଙ୍କ ଆଖି ହଳଦିଆ ପଡ଼ିବା, ବାନ୍ତି ହେବା, ଆଂଶିକ ଜ୍ୱର ହେବା ଆଦି ଲକ୍ଷଣ ଦେଖାଦେଉଥିବା ୫ ଜଣ ଛାତ୍ରଛାତ୍ରୀଙ୍କଠାରୁ ମଙ୍ଗଳବାର ରକ୍ତ ନମୁନା ସଂଗ୍ରହ ହୋଇଥିଲା। ତତ୍‌ସହିତ ବିଦ୍ୟାଳୟର ଏବଂ ଗ୍ରାମରେ ଥିବା ଅଙ୍ଗନବାଡ଼ି ଓ ଅନ୍ୟ ୪ଟି ସ୍ଥାନରୁ ପିଏଚ୍‌ଇଓ ରଶ୍ମି ରଞ୍ଜନ ବାରିକଙ୍କ ଦ୍ୱାରା ପାଣି ନମୁନା ସଂଗ୍ରହ କରାଯାଇଥିବା ନେଇ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ପ୍ରଣବ ଶୁକ୍ଳା ସୂଚନା ଦେଇଛନ୍ତି। ଏଥିସହିତ ମୋଟ୍ ୩୫ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ନେଇ ମଧ୍ୟ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଖୁବ୍‌ଶୀଘ୍ର ବିଡିଓ ଅବିନାଶ ବିଶ୍ୱଜିତ୍ ସେଠୀଙ୍କ ସହ ଆଲୋଚନା କରାଯାଇ ଏହି ଅଞ୍ଚଳର ପାନୀୟଜଳ ସମସ୍ୟାର ଦୂରୀକରଣ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ନେଇ ଜଳ, ପରିମଳ ଓ ଯୋଗାଣ ବିଭାଗର ଯନ୍ତ୍ରୀ ଅଶୋକ ସାହୁ ସୂଚନା ଦେଇଛନ୍ତି।

## ହାଇସ୍କୁଲ ପିଅନଙ୍କ ନାମରେ ଅସଦାଚରଣ ଅଭିଯୋଗ

**କେନ୍ଦ୍ରାପଡ଼ା, ୧୨।୮ (ସମିସ):** କେନ୍ଦ୍ରାପଡ଼ା ସହରର ଏକ ହାଇସ୍କୁଲର ପିଅନ ସମ୍ପୃକ୍ତ ସ୍କୁଲର ପାଚିକାଙ୍କୁ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ସମ୍ପୃକ୍ତ ପିଅନ ଜଣକ ସେହି ବିଦ୍ୟାଳୟର ପାଚିକାଙ୍କୁ ବିଭିନ୍ନ ସମୟରେ ହଇରାଣ ହରକତ କରିବା ସହ ଅସଦାଚରଣ କରୁଥିବା ନେଇ ପାଚିକା ସଂଘ କେନ୍ଦ୍ରାପଡ଼ା ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛି। ମଣ୍ଡଳ ଶିକ୍ଷାଧିକାରୀ ଅଭିଯୋଗ ପାଇବା ପରେ ସେହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀଙ୍କ କହିଛନ୍ତି ଯେ ସମ୍ପୃକ୍ତ ସ୍କୁଲରେ ଛାତ୍ରଛାତ୍ରୀଙ୍କ ତୁଳନାରେ ଆବଶ୍ୟକ ସଂଖ୍ୟକ ପାଚିକା ରୋଷେଇ କରିବା ପାଇଁ ନାହାନ୍ତି। ତେଣୁ ପାଚିକାମାନେ ବିଭିନ୍ନ ସମୟରେ ଏହି ଘଟଣାକୁ ନେଇ ଅଭିଯୋଗ କରିଥାନ୍ତି। ବିଭିନ୍ନ ସମୟରେ ଅଧିକ ପାଚିକା ନିଯୁକ୍ତି ପାଇଁ ଦାବି ମଧ୍ୟ ହୋଇଆସିଛି। ତେବେ ପାଚିକାଙ୍କୁ ରୋଷେଇ କାର୍ଯ୍ୟରେ ସହଯୋଗ କରିବା ପାଇଁ ସେହି ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ(ପିଅନ)ଙ୍କୁ ନିୟୋଜିତ କରାଯାଇଥିବାବେଳେ ସମ୍ପୃକ୍ତ ପିଅନ ପାଚିକାଙ୍କୁ ଅସଦାଚରଣ କରିଥିଲେ। ଫଳରେ ପାଚିକାମାନେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଙ୍କ ପାଇଁ ରୋଷେଇ କରିବାକୁ ମନାକରି ଦେଇଥିଲେ। ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀ ମନ୍ତ୍ରୀ କହିଛନ୍ତି ଯେ ଆମେ ଏନେଇ ଅଭିଯୋଗ ପାଇଛୁ। ଏହାର ତଦନ୍ତପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନୂଆ ପାଚିକା ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ଅନ୍ୟ କାହାକୁ ପାଚିକା ନିଯୁକ୍ତି କରିବା ପାଇଁ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ମଣ୍ଡଳ ଶିକ୍ଷାଧିକାରୀ କହିଛନ୍ତି।

## କେନାଲରେ ବୁଡ଼ି ବୃଦ୍ଧ ମୃତ

**ରାଜନଗର, ୧୨।୮ (ସମିସ):** ମଙ୍ଗଳବାର ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖଣତା ପଞ୍ଚାୟତ ଡିମିରିଆ ଗାଁର ହରେକୃଷ୍ଣ ରାଉତ(୬୭)ଙ୍କର କେନାଲ ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ସକାଳେ ହରେକୃଷ୍ଣ ଚାଷ କାମ କରିବାକୁ ବିଲକୁ ଯାଉଥିଲେ। ବିଲରେ ଥିବା ସମୟରେ ଅସହ୍ୟ ଗୁଳୁଗୁଳି ଓ ଗରମ ଯୋଗୁଁ ମୁଣ୍ଡ ବୁଲାଇ ଦେଇଥିଲା। ଫଳରେ ନିକଟରେ ଥିବା କେନାଲ ମଧ୍ୟରେ ପଡ଼ିଯାଇଥିଲେ। ପାଖ ବିଲରେ କାମ କରୁଥିବା ଲୋକମାନେ ଦେଖି ତୁରନ୍ତ ଆସି ତାଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ରାଜନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହ ଶବବ୍ୟବଚ୍ଛେଦ ପାଇଁ ଆଜି ପଠାଯାଇଛି।

## ନାବାଳିକାକୁ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ

**ପାରାଦ୍ୱୀପ, ୧୨।୮ (ସମିସ):** ଜଗତସିଂହପୁର ଜିଲ୍ଲା ପାରାଦୀପ ଅଭୟଚାନ୍ଦପୁର ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ସୋମବାର ଘରେ କେହି ନ ଥିବାବେଳେ ଜଣେ ୧୭ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ପଡ଼ୋଶୀ କୁମର ଦଳେଇ (୩୫) ନାମକ ଜଣେ ଯୁବକ ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ପୀଡ଼ିତା ମଙ୍ଗଳବାର ଅଭୟଚାନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ଦୁଷ୍କର୍ମ ଉଦ୍ୟମକାରୀ ଯୁବକକୁ ଗାଁରୁ ଉଠାଇ ଆଣି ଅଟକ ରଖି ପଚରାଉଚରା କରିବା ସହିତ ଅଧିକ ତଦନ୍ତ କରୁଛି।

## ସଫେଇ ଆଳରେ ମହିଳାଙ୍କଠାରୁ ସୁନା ଲୁଟ୍

**ଡେରାବିଶ, ୧୨।୮ (ସମିସ):** ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତ୍ତାମୂଳ ଗ୍ରାମରେ ସୋମବାର ଅପରାହ୍ଣରେ ଦୁଇଜଣ ବ୍ୟକ୍ତି ଏକ ବାଇକ୍‌ରେ ଆସି ପହଞ୍ଚି ଗ୍ରାମର ମହିଳାମାନଙ୍କୁ ମଇଳା ଓ କଳା ପଡ଼ିଯାଇଥିବା ସୁନା ଅଳଙ୍କାର ସଫେଇ କରିଦେବେ ବୋଲି କହିଥିଲେ। ଏହି କଥାରେ ପ୍ରଲୋଭିତ ହୋଇ ଗ୍ରାମର ଜଣେ ମହିଳା ତାଙ୍କ ସୁନା କାନଫୁଲକୁ ଉକ୍ତ ଯୁବକ ଦୁଇଜଣଙ୍କୁ ସଫା କରିବାକୁ ଦେଇଥିଲେ। ଏହି ସମୟରେ ଯୁବକ ଦୁଇଜଣ ସୁନା ସଫେଇ ଆଳରେ ମହିଳାଙ୍କ ସୁନା କାନଫୁଲକୁ କୌଶଳ କ୍ରମେ ନେଇଯାଇ ଏକ ନକଲି କାନଫୁଲକୁ ଚତୁରତାର ସହିତ ଦେଇ ସେଠାରୁ ତୁରନ୍ତ ଛୁ ମାରିଥିଲେ। ପରେ ମହିଳା ଜଣକ ତାଙ୍କ ସୁନା କାନଫୁଲ ବଦଳରେ ଅନ୍ୟ ଏକ ନକଲି କାନଫୁଲ ଦେଖି ଉକ୍ତ ଯୁବକ ଦୁଇଜଣଙ୍କୁ ଖୋଜିଲା ବେଳକୁ ସେମାନେ ଆଉ ପାଇନଥିଲେ।

## ସାପ କାମୁଡ଼ାରେ ବୃଦ୍ଧ ମୃତ

**ଆଳି, ୧୨।୮ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଧୀନ ଭୂଇଁପୁର ପଞ୍ଚାୟତ ମାନପୁର ଗ୍ରାମ ହରିଜନ ସାହିର ଜଣେ ବୃଦ୍ଧ ଚାଷୀ ଅଲେଖ ଜେନା (୫୫)ଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଚାଷ କାର୍ଯ୍ୟ ନିମନ୍ତେ ସେ ବିଲକୁ ଯାଇଥିବାବେଳେ ତାଙ୍କୁ ସେଠାରେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ତୁରନ୍ତ ତାଙ୍କୁ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଅଲେଖଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି।

## ତୁଳସୀ ମହିଳା ମହାବିଦ୍ୟାଳୟରେ ଦଳୀୟ ସଭାକୁ ବିରୋଧ



**କେନ୍ଦ୍ରାପଡ଼ା, ୧୨।୮ (ସମିସ):** ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ ଏକ ପ୍ରତିନିଧିମଣ୍ଡଳୀ ତୁଳସୀ ମହିଳା ମହାବିଦ୍ୟାଳୟର ସଭାପତି ତଥା କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାକୁ ସାକ୍ଷାତ୍ କରି ମହିଳା ବିଦ୍ୟାଳୟର ଏକ ସଭାକୁ ଦଳୀୟ ସଭାରେ ପରିଣତ କରିବା ବିରୋଧରେ ପ୍ରତିବାଦ କରିଛନ୍ତି।

ଘଟଣାରୁ ପ୍ରକାଶ ଯେ, ଗତ ୧୦ ତାରିଖରେ ମହିଳା ମହାବିଦ୍ୟାଳୟରେ ଏକ ବାର୍ଷିକ ଉତ୍ସବ ସହିତ ରାଜ୍ୟ ସରକାରଙ୍କ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଦ୍ୱାରା ନିର୍ମିତ ଶ୍ରେଣୀଗୃହ ଉଦ୍‌ଘାଟନ ହୋଇଥିଲା। ଉକ୍ତ ଉଦ୍‌ଘାଟନ କିମ୍ବା ସଭାରେ ସ୍ଥାନୀୟ ବିଧାୟକ ଗଣେଶ୍ୱର ବେହେରା, ପୌରାଧ୍ୟକ୍ଷା ସରିତା ସାହୁ ଓ ସ୍ଥାନୀୟ କାଉନ୍‌ସିଲରଙ୍କ ନାମ ଉଲ୍ଲେଖ କରାଯାଇ ନ ଥିଲା କିମ୍ବା ସେମାନଙ୍କୁ ଡକାଯାଇ ନ ଥିଲା। ଯାହାକି ବିଜୁ ଜନତା ଦଳର ଜନପ୍ରତିନିଧିଙ୍କୁ ଜାଣିଶୁଣି ବେଖାତିର୍ କରି ଉକ୍ତ ସଭାକୁ ଅଧ୍ୟକ୍ଷ ପରିଚାଳନା କରିଥିଲେ। ଅଧ୍ୟକ୍ଷ ମହିଳା ମହାବିଦ୍ୟାଳୟ କ'ଣ ଏମିତି କାର୍ଯ୍ୟ କରିଛନ୍ତି ଯାହାକି ସରକାରଙ୍କ ନୀତି ନିୟମକୁ ଉଲ୍ଲଂଘନ କରି ବିଜେପି ଦଳୀୟ କର୍ମକର୍ତ୍ତାମାନଙ୍କୁ ସଭା ମଞ୍ଚରେ ବସାଇଥିଲେ। ମହିଳା ମହାବିଦ୍ୟାଳୟରେ ଖଣ୍ଡେ ଇଟା ପକାଇ ନ ଥିବା ବ୍ୟକ୍ତି ନାମଫଳକରେ ରହିବା ଏହା କେତେ ଦୂର ଠିକ୍ ବୋଲି ସଭାପତି ଶ୍ରୀ ଭଳ ପ୍ରଶ୍ନ କରିଥିଲେ। ତେଣୁ ଆଜି ଏହି ସମସ୍ତ ବିଷୟ ଜିଲ୍ଲାପାଳଙ୍କୁ ଜଣାଇବା ସହିତ କଲେଜରେ ଉନ୍ନତିମୂଳକ କାର୍ଯ୍ୟକୁ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବେ ନଚେତ୍ ଆଗାମୀ ଦିନରେ କଲେଜ ପରିସରରେ ବିଜୁ ଜନତା ଦଳର ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି କର୍ମୀମାନେ ଚେତାଇ ଦେଇଛନ୍ତି। ଏହି ପ୍ରତିବାଦରେ ପୂର୍ବତନ କାଉନ୍‌ସିଲର ହିରଣ୍ୟ ପଣ୍ଡା, ନଗର ସଭାପତି ଯଯାତି ମହାନ୍ତି, ମାଇନର ସେଲ ସଭାପତି ସେକ୍ ଇନାୟତ, ଛାତ୍ର ସଭାପତି ପ୍ରକାଶ ସାହୁ, ମୋହନ ଆଚାର୍ଯ୍ୟ, ମାନସ ଦାସ, ସମ୍ବିତ ଶ୍ରୀଚନ୍ଦନ, ରଞ୍ଜନ ସାହୁ, ଅକ୍ଷୟ ମେକାପ, ନିରଞ୍ଜନ ବାରିକ, ସାହେବ ସାହିଲ ରାଉତ, ସେକ୍ ମୁସ୍ତାକିମ୍ ପ୍ରମୁଖ ଉପସ୍ଥିତ ରହି ଦାବି ଜଣାଇଥିଲେ।

## ଥାନା ମନ୍ଦିରରେ ପ୍ରେମୀଯୁଗଳ ପିନ୍ଧିଲେ ବରଣମାଳା



**ମହାକାଳପଡ଼ା, ୧୨।୮ (ସମିସ):** ମହାକାଳପଡ଼ା ଥାନା ଅଧୀନ ଜଅଁରା ଗ୍ରାମରେ ରାତି ଅଧରେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡ଼ିଥିବା ପ୍ରେମୀଯୁଗଳ ମହାକାଳପଡ଼ା ଥାନା ପରିସରରେ ଥିବା ମନ୍ଦିରରେ ବରଣମାଳା ପିନ୍ଧିଛନ୍ତି। ଏହି ବ୍ଲକ ଅନ୍ତର୍ଗତ କଂସାରବଡ଼ ଦାଣ୍ଡୁଆ ପଞ୍ଚାୟତ ରଡ଼ିଆ ଗ୍ରାମର ପ୍ରେମିକ ସୁଧାଂଶୁ ରାଉତ ରବିବାର ରାତି ପ୍ରାୟ ୧ଟାରେ ଜଅଁରା ଗ୍ରାମରେ ପ୍ରେମିକାଙ୍କ ଘରେ ପଶି ପ୍ରେମିକାକୁ ଡାକୁଥିବାବେଳେ ପ୍ରେମିକାଙ୍କ ମାଆ ଉଠିପଡ଼ି ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ଗ୍ରାମର ଲୋକମାନେ ଯୁବକକୁ କାବୁ କରିବା ସହିତ ଉଭୟ ପ୍ରେମୀଯୁଗଳଙ୍କୁ ମହାକାଳପଡ଼ା ଥାନାକୁ ନେଇଥିଲେ। ସୋମବାର ସକାଳେ ଥାନା ଅଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର ଉଭୟ ପରିବାରର ଅଭିଭାବକଙ୍କୁ ଡକାଇ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଉଭୟ ପରିବାରର ସହମତିରେ ବିବାହ ପାଇଁ ନିଷ୍ପତ୍ତି ନେଇ ଥାନା ପରିସରରେ ଥିବା ତ୍ରିନାଥ ମନ୍ଦିରରେ ପ୍ରେମୀଯୁଗଳ ବରଣମାଳା ପିନ୍ଧିଥିଲେ। ପ୍ରେମିକାର ମଥାରେ ସିନ୍ଦୂର ଏବଂ ହାତରେ ଶଙ୍ଖା ପିନ୍ଧାଇଥିଲେ ପ୍ରେମିକ ସୁଧାଂଶୁ। ଉଭୟ ପତି-ପତ୍ନୀ ହୋଇ ରହିବେ ବୋଲି ଲିଖିତ ସ୍ୱୀକାରୋକ୍ତି ପ୍ରଦାନ କରିଛନ୍ତି ବୋଲି ପୁଲିସ ସୂଚନା ଦେଇଛି।

## ବିଜେପି ପକ୍ଷରୁ ସ୍ୱଚ୍ଛଭାରତ ଅଭିଯାନ

**ପଟ୍ଟାମୁଣ୍ଡାଇ, ୧୨।୮ (ସମିସ):** ପଟ୍ଟାମୁଣ୍ଡାଇ ବିଜେପି ପକ୍ଷରୁ ପୌରାଞ୍ଚଳ ଅନ୍ତର୍ଗତ ୧୯ ନଂ ୱାର୍ଡ ବେଲତଳଠାରେ ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ବିଜେପି ଉପସଭାପତି ସଞ୍ଜୟ ସାହୁ, ବରିଷ୍ଠ ବିଜେପି ନେତା ଭାରତ ଭୂଷଣ ଦାସ, ଜିଲ୍ଲା ବିଜେପି ସମ୍ପାଦକ ଚନ୍ଦନ ପାତ୍ର, ନଗର ବିଜେପି ସଭାପତି ଅଶୋକ ସାହୁ, ପୂର୍ବତନ ସଭାପତି ପଦ୍ମନାଭ ପଣ୍ଡା, ଯୁବନେତା ମିଟୁ ମନୋଜ ନାୟକ, ସନ୍ତୋଷ ସ୍ୱାଇଁ, ସମୀର ପାତ୍ର, ରବି ବିଶ୍ୱାଳ, ପାରେଶ୍ୱର ପାତ୍ର, ପୀତାମ୍ବର କର, ଯୋଗେନ୍ଦ୍ର ବେହେରା, ମନୋଜ ସ୍ୱାଇଁ, ଗୁନା ସେଠୀ, ଉତ୍ତମ ମଲିକ, ବୀରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ବେଲତଳ ବେଲେଶ୍ୱର ମହାଦେବ ମନ୍ଦିର ଓ ସୁଭାଷ ବୋଷ କ୍ଲବ୍ ପରିସର ସଫେଇ କରିଥିଲେ।

## କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ କାର୍ଯ୍ୟକ୍ରମ ଉଦ୍‌ଘାଟିତ

# ୩,୭୧,୨୯୮ ଜଣଙ୍କୁ ଔଷଧ ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ

**କେନ୍ଦ୍ରାପଡ଼ା/ରାଜନଗର, ୧୨।୮ (ସମିସ)**



ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ କାର୍ଯ୍ୟକ୍ରମ ମଙ୍ଗଳବାର କେନ୍ଦ୍ରାପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହା ସହିତ ଜିଲ୍ଲାପାଳ ରଘୁରାମ ଆର୍ ଆୟାର ରାଜନଗର ବ୍ଲକ ଅନ୍ତର୍ଗତ ବଳରାମପୁର ୟୁପି ସ୍କୁଲଠାରେ ବ୍ଲକସ୍ତରୀୟ କୃମିନାଶକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲ୍ଲାର ସମସ୍ତ ୧ରୁ ୧୯ ବର୍ଷୀୟ ଶିଶୁ ଏବଂ କିଶୋର କିଶୋରୀ ଏବଂ ଯୁକ୍ତ ୨ର ଛାତ୍ରଛାତ୍ରୀମାନେ କୃମିନାଶକ ସିରପ ଏବଂ ବଟିକା ସେବନ କରିବେ। ୧ରୁ ୨ ବର୍ଷ ପିଲାମାନେ ୫ ମିଲି ସିରପ, ୨ରୁ ୫ ବର୍ଷ ପିଲାମାନେ ୧୦ ମିଲି ସିରପ ଓ ୨୦ରୁ ୨୪ ବର୍ଷୀୟା ଝିଅମାନେ ମଧ୍ୟ ପ୍ରତ୍ୟେକ ଗୋଟିଏ ଲେଖାଏଁ କୃମିନାଶକ ବଟିକା ଅଙ୍ଗନବାଡ଼ି କେନ୍ଦ୍ରରେ ସେବନ କରିବେ। ସେହିପରି ବିଦ୍ୟାଳୟସ୍ତରରେ ପ୍ରଥମରୁ ପଞ୍ଚମ ଶ୍ରେଣୀ, ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପିଲାମାନେ ପ୍ରତ୍ୟେକ ଗୋଟିଏ ଲେଖାଏଁ କୃମିନାଶକ ବଟିକା ସେବନ କରିବେ। ଏହି କାର୍ଯ୍ୟକ୍ରମରେ ଶତ ପ୍ରତିଶତ ପିଲା ଯେପରି କୃମିନାଶକ ସିରପ ଓ ବଟିକା ସେବନ କରିବେ ଏଥିପାଇଁ ଜିଲ୍ଲାପାଳ ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଏବଂ ମହିଳା ଓ ଶିଶୁ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ଜିଲ୍ଲାର ମୋଟ୍ ୩ ଲକ୍ଷ ୩୦ ହଜାର ୬୦୫ ସଂଖ୍ୟକ ପିଲା ୧ରୁ ୧୯ ବର୍ଷ ଏବଂ ୨୦ରୁ ୨୪ ବର୍ଷ ବୟସ୍କା (ଗର୍ଭବତୀ ହୋଇ ନ ଥିବା ଓ ପ୍ରସୂତି ହୋଇ ନ ଥିବା) ମଧ୍ୟରେ ୪୦ ହଜାର ୬୯୩ ଜଣ ଏହି କାର୍ଯ୍ୟକ୍ରମର କୃମିନାଶକ ବଟିକା ଓ ସିରପ ଖାଇବେ ବୋଲି ଲକ୍ଷ୍ୟ ରଖାଯାଇଛି।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋରଞ୍ଜନ ରାଉତ ସ୍ୱାଗତ ଅଭିଭାଷଣ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସଚ୍ଚିଦାନନ୍ଦ ମିଶ୍ର, ଡ. ଶ୍ୟାମସୁନ୍ଦର ଟୁଡୁ, ଏଡିଏମ୍‌ଓ ମେଡିକାଲ ଡା. ପ୍ରମୋଦ କୁମାର ପ୍ରହରାଜ, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ଫାଇନାନ୍ସିଆଲ୍ ଅଫିସର ଆଶୁତୋଷ ତ୍ରିପାଠୀ, ଡିପିଏମ୍ ଡ. ମନୋରଞ୍ଜନ ସାହୁ, ଡିପିଏଚ୍‌ସିଓ ଶୁଭ ନାରାୟଣ ନାୟକ, ଜିଲ୍ଲା ଆକାଉଣ୍ଟସ ମ୍ୟାନେଜର ସର୍ବେଶ୍ୱର ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଅତିରିକ୍ତ ଶିକ୍ଷା ଅଧିକାରିଣୀ ଶୁଭସ୍ମିତା ତ୍ରିପାଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀଙ୍କ ସମେତ ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ କର୍ମକର୍ତ୍ତା ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଇନ୍‌ଚାର୍ଜ ଉପସ୍ଥିତ ଥିଲେ। ସର୍ବପ୍ରଥମେ ବିଦ୍ୟାଳୟର ଛାତ୍ରୀମାନେ ଜିଲ୍ଲାପାଳ ତଥା ସମସ୍ତ ଅତିଥିଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସଙ୍ଗୀତ ଗାନକରିଥିଲେ। ଶେଷରେ ସୁକାନ୍ତ କୁମାର ପ୍ରଧାନ, ଡେପୁଟି ମ୍ୟାନେଜର, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଦଧିବାମନଜୀଉ ପୂଜକଙ୍କ ପରଲୋକ

**ଡେରାବିଶ, ୧୨।୮ (ସମିସ):** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥିତ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ପୂଜକ ବଂଶୀଧର ପଣ୍ଡା (୭୨)ଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ବଂଶୀଧର ତାଙ୍କ ଦୁମୁକାହାଟସ୍ଥିତ ବାସଭବନରେ



ଶୋଇଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କ ପରିବାର ଲୋକେ ତାଙ୍କୁ ନିକଟସ୍ଥ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ବିଳମ୍ବିତ ରାତିରେ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଥିଲା ବେଳେ ବଡ଼ ଜ୍ୱାଇଁ ଚନ୍ଦ୍ରମଣି କର ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ଶ୍ରୀ କର ବଂଶାନୁକ୍ରମିକ ଭାବେ ପିଲାବେଳୁ ଶ୍ରୀଦଧିବାମନଜୀଉଙ୍କ ପୂଜକ ଭାବେ କାର୍ଯ୍ୟ କରି ଆସୁଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ୪ ଝିଅ ଓ ୪ ଜ୍ୱାଇଁଙ୍କ ସମେତ ବନ୍ଧୁବାନ୍ଧବ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସାର କଳାବଜାରୀ, ଦୁଇଗୁଣ ଦରରେ ବିକ୍ରି

## ପ୍ରଶାସନର ଚଢ଼ଉ; ବିନା ଟ୍ରେଡ ଲାଇସେନ୍ସରେ ଚାଲିଥିଲା ବ୍ୟବସାୟ

କାମାକ୍ଷାନଗର,୧୨।୮ (ସମିସ)

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରରେ ସାରର ବ୍ୟାପକ କଳାବଜାର ଚାଲିଛି। ବର୍ତ୍ତମାନ ଚାଷକାମ ଜୋରସୋରରେ ଚାଲିଥିବା ବେଳେ ଏହାର ସୁଯୋଗ ନେଇ ସାର ବ୍ୟବସାୟୀମାନେ ବିଭିନ୍ନ କିସମର ସାରକୁ ନିର୍ଦ୍ଧାରିତ ମୂଲ୍ୟଠାରୁ ଦୁଇଗୁଣ ଅଧିକରେ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ୟୁରିଆ ସାରର ସରକାରୀ ମୂଲ୍ୟ ୨୮୦ରୁ ୩୦୦ ଟଙ୍କା ମଧ୍ୟରେ ଥିବାବେଳେ ବ୍ୟବସାୟୀମାନେ ୫୦୦ରୁ ୫୨୦ ଟଙ୍କାରେ ବିକ୍ରି କରୁଛନ୍ତି। ସେହିପରି ଡିଏପି ମୂଲ୍ୟ ୧୨୫୦ରୁ ୧୨୮୦ ମଧ୍ୟରେ ଥିବାବେଳେ ୧୪୦୦ରୁ ୧୫୦୦ ଟଙ୍କାରେ ବିକ୍ରି କରାଯାଉଛି। ଏ ସମ୍ପର୍କରେ କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା ଉପଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ପରେ ପ୍ରଶାସନ ପକ୍ଷରୁ ସହରର ଏକ ସାର ଦୋକାନରେ ଚଢ଼ଉ କରାଯାଇଥିଲା। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତହସିଲଦାର ଶୁଭଙ୍କର ମହାନ୍ତି, ସହକାରୀ କୃଷି ଅଧିକାରୀ ସୁମନ କୁମାର ରାଉତ ଚଢ଼ଉ କରିଥିଲେ। ଦୁଇ ଅଧିକାରୀଙ୍କ ସମ୍ମୁଖରେ ସମ୍ପୃକ୍ତ ବ୍ୟବସାୟୀ ବିନା ରସିଦରେ ଦୁଇ ଚାଷୀଙ୍କୁ ୟୁରିଆ ବ୍ୟାଗ ପିଛା ୫୦୦ ଟଙ୍କାରେ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ଏପରିକି ବ୍ୟବସାୟୀଙ୍କୁ ଏନସି ପକ୍ଷରୁ କୌଣସି ବ୍ୟବସାୟ ପ୍ରମାଣପତ୍ର ମିଳି ନ ଥିବା ବେଳେ ବ୍ୟାପକ ସାର ମହଜୁଦ ଥିବା ଦେଖିବାକୁ ମିଳିଥିଲା। ୟୁରିଆ ସାର ୪୯.୫ କିଗ୍ରାର କାଗଜପତ୍ର ଥିବା ବେଳେ ପ୍ରାୟ ୨୫ ଟନ (୫୭୨ ବସ୍ତା), ଡିଏପି ୭୫ ସ୍ଥାନରେ ପ୍ରାୟ ୧୦ ଟନ, ଏମଓପି (ପଟାସ) ୨ କ୍ୱିଣ୍ଟାଲ ୫୦ କିଗ୍ରା ସ୍ଥାନରେ ୧୧ କ୍ୱିଣ୍ଟାଲ ମହଜୁଦ ଥିବା ଦେଖିବାକୁ ମିଳିଥିଲା। ତଦନ୍ତକାରୀ ଅଧିକାରୀଙ୍କୁ ସମ୍ପୃକ୍ତ ବ୍ୟବସାୟୀ ସାରର ମହଜୁଦ ଓ ଆବଶ୍ୟକ କାଗଜପତ୍ର ଦେଖାଇପାରି ନ ଥିଲେ। ଏ ସମ୍ପର୍କରେ କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାଏକ କୁହନ୍ତି, ଖବର ପାଇ ଚଢ଼ଉ କରାଯାଉଛି, କିଛି ବ୍ୟବସାୟୀ ମଧ୍ୟ ଦୋକାନ ବନ୍ଦ କରିଥିବା ଦେଖିବାକୁ ମଳିଛି। ଚଢ଼ଉ ପରେ ତଦନ୍ତ ଆରମ୍ଭ ହୋଇଛି। ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।



# ହାଇୱେ ଡକାୟତଙ୍କୁ ମାଡ଼ିବସିଲା ପୁଲିସ, ୫ ଗିରଫ

ଢେଙ୍କାନାଳ,୧୨।୮ (ସମିସ): ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ମହିଷାପାଟ ଆରଟିଓ ପଡ଼ିଆରେ ହାଇୱେ ଲୁଟ୍ ପାଇଁ ଯୋଜନା କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ପୁଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଟାଉନ ଥାନା ଗୋପବନ୍ଧୁବଜାର ଢଙ୍କୁଣିଆ ସାହିର ଦୈତାରୀ ମଲ୍ଲିକଙ୍କ ପୁଅ ଶ୍ରୀପତ ମଲ୍ଲିକ ଓରଫ ମିଲୁଆ (୨୮), କାମଦେବ ମଲ୍ଲିକଙ୍କ ପୁଅ ସୁଦାମ ମଲ୍ଲିକ (୨୩), କାରିଗର ସାହିର ରଘୁନାଥ ବେହେରାଙ୍କ ପୁଅ ଦେବାଶିଷ ବେହେରା ଓରଫ ମଣ୍ଟୁ (୩୨), ଚାନ୍ଦମାରି ସାହିର ଘନ ବାହାଦୁରଙ୍କ ପୁଅ ରଜତ ବାହାଦୁର ଓରଫ ଚିଲ୍ଲା (୨୨) ଏବଂ ମୁନା ବାହାଦୁରଙ୍କ ପୁଅ ରାଜେଶ ବାହାଦୁର ଓରଫ ରାଜା (୨୩)। ଅଭିଯୁକ୍ତଙ୍କଠାରୁ ପୁଲିସ ୨ଟି ଖଣ୍ଡା, ୨ଟି ଲୁହା ପାଇପ, ଲଙ୍କା ଗୁଣ୍ଡ, ମଦ ବୋତଲ, ଟର୍ଚ୍ଚ ଲାଇଟ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ବିଦ୍ୟୁତ୍ ଆଘାତରେ ପାଣିପମ୍ପ କର୍ମଚାରୀ ମୃତ

ଭୁବନ,୧୨।୮ (ସମିସ): ପାଣିପମ୍ପ ଚଳାଇବାକୁ ଯାଇଥିବା ବେଳେ ବିଦ୍ୟୁତ୍ ଆଘାତରେ ଠିକା କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ବାରିଜଙ୍ଗ ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ଭୁବନ ଜନସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟରତ ବାରିଜଙ୍ଗ ଗ୍ରାମର ନିରଞ୍ଜନ ନାୟକ (୪୮)। ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ନିରଞ୍ଜନ ଗ୍ରାମରେ ଥିବା ପାଣି ପମ୍ପ ଚଳାଇବାକୁ ଯାଇଥିବା ବେଳେ ବିଦ୍ୟୁତ୍ ଆଘାତରେ ଚେତାଶୂନ୍ୟ ହୋଇଯାଇଥିଲେ। ଦୀର୍ଘ ସମୟ ପରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିରଞ୍ଜନଙ୍କ ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଥିବାବେଳେ ସେ ମାସିକ ମାତ୍ର ୮୦୦୦ ଟଙ୍କା ଦରମାରେ ପରିବାର ପ୍ରତିପୋଷଣ କରୁଥିଲେ। ତେଣୁ ତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଫାଇଲେରିଆ ନିରାକରଣ ସମ୍ପର୍କିତ ସଚେତନତା



ପରଜଙ୍ଗ,୧୨।୮ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବସୋଇ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ତଥା ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତତ୍ତ୍ୱାବଧାନରେ ରବିବାର ଫାଇଲେରିଆ ନିରାକରଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡା. ସ୍ମୃତିରଞ୍ଜନ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ ମୁଖ୍ୟଅତିଥି, ସ୍ଥାନୀୟ ସରପଞ୍ଚ ଯୁଗଳ କିଶୋର ସାହୁ, ଆଶା ସୁପରଭାଇଜର ସନ୍ତୋଷ କୁମାର ନାୟକ, ପ୍ରୋଗ୍ରାମ ମ୍ୟାନେଜର ଲିଙ୍ଗରାଜ ମହାପାତ୍ର, ମ୍ୟାଲେରିଆ ବିଭାଗ କର୍ମଚାରୀ ସୁଶାନ୍ତ ପ୍ରଧାନ, ସେକ୍ଟର କର୍ମଚାରୀ ଶାନ୍ତନୁ ଧିର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଗଷ୍ଟ ୧୦ରୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଶାକର୍ମୀ କିମ୍ବା ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତା ଘରକୁ ଘର ଯାଇ ଔଷଧ ବଣ୍ଟନ କରିବେ ବୋଲି ବିଶ୍ୱାଳ କହିଥିଲେ। ସମସ୍ତେ ବର୍ଷରେ ଥରେ ଔଷଧ ସେବନ କରି ସୁସ୍ଥ ରହିବାକୁ ମୁଖ୍ୟଅତିଥି ପ୍ରଧାନ କହିଥିଲେ।

## କପିଳାସରୁ ବାଜି ରାଉତ ପୀଠ ତ୍ରିରଙ୍ଗା ଯାତ୍ରା

ଭୁବନ,୧୨।୮ (ସମିସ): ଢେଙ୍କାନାଳ ନିର୍ବାଚନ ମଣ୍ଡଳୀର କପିଳାସଠାରୁ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ଭୁବନସ୍ଥିତ ସହିଦ ବାଜି ରାଉତ ସ୍ମୃତିପୀଠ ପର୍ଯ୍ୟନ୍ତ ସୋମବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇଥିଲେ। ବାଜି ରାଉତ ସେତୁ ନିକଟରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲ୍ଲା ବିଜେପି ସଭାପତି ରାହସ ବିହାରୀ ବେହେରା ହାଜର ହାଜର କର୍ମୀଙ୍କ ସହ ତ୍ରିରଙ୍ଗା ଯାତ୍ରାକୁ ସ୍ୱାଗତ କରିଥିଲେ। ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ଭୁବନ ଆମ୍ବ କମିଟି ସଭାପତି ଜଗବନ୍ଧୁ ପୃଷ୍ଟି, ପ୍ରେମାନନ୍ଦ ଜେନାଙ୍କ ସମେତ ବହୁ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ। ମହୁଲପାଳ ମଣ୍ଡଳ ସଭାପତି ଅଶୋକ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



## ଯୁବ, ଛାତ୍ରଛାତ୍ରୀଙ୍କ ଭିତରେ ସଚେତନତା ସୃଷ୍ଟିରେ ସଫଳତା
# ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନ ସମ୍ବର୍ଦ୍ଧିତ

ଢେଙ୍କାନାଳ,୧୨।୮ (ସମିସ): ଶ୍ରୀକ୍ଷେତ୍ର ପୁରୀରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନକୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପୁରୀ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନର ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ସମାରୋହରେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନ ଦୀର୍ଘ ଅଢ଼େଇ ବର୍ଷ ଧରି ଅନାଲୋଚିତ ଐତିହ୍ୟ ସମ୍ପନ୍ନ ପୀଠଗୁଡ଼ିକୁ ଯାତ୍ରା କରି ସେଗୁଡ଼ିକ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଯୁବଗୋଷ୍ଠୀ ତଥା ଛାତ୍ରଛାତ୍ରୀଙ୍କ ଭିତରେ ସଚେତନତା ସୃଷ୍ଟି କରିବାରେ ସଫଳତା ହାସଲ କରିଛି। କୌଣସି ସରକାରୀ ବା ଆନୁଷ୍ଠାନିକ ସହଯୋଗ ବିନା ବ୍ୟକ୍ତିଗତ ଉଦ୍ୟମରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନ ନିରନ୍ତର ଭାବେ ଏହି ଅଭିଯାନ ଜାରି ରଖିଛି। ଏଥିପାଇଁ ପୁରୀ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନ ପକ୍ଷରୁ ଏହି ଅନୁଷ୍ଠାନକୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଶିଷ୍ଟ ଗବେଷକ ଅନୀଲ ଧୀର, ପଦ୍ମବିଭୂଷଣ ସୁଦର୍ଶନ ସାହୁ, ଗବେଷକ ସାରଙ୍ଗଧର ରାୟଗୁରୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଆବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ର, ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ପତି, ବଦ୍ରିନାଥ ଜେନା, ଜ୍ଞାନରଞ୍ଜନ ସାହୁ ଓ ହୃଦାନନ୍ଦ ବେହେରା ପ୍ରମୁଖ ଅତିଥିଙ୍କ ନିକଟରୁ ଏହି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ।




# ଆଇଆଇଏମ୍‌ସିରେ ପାଠ ପଢ଼ାଇଲେ ଏସ୍‌ପି

## ଭାରତୀୟ ପୁଲିସ ବ୍ୟବସ୍ଥାର କର୍ତ୍ତବ୍ୟ, ଆହ୍ୱାନ ଏବଂ ସଂସ୍କାର ଶୀର୍ଷକ ଆଲୋଚନା



ଢେଙ୍କାନାଳ,୧୨।୮ (ସମିସ): ସ୍ଥାନୀୟ ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ଆନୁକୂଲ୍ୟରେ ସ୍ୱତନ୍ତ୍ର ଅଧ୍ୟାପନା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପ୍ରତିଷ୍ଠାନର ସ୍ପନ୍ଦନ ସଭାଗୃହରେ ଓଡ଼ିଆ ଓ ଇଂରାଜୀ ସାମ୍ବାଦିକତା, କର୍ପୋରେଟ କମ୍ୟୁନିକେସନ ଏବଂ ବ୍ରାଣ୍ଡ ମ୍ୟାନେଜମ୍ୟାଣ୍ଟ ବିଦ୍ୟାର୍ଥୀଙ୍କ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ଢେଙ୍କାନାଳ ଏସପି ଅଭିନବ ସୋନକର ଯୋଗଦେଇ ପିଲାମାନଙ୍କୁ ପାଠ ପଢ଼ାଇଛନ୍ତି। ଭାରତୀୟ ପୁଲିସ ବ୍ୟବସ୍ଥାର କର୍ତ୍ତବ୍ୟ, ଆହ୍ୱାନ ଏବଂ ସଂସ୍କାର ଉପରେ ବିଷଦ ଆଲୋଚନା କରିଛନ୍ତି। ଏସ୍‌ପି ସୋନକର ପ୍ରଥମେ ଅପରାଧିକ ନ୍ୟାୟ ବ୍ୟବସ୍ଥାରୁ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ଆରମ୍ଭ କରିଥିଲେ। ସମାଜ, ଅଭିଯୁକ୍ତ, ଅଭିଯୋଗକାରୀ, ପୀଡ଼ିତ, ନ୍ୟାୟାଳୟ, ଅନ୍ୟାନ୍ୟ ଆଇନ ପ୍ରବର୍ତ୍ତନ ସଂସ୍ଥା ଏବଂ ସଂସ୍କାରମୂଳକ ପ୍ରତିଷ୍ଠାନ ଆଦି ବାବଦରେ ଆଲୋଚନା କରିଥିଲେ। ସେହିପରି ରାଜ୍ୟ ପୁଲିସ, କେନ୍ଦ୍ରୀୟ ଆଇନ ପ୍ରବର୍ତ୍ତନ ସଂସ୍ଥା, ଆରପିଏଫ ଓ ଜିଆରପି, ସେମାନଙ୍କ କାର୍ଯ୍ୟଧାରା, ପୁଲିସ ଅଧିକାରୀଙ୍କ ଗଠନ ଓ କ୍ରମିକତା ଆଦି ବାବଦରେ ଆଲୋଚନା କରିଥିଲେ। ଏହାଛଡ଼ା ସାଇବର ଅପରାଧ ତଥା ବିଭିନ୍ନ ଅପରାଧ ସହ ଜଡ଼ିତ ହେଲ୍ପଲାଇନ ଆଦି ବିଷୟରେ ବିଦ୍ୟାର୍ଥୀଙ୍କୁ ଅବଗତ କରିଥିଲେ। ପ୍ରାରମ୍ଭରେ ଆଇଆଇଏମସିର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ସ୍ୱାଗତ ଅଭିଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ସାହିତ୍ୟ ସଂସଦର ଶ୍ରାବଣ ଉତ୍ସବ ପାଳିତ

ଢେଙ୍କାନାଳ,୧୨।୮ (ସମିସ): ସ୍ଥାନୀୟ ଶିଳ୍ପ ଓ ବାଣିଜ୍ୟ ପ୍ରତିଷ୍ଠାନ ସଭାଗୃହରେ ବାଙ୍କିର ପର୍ବତେଶ୍ୱର ସାହିତ୍ୟ ଓ ସାଂସ୍କୃତିକ ସଂସଦ ତରଫରୁ ଶ୍ରାବଣ ଉତ୍ସବ ପାଳିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ରାଜ୍ୟ ସଦସ୍ୟ, ୟୁନେସ୍କୋର ରାଜ୍ୟ ସଂଯୋଜକ କବି ବାହାଦୁର ପାଟସାହାଣୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ, ଶିକ୍ଷାବିତ ଓ ଗବେଷକ ପ୍ରଫେସର ଡ. ବିମ୍ବାଧର ବେହେରା, ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସମୀର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବୋଲଗଡ଼ର କବି ତଥା ସାହିତ୍ୟିକା ଗୀତାଞ୍ଜଳି ମହାପାତ୍ର, ଅନୁଷ୍ଠାନର ସମ୍ପାଦକ କବି ବିଦ୍ୟାଧର ଖଟୁଆ ଯୋଗଦେଇଥିଲେ। ବର୍ଷା ଉପରେ ଆଧାରିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ସଞ୍ଜୁକ୍ତା କରଣ ଓ ମମତା ମିଶ୍ର କବିତାଗୁଡ଼ିକୁ ସଂଯୋଜନା କରିଥିଲେ। ୩୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାକ୍ତନ ଢେଙ୍କାନାଳ ଜିଲ୍ଲା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡ. ପୁଷ୍ପଲତା ରଥ, ଥିଙ୍କର୍ସ ଫୋରମ ସମ୍ପାଦକ କବି ପ୍ରକାଶଚନ୍ଦ୍ର ରାଉତ, ସନ୍ଧ୍ୟାତାରା ସାହିତ୍ୟ ସଂସଦ ସମ୍ପାଦକ କବି ବିଭୂତି ଭୂଷଣ ବେହେରା, ଛ'ଦେଶ ସାହିତ୍ୟ ସଂସଦ ସମ୍ପାଦକ କବି ଙ୍ଗ ଫକୀର ମୋହନ ସାହୁ, ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଅନୁଗୋଳ ଜିଲ୍ଲା ସମ୍ପାଦକ କବି ଦୁର୍ଯ୍ୟୋଧନ ସାହୁ, କବି ଜୟକୃଷ୍ଣ ମହାପାତ୍ର, ପ୍ରଫେସର ବିଶ୍ୱନାଥ ମହାପାତ୍ର, ଅଧ୍ୟାପକ କ୍ଷୀରୋଦ ଚନ୍ଦ୍ର ନାୟକ, କବି ଲିଙ୍କୁ ପତି, କାହ୍ନୁଚରଣ ବାରିକ, କାହ୍ନୁଚରଣ ମୁଦୁଲି, ଚନ୍ଦ୍ରମଣି ନାୟକ ଓ ସର୍ବୋଦୟ ମଣ୍ଡଳର ଜିଲ୍ଲା ସଂଯୋଜକ ଇଂ ଲଳିତ ମୋହନ ବେହେରା ଯୋଗଦେଇଥିଲେ। କବି ଲିଙ୍କୁ ପତି ଭଜନ ପରିବେଷଣ କରିଥିଲେ। ସମ୍ପାଦକ ବିଦ୍ୟାଧର ଖଟୁଆ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କବି ଗୋଲକ ବିହାରୀ ବେହେରା, ଅଧ୍ୟାପକ ବିଜୟ କୁମାର ସାହୁ ଓ କବି ପରମାନନ୍ଦ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସହ ସମ୍ପାଦକ ପ୍ରଫୁଲ୍ଲ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



# ନାଗେଶ୍ୱରଜୀଉ ଭଜନ ସନ୍ଧ୍ୟା ପରିଷଦର ଭଜନ ପରିବେଷଣ

ଗଁଦିଆ,୧୨।୮ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଲାଉଲଇ ନାଗେଶ୍ୱର ମନ୍ଦିର ପରିସରରେ ପବିତ୍ର ରକ୍ଷାବନ୍ଧନ ତଥା ପ୍ରଭୁ ବଳରାମଙ୍କ ଜନ୍ମତିଥି ଉପଲକ୍ଷେ ନାଗେଶ୍ୱରଜୀୟୁ ଭଜନ ସନ୍ଧ୍ୟା ପରିଷଦ ଗଠିତ ହେବା ସହ ଭଜନ ପରିବେଷଣ କରାଯାଇଛି। ମୁଖ୍ୟ ପରିଚାଳକ ପ୍ରାକ୍ତନ ଶିକ୍ଷକ ହେମନ୍ତ ବ୍ରହ୍ମ ଓ ଅତିଥି ଗଗନ ବିହାରୀ ରାଉତ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ସଂଗ୍ରାମ ବାରିକ, ରବୀନ୍ଦ୍ର ଜେନା, ସତ୍ୟଜିତ ଦାସ, ସୌମ୍ୟଜିତ ବାରିକ, ସଞ୍ଜୟ ନାୟକ, ଲୋକନାଥ ହାତୀ, ଅଜୟ ବାରିକ, ଚାନ୍ଦିନୀ, ବଟକୃଷ୍ଣ ବାରିକ, ଶିବାନୀ ଭୋଇ, ଅଞ୍ଜୁବାଳା ବ୍ରହ୍ମ, ହିରଣ୍ମୟୀ ବାରିକ, ଗୋଲେଖ ଗୁରୁ, କୈଳାସ ଦାସ ଓ ନରହରି ସେଠୀ ଭଜନ ପରିବେଷଣ କରିଥିବା ବେଳେ ରମେଶ ସାହୁ, ଟୁଲିଆ, ବସନ୍ତ ବ୍ରହ୍ମ, ଚନ୍ଦୁ, ସୋନୁ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ।

# ସୁନାଚେନ୍ ଲୁଟେରା ଗିରଫ

## ୪୨ ଗ୍ରାମ ସୁନା ସହିତ ୩ ଗାଡ଼ି ଜବତ



ଢେଙ୍କାନାଳ,୧୨।୮ (ସମିସ): ଢେଙ୍କାନାଳ ଟାଉନ ଥାନା କୁଞ୍ଜକାନ୍ତ ଅଞ୍ଚଳରେ ଛିନତାଇ ଏବଂ ଚେନ୍‌ଲୁଟ ଘଟଣାରେ ସମ୍ପୃକ୍ତ ଜଣେ ପେସାଦାର ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଟାଉନ ଥାନା ରଗଡ଼ି ସାହିର ପ୍ରଶାନ୍ତ କୁମାର ସାହୁଙ୍କ ପୁଅ ରାକେଶ ସାହୁ ଓରଫ ଆକା। ତାଙ୍କଠାରୁ ପୁଲିସ ୩୭ ଗ୍ରାମର ୩ଟି ସୁନାଚେନ, ୪.୫ ଗ୍ରାମର କଟାଯାଇଥିବା ସୁନା, ୨.୫ ଗ୍ରାମର କାନଫୁଲ, ଏକ ସ୍କୁଟି, ୩ଟି ବାଇକ୍ ଜବତ କରାଯାଇଛି। ମଙ୍ଗଳବାର ରାକେଶଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

# ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ପୂର୍ବତନ ସାଂସଦଙ୍କ ସହାୟତା



ଖଜୁରିଆକଟା,୧୨।୮ (ସମିସ): ହିନ୍ଦୋଳ ବ୍ଲକ ରାସୋଳ ପଞ୍ଚାୟତ ନୂଆପାଟଣା ଗ୍ରାମର ସୁଦାମ ସାହୁ (୪୨)ଙ୍କର କଟକ ଜିଲ୍ଲା ଆଠଗଡ଼ଠାରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ସୁଦାମଙ୍କ ନୂଆପାଟଣାସ୍ଥିତ ବାସଭବନରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଛନ୍ତି। ଏଥିସହ ସୁଦାମଙ୍କ ଦୁଇ ଛୋଟପିଲାଙ୍କ ଶିକ୍ଷାଭାର ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ମହେଶଙ୍କ ଏହି ମହନୀୟତାକୁ ଗ୍ରାମବାସୀ ଉଚ୍ଚ ପ୍ରଶଂସା କରିଛନ୍ତି।

# କପିଳାସ ପ୍ରାଣୀ ଉଦ୍ୟାନରେ ବିଶ୍ୱ ହାତୀ ଦିବସ



ଗଁଦିଆ,୧୨।୮ (ସମିସ): ଢେଙ୍କାନାଳ ଜିଲ୍ଲା କପିଳାସ ପ୍ରାଣୀ ଉଦ୍ୟାନ ପ୍ରାଙ୍ଗଣରେ ମଙ୍ଗଳବାର ବିଶ୍ୱ ହାତୀ ଦିବସ ପାଳିତ ହୋଇଛି। ପ୍ରାଣୀ ଉଦ୍ୟାନ ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ରରେ ୬ଟି ହାତୀ ଥିବାବେଳେ ୨ଟି ବଡ଼ ହାତୀ (ନାମ-ରାକେଶ, ଟୁଙ୍ଗୁରୁ) ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସି ନ ଥିବାରୁ ଅନ୍ୟ ୪ ହାତୀ (ନାମ-ପଦ୍ମା, ଶ୍ୟାମା, ଶିବା, କପିଳ)ଙ୍କୁ ଚନ୍ଦନ, ସିନ୍ଦୂର ଲଗାଇ ପୂଜାର୍ଚ୍ଚନା କରି ପ୍ରାଣୀ ଉଦ୍ୟାନ ପରିସରରେ ବୁଲାଯାଇଥିଲା। ସମସ୍ତ ହାତୀଙ୍କୁ କଦଳୀ, ସେଓ, ନଡ଼ିଆ ଆଦି ଖାଇବାକୁ ଦିଆଯାଇଥିଲା। ହାତୀମାନେ ପର୍ଯ୍ୟଟକମାନଙ୍କୁ ଉତ୍ସାହିତ କରିଥିଲେ। କପିଳାସ ରେଞ୍ଜ ପରିସରରେ ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ସହକାରୀ ବନ ସଂରକ୍ଷକ ଶ୍ୟାମା ଭାରତୀ, କପିଳାସ ରେଞ୍ଜ ଅଧିକାରୀ ଗିରୀଶ ନାୟକ, ଡ. ଅସିତ ଚକ୍ରବର୍ତ୍ତୀ, ବାୟୋଲୋଜିଷ୍ଟ ଆଲୋକ ନାୟକ ଏବଂ ସମସ୍ତ ହାତୀ ସ୍କ୍ୱାଡ୍ ଓ ବନ କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଋଣ ବୋଝ ଯୋଗୁଁ ମହିଳା ନିଜ ଶରୀରରେ ନିଆଁ ଲଗାଇବା ଘଟଣା
# ଘଟଣାସ୍ଥଳରେ ଢେଙ୍କାନାଳ ଏସ୍‌ପିଙ୍କ ତଦନ୍ତ



ଭୁବନ,୧୨।୮ (ସମିସ): ଭୁବନ ଏନ୍‌ଏସି ପୁରୁଣା ଥାନା ସମ୍ମୁଖରେ ଦେହରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଥିବା ମହିଳାଙ୍କ ଘରେ ପହଞ୍ଚି ତଦନ୍ତ କରିଛନ୍ତି ଢେଙ୍କାନାଳ ଏସପି ଅଭିନବ ସୋନକର। ଗୁରୁତର ମହିଳା ପ୍ରେମଲତା ନାୟକ ଏବେ କଟକ ଏସ୍‌ସିବି ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପ୍ରେମଲତାଙ୍କ ସ୍ୱାମୀ ଅଜୟ ବେହେରା ଡ୍ରାଇଭର ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରନ୍ତି। ଆଜକୁ ୨ ବର୍ଷ ପୂର୍ବେ ଏଲ ଆଣ୍ଡ ଟି ଫାଇନାନ୍ସ କମ୍ପାନୀରୁ ୮୦ହଜାର ଟଙ୍କା ଋଣ କରିଥିଲେ। ଏ ବାବଦ ମାସିକ ପାଖାପାଖି ୩୮୫୦ ଟଙ୍କା ଶୁଝିବାକୁ ପଡୁଥିଲା। କିନ୍ତୁ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଗତ ୨/୩ ମାସର କିସ୍ତି ବାକି ରହିଥିଲା। ତେବେ ଫାଇନାନ୍ସ କମ୍ପାନୀ ଅଧିକାରୀ ଟଙ୍କା ପାଇଁ ଜୁଲମ କରିବାରୁ ଲୋକଲଜ୍ଜା ଭୟରେ ସୋମବାର ସନ୍ଧ୍ୟାରେ ପ୍ରେମଲତା ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ମଙ୍ଗଳବାର ଏସପି ସୋନକର ପ୍ରେମଲତାଙ୍କ ଘରେ ପହଞ୍ଚି ତଦନ୍ତ କରିଛନ୍ତି। ଏ ସମ୍ପର୍କରେ ପ୍ରତ୍ୟକ୍ଷଦର୍ଶୀ (ପ୍ରେମଲତାଙ୍କ ଦେହରୁ ନିଆଁ ଲିଭାଇଥିବା ମହିଳା) ମମତା ନାୟକ କହିଛନ୍ତି ଘଟଣା ଦିନ ଫାଇନାନ୍ସ କମ୍ପାନୀ ଅଧିକାରୀ ଟଙ୍କା ପାଇଁ ଆସିଥିଲେ। କିସ୍ତି ଦେଇ ନ ପାରିବାରୁ ପ୍ରେମଲତା ମାନସିକ ଚାପରେ ଥିଲେ। ସନ୍ଧ୍ୟା ସାଢ଼େ ୭ଟାରେ ହଠାତ ତାଙ୍କ ଘରେ ନିଆଁ ଦେଖି ସେଠାରେ ପହଞ୍ଚିବାରୁ ପ୍ରେମଲତା ଜଳିଯାଉଥିବା ଦେଖିଥିଲେ। ତୁରନ୍ତ ପାଣି ଢାଳି ନିଆଁ ଲିଭାଇବା ପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା ବୋଲି ମମତା କହିଛନ୍ତି। ସେହିପରି ଗ୍ରୁପ ସଦସ୍ୟା ଲଳିତା ବେହେରା କୁହନ୍ତି, ୨୦୨୩ରେ ଆମେ ଋଣ ନେଇଥିଲୁ। ପ୍ରେମଲତା ୨ ମାସର କିସ୍ତି ଦେଇପାରି ନାହାନ୍ତି। ତେଣୁ ଘରେ ଟଙ୍କା ପାଇଁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୁଏ ବୋଲି ଲଳିତା କହିଛନ୍ତି। ପ୍ରେମଲତାଙ୍କ ସ୍ୱାମୀ କୁହନ୍ତି ମୁଁ ଡୁବୁରୀରୁ ଗାଡ଼ି ପାଖରୁ ଆସୁଥିଲି। ଫାଇନାନ୍ସ ବାଲା ଆସିଥିବା ପ୍ରେମଲତା କହିଲେ। ପରେ ମୋତେ ଚା' କରି ଦେଲେ। ଏହି ସମୟରେ ଦୁଆର ମୁହଁରେ ଚିତ୍କାର କରିବାରୁ ଦେଖିଲି ସେ ପୋଡ଼ିଯାଉଛି। ଏସପି ସୋନେକର କୁହନ୍ତି, ସମସ୍ତଙ୍କୁ ପଚରାଉଚରା କରାଯାଉଛି। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ। ଅନ୍ୟପଟେ ଭୁବନ ଏନ୍‌ଏସି ୱାର୍ଡ ନମ୍ବର ୨ର କାଉନସିଲର କୃପାସିନ୍ଧୁ ବେହେରାଙ୍କଠାରୁ ଖବର ପାଇ ଏତଲା ଦାଏର କରାଯାଇଥିବା ଥାନାଧିକାରୀ ଧୀରେନ ସ୍ୱାଇଁ କହିଛନ୍ତି।

# ଆଦୃତ ଶିଶୁ ସଦନରେ ଅନ୍ତେବାସୀଙ୍କ ସାମୂହିକ ଜନ୍ମଦିନ ପାଳିତ

ଢେଙ୍କାନାଳ,୧୨।୮ (ସମିସ): ପବିତ୍ର ଗହ୍ମାପୂର୍ଣ୍ଣିମା ଅବସରରେ ଶ୍ୟାମାଚରଣପୁରସ୍ଥିତ ଆଦୃତ ଶିଶୁ ସଦନରେ ଅନ୍ତେବାସୀଙ୍କ ସାମୂହିକ ଜନ୍ମଦିନ ଓ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ଡ. ଆଦିତ୍ୟ ମହାନ୍ତିଙ୍କ ତତ୍ତ୍ୱାବଧାନରେ ରାଜ୍ୟର ୧୧ ଜିଲ୍ଲାରେ ଥିବା ଆଦୃତ ଶିଶୁ ସଦନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ନିଆରା ଢଙ୍ଗରେ ପ୍ରତ୍ୟେକ ଶିଶୁଙ୍କୁ ଜଣେ ଜଣେ ମାଆ ଫୁଲଚନ୍ଦନ ସହ ବିଜୟ ତିଳକ ଲଗାଇଥିଲେ। ମୁଖ୍ୟଅତିଥି ଭାବେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଆଇନଜୀବୀ ପୁଷ୍ପକ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକ ଶୁଭନାରାୟଣ ଶତପଥୀ, ଅବସରପ୍ରାପ୍ତ ୱିଂ କମାଣ୍ଡର ଭବାନୀ ଶଙ୍କର ସିଂଦେଓ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ରେଡକ୍ରସ କାର୍ଯ୍ୟକର୍ତ୍ତା ବିରଞ୍ଚି ନାରାୟଣ ପାଣି, ଡିଏସପି କୁମାରୀ ଯୀଶା, ଲେଫ୍ଟନାଣ୍ଟ କମାଣ୍ଡାଣ୍ଟ ଆର୍‌କେ ବଳ ପ୍ରମୁଖ ଯୋଗଦେଇଥିଲେ। ଶିଶୁମାନେ ଅତିଥିଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ଅନୁଷ୍ଠାନର ଅନ୍ତେବାସୀ ସୌମ୍ୟରଞ୍ଜନ ବେଜ ବୈଷୟିକ ଶିକ୍ଷା ସମାପ୍ତ କରି ଚାକିରି ପାଇଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷାବିତ ପରେଶ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ସମାଜସେବୀ ଶିବପ୍ରସାଦ ପଣ୍ଡା ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଷ୍ଠାନର ଅଧୀକ୍ଷକ ନୀଳମଣି ମହାପାତ୍ର ଓ ଗୃହ ପରିଚାଳକ ସୁଶାନ୍ତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରୋଟାରିଆନ ରାଜକିଶୋର ବେହେରା, ସଞ୍ଜୀବ ବିହାରୀ, ରୋଜାଲିନ ସ୍ୱାଇଁ, କାଦମ୍ବିନୀ ମହାକୁଡ଼, ରଶ୍ମିତା ରଥ, ଶ୍ରଦ୍ଧା ପଟ୍ଟନାୟକ, ଗୀତା ମହାପାତ୍ର, ଯୋଗୀନାଥ ମହାନ୍ତି, ମହମ୍ମଦ ନସିମ, ଅନୁସୂୟା ମିଶ୍ର, ମନସ୍ୱିନୀ ମିଶ୍ର, ଜ୍ଞାନରଞ୍ଜନ ଭୁତିଆ, ସଞ୍ଜୀବ ମହାପାତ୍ର, ଅନିତା ରଥ ପ୍ରମୁଖ ସହଯୋଗ କରିଥିଲେ।



# ବନ୍ଧୁତା ବଦଳରେ ବିବାଦ ବଢ଼ାଉଛି ଚୀନ

## ଏଲ୍ଏସି ନିକଟରେ ନିର୍ମାଣ କରିବ ରେଳ ଲାଇନ୍

ବେଜିଂ, ୧୨।୮ (ଏଜେନ୍ସି): ଭାରତ ବନ୍ଧୁତାର ହାତ ବଢ଼ାଉଥିବାବେଳେ ଚୀନ୍ ଏହାକୁ ବିଗାଡିବାକୁ ଚାହୁଁଛି। ଏହି କମ୍ୟୁନିଷ୍ଟ ରାଷ୍ଟ୍ର ପୁଣି ବିବାଦୀୟ ପଦକ୍ଷେପ ନେଇଛି। ସୀମାରେ ଥିବା ଲାଇନ୍ ଅଫ୍ ଆକଚୁଆଲ କଣ୍ଟ୍ରୋଲ (ଏଲ୍ଏସି) ନିକଟରେ ଚୀନ୍ ଦେଶର ଦୀର୍ଘତମ ରେଳ ଲାଇନ୍ ବିଛାଇବାକୁ ଯୋଜନା କରୁଛି ବୋଲି ଏକ ରିପୋର୍ଟରୁ ଜଣା ପଡ଼ିଛି। ଏହି ରେଳ ଲାଇନ୍ ଦ୍ୱାରା ସିନଜିଆଙ୍ଗ୍ ରାଜ୍ୟର ହୋତାନ ସହ ତିବ୍ବତର ଲାସାକୁ ଯୋଡା ଯିବ। ଚଳିତ ବର୍ଷ ଚୀନ୍ ତା'ର ଏହି ମହତ୍ତ୍ୱାକାଂକ୍ଷୀ ରେଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବ। ଲାସାକୁ କେନ୍ଦ୍ର କରି ନିର୍ମାଣ କରାଯିବାକୁ ଥିବା ଏହି ୫ ହଜାର କିମିର ରେଳ ପ୍ରକଳ୍ପ ୨୦୩୫ ସୁଦ୍ଧା ଶେଷ ହେବ ବୋଲି ଆଶା କରାଯାଉଛି। ଏଥିପାଇଁ ୧୩.୨ ବିଲିୟନ ଡଲାରର ବ୍ୟୟ ବରାଦ କରାଯାଇଛି। ଜିନଜିଆଙ୍ଗ-ତିବ୍ବତ ରେଲୱେ କମ୍ପାନୀ ଏହାର ଠିକା ନେଇଛି।

ପ୍ରସ୍ତାବିତ ଏହି ରେଳ ଲାଇନ୍‌ର ଏକ ଅଂଶ ଅକ୍ସାଇ ଚୀନ୍ ଦେଇଯିବ। ଫଳରେ ଭାରତ ସହିତ ଚୀନ୍‌ର ସମ୍ପର୍କରେ ପୁଣି ତିକ୍ତତା ଦେଖା ଦେବ ବୋଲି ଆଶଙ୍କା କରାଯାଉଛି। ଏହି ପ୍ରକଳ୍ପ ବେଶ୍ ଆହ୍ୱାନପୂର୍ଣ୍ଣ ହେବ। କାରଣ ରଣନୈତିକ ଦୃଷ୍ଟିରୁ ଦୁଇ ଦେଶ ଏଲଏସିକୁ ପ୍ରାଧାନ୍ୟ ଦେଉଛନ୍ତି। ୨୦୦୮ରେ ଏହି ରେଳ ଲାଇନ୍ ବିଛାଇବାକୁ ପ୍ରଥମେ ଯୋଜନା କରାଯାଇଥିଲା। ଅକ୍ସାଇ ଚୀନ୍‌କୁ ନେଇ ଭାରତ ଓ ଚୀନ୍ ମଧ୍ୟରେ ବିବାଦ ରହିଆସିଛି। ତେଣୁ ଏହି ପ୍ରକଳ୍ପ ଭାରତ ପାଇଁ ଡବଲ୍ ଝଟ୍‌କା ସାବ୍ୟସ୍ତ ହୋଇଛି। କାରଣ ଏହି ରେଳ ଅକ୍ସାଇ ଚୀନ୍ ମଧ୍ୟ ଦେଇଯିବ ଏବଂ ଏଲଏସି ନିକଟରେ ରେଳଧାରଣା ବିଛାଯିବ। ଚୀନ୍ ଏହା ମାଧ୍ୟମରେ ସୀମାକୁ ଦ୍ରୁତବେଗରେ ପ୍ରତିରକ୍ଷା ଉପକରଣଠାରୁ ଆରମ୍ଭ କରି ସେନା ପଠାଇ ପାରିବ। ଏହା ପୂର୍ବରୁ ଅକ୍ସାଇ ଚୀନ ଦେଇ ଚୀନ୍‌ର ମେଗା ଭିତ୍ତିଭୂମି ପ୍ରକଳ୍ପ ଜିନଜିଆଙ୍ଗ-ତିବ୍ବତ ହାଇୱେ ଯାଇଥିଲା। ଏହା ଜି୨୧୯ ରାଜପଥ ଭାବେ ପରିଚିତ। ୧୯୬୨ ଯୁଦ୍ଧର ଏହା ପ୍ରମୁଖ କେନ୍ଦ୍ର ଥିଲା।

ଭାରତ ଅକ୍ସାଇ ଚୀନକୁ ନିଜର ଅବିଚ୍ଛେଦ୍ୟ ଅଙ୍ଗ କହୁଛି। ଏ ନେଇ ଐତିହାସିକ ତଥ୍ୟ ଏବଂ ଅତୀତରେ ହୋଇଥିବା ଚୁକ୍ତି ମଧ୍ୟ ପ୍ରମାଣ ରହିଛି। ମାତ୍ର ୧୯୫୦ରୁ ଏହି ଅଞ୍ଚଳ ଚୀନ୍ କବ୍‌ଜାରେ ରହିଛି। ସେହିପରି ଚୀନ୍ ମଧ୍ୟ ଏହି ଅଞ୍ଚଳକୁ ନିଜର ବୋଲି ଦାବି କରିଆସୁଛି। ଗଲୱାନ ସଂଘର୍ଷ ପରଠାରୁ ବିଗିଡ଼ି ଯାଇଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ସୁଧାରିବା ପାଇଁ ଦିଲ୍ଲୀ-ବେଜିଂ



ପଦକ୍ଷେପ ନେଉଥିବାବେଳେ ଏହି ରେଳ ପ୍ରକଳ୍ପ ରିପୋର୍ଟ ସାମ୍‌ନାକୁ ଆସିଛି। ଗତ ବର୍ଷ ରୁଷ୍‌ରେ ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଚୀନ୍ ରାଷ୍ଟ୍ରପତି ଦ୍ୱିପାକ୍ଷିକ ସମ୍ବନ୍ଧକୁ ନେଇ ଆଲୋଚନା ଆରମ୍ଭ କରିଥିଲେ। ଏହା ପରଠାରୁ ଦ୍ୱିପାକ୍ଷିକ ସମ୍ବନ୍ଧରେ ଅଗ୍ରଗତି ଆସିଥିଲା। ଆସନ୍ତା ୩୧ରେ ଏସ୍‌ସିଓ ସମ୍ମିଳନୀରେ ସାମିଲ ହେବାକୁ ମୋଦୀ ବେଜିଂ ଯିବେ। ଅରୁଣାଚଳ ପ୍ରଦେଶ ସୀମାକୁ ଲାଗି ବ୍ରହ୍ମପୁତ୍ର ନଦୀରେ ଚୀନ୍ ବିଶ୍ୱର ବୃହତ୍ତମ ବନ୍ଧ ନିର୍ମାଣ କରୁଥିବାବେଳେ ଅକ୍ସାଇ ଚୀନ୍ ଦେଇ ରେଳ ପ୍ରକଳ୍ପ ଯିବା ପ୍ରସଙ୍ଗ ଦୁଇ ଦେଶର ସମ୍ପର୍କକୁ କି ଦିଗ ଦେଉଛି ତାହା ଦେଖିବା ବାକି ରହିଲା।




ବିହାର ଏସ୍‌ଆଇଆରକୁ ବିରୋଧ କରି ମିନ୍‌ଟା ଦେବୀଙ୍କ ଫଟୋ ଥିବା ଟିସାର୍ଟ ପିନ୍ଧି ସଂସଦ ବାହାରେ ବିରୋଧୀ ସାଂସଦଙ୍କ ବିକ୍ଷୋଭ

# ମୁନୀରଙ୍କ ପରେ ବିଲାୱଲଙ୍କ ଧମକ

ଇସଲାମାବାଦ, ୧୨।୮ (ଏଜେନ୍ସି): ପାକିସ୍ତାନ ସେନାମୁଖ୍ୟ ଆମେରିକାରେ ରହି ଭାରତକୁ ପରମାଣୁ ଯୁଦ୍ଧ ଧମକ ଦେଇଛନ୍ତି। ଏପରି କରି ସେ ଆମେରିକାର ପରମାଣୁ ଅସ୍ତ୍ର ଅପସାରଣ ନିୟମକୁ ଭଙ୍ଗ କରିଥିଲେ ହେଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସରକାର ମୁହଁ ଖୋଲୁ ନାହାନ୍ତି। ଭାରତକୁ ଚିଡ଼ାଇବା ପାଇଁ ଆମେରିକା ଏପରି କରୁଥିବା କୁହାଯାଉଥିବାବେଳେ ଏବେ ପାକିସ୍ତାନର ପୂର୍ବତନମନ୍ତ୍ରୀ ତଥା ପିପୁଲ୍ସ ପାର୍ଟି ନେତା ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ ଭାରତକୁ ଯୁଦ୍ଧ ଧମକ ଦେଇଛନ୍ତି। 'ଅପରେସନ ସିନ୍ଦୂର'କୁ ନେଇ ଛାନିଆ ହୋଇ ଯାଇଥିବା ପାକିସ୍ତାନ ସିନ୍ଧୁ ନଦୀ ଜଳ ଛାଡିବା ପାଇଁ ଭାରତକୁ ଅନୁରୋଧ କରିଥିବାବେଳେ ବିଲାୱଲ ବନ୍ଧ ନିର୍ମାଣ ନ କରିବା ପାଇଁ କହିଛନ୍ତି। ଯଦି ଭାରତ ସିନ୍ଧୁ ନଦୀରେ ବନ୍ଧ କରେ ତେବେ ସ୍ଥିତି ଯୁଦ୍ଧ ପର୍ଯ୍ୟନ୍ତ ପହଞ୍ଚି ଯିବ ବୋଲି ସେ ଧମକ ଦେଇଛନ୍ତି। କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଭାରତ ସରକାର ପାକିସ୍ତାନର ଅଶେଷ କ୍ଷତି ଘଟାଇଛନ୍ତି। ତେଣୁ ଭାରତ ବିରୋଧରେ ଏକାଠି ହେବାକୁ ବିଲାୱଲ ପାକିସ୍ତାନୀଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳ ଚୁକ୍ତିକୁ ରଦ୍ଦ କରି ଦେଇଥିଲା। ବନ୍ଧ ନିର୍ମାଣ ପାଇଁ ମଧ୍ୟ ଘୋଷଣା କରାଯାଇଛି। ପାଣି ବନ୍ଦ ହୋଇଯିବା ଯୋଗୁଁ ପାକିସ୍ତାନରେ ଏହି ନଦୀର ଜଳସ୍ତର ୮୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି। ଜଳ ଯୋଗାଣ ଏବଂ କୃଷି କ୍ଷେତ୍ରରୁ ଜଳସେଚନ ପ୍ରଭାବିତ ହୋଇଛି। ଏହାକୁ ନେଇ ପାକିସ୍ତାନ ବିଚଳିତ ହୋଇଯାଇଛି। ତେଣୁ ପାକିସ୍ତାନ



### ସିନ୍ଧୁରେ ବନ୍ଧ ବାନ୍ଧିଲେ ଯୁଦ୍ଧ

### ଫେରାଇ ଆଣିବୁ ୬ ନଦୀ

ନେତା କ୍ରମାଗତ ଭାବେ ଭାରତକୁ ଏଭଳି ବୃଥା ଧମକ ଦେଇ ଚାଲିଛନ୍ତି। ସିନ୍ଧ ସରକାରଙ୍କ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଲାୱଲ କହିଛନ୍ତି ଯେ ଯଦି ସିନ୍ଧୁ ଚୁକ୍ତିକୁ ଭାରତ ସ୍ଥଗିତ ରଖେ ତେବେ ପାକିସ୍ତାନ ପାଖରେ ଯୁଦ୍ଧ ବ୍ୟତୀତ, କୌଣସି ବିକଳ୍ପ ରହିବ ନାହିଁ। ଭାରତ ବିରୋଧରେ ସ୍ୱର ଉଠାଇ ଅତ୍ୟାଚାରକୁ ବନ୍ଦ କରିବାକୁ ସେ ପାକିସ୍ତାନୀଙ୍କୁ ନିବେଦନ କରିଛନ୍ତି। ଏକାଠି ହୋଇ ଭାରତ ବିରୋଧରେ ଯୁଦ୍ଧ ଲଢିବାକୁ ଆହ୍ୱାନ ଦେଇଛନ୍ତି। ଯୁଦ୍ଧ ହେଲେ ଲଢ଼ି ଭାରତ ଠାରୁ ଛଅଟି ନଦୀକୁ ଫେରାଇ ଆଣିବା ବୋଲି ବିଲାୱଲ କହିଛନ୍ତି। ଅନ୍ୟପକ୍ଷରେ ଅଭିନେତା ତଥା ବିଜେପି ନେତା ମିଥୁନ ଚକ୍ରବର୍ତ୍ତୀ ବିଲାୱଲଙ୍କୁ ଜବାବ ଦେଇଛନ୍ତି। ଯଦି ବାରମ୍ବାର ଏପରି ବୟାନ ଆସେ ତେବେ ଆମ ମୁଣ୍ଡ ଖରାପ ହୋଇଯିବ ଏବଂ ପାକିସ୍ତାନ ଉପରେ ଗୋଟିଏ ପରେ ଗୋଟିଏ ବ୍ରହ୍ମୋସ ଛଡ଼ାଯିବ। ଏହା ବ୍ୟତୀତ ଏପରି ଏକ ବନ୍ଧ ନିର୍ମାଣ କରାଯିବ ଯେଉଁଥିରେ ୧୪୦ କୋଟି ଲୋକ ପରିସ୍ରା କରିବେ। ପରେ ଏହି ବନ୍ଧକୁ ଖୋଲିବୁ ଏବଂ ସୁନାମି ଆସିବ। ଏ ସବୁ କେବଳ ବିଲାୱଲଙ୍କ ପାଇଁ କହିଥିବା ମିଥୁନ ଉଲ୍ଲେଖ କରିଛନ୍ତି।

ଅନ୍ୟପଟେ ପାକିସ୍ତାନ ସେନାମୁଖ୍ୟ ଅସିମ ମୁନୀର କ୍ରମାଗତ ଭାବେ ଆମେରିକାରୁ ଭାରତ ବିରୋଧରେ ବିଷ ଓଗାଳିବା ଜାରି ରଖିଛନ୍ତି। ସେ ପୁଣି ଭାରତକୁ ଧମକ ଦେଇଛନ୍ତି। ଏବେ ଦେଶର ତୈଳ ଭିତ୍ତିଭୂମିକୁ ନିଶାଣ କରିଛନ୍ତି। ଯଦି ଭବିଷ୍ୟତରେ କୌଣସି ସଂଘର୍ଷ ହୁଏ ତେବେ ଗୁଜରାଟ ଜାମନଗର ସ୍ଥିତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ରିଫାଇନାରୀକୁ ଆକ୍ରମଣ କରାଯିବ ବୋଲି କହିଛନ୍ତି। ପ୍ରଥମ ଥର ପାଇଁ ପାକିସ୍ତାନର କୌଣସି ସେନା ଅଧିକାରୀ ଭାରତର ତୈଳ ଭିତ୍ତିଭୂମିକୁ ନିଶାଣ କରିବାକୁ ଧମକ ଦେଇଛନ୍ତି। ଫ୍ଲୋରିଡ଼ାର ଟାମ୍ପାରେ ଅନୁଷ୍ଠିତ ଏକ ଘରୋଇ କାର୍ଯ୍ୟକ୍ରମରେ ସେ ଏହି ଟିପ୍ପଣୀ ଦେଇଥିଲେ ବୋଲି ସୂଚନା ମିଳିଛି। ଏଠାରେ ସେ ଭବିଷ୍ୟତର ଯୋଜନା ବିଷୟରେ ବର୍ଣ୍ଣନା କରିଥିଲେ। ସେହିପରି ସେ ବ୍ରୁସେଲ୍ସରେ କହିଛନ୍ତି ଯେ ତାଙ୍କ ପୁଅ ଯଦି ଭାରତ ବିରୋଧରେ ଲଢି ପ୍ରାଣ ହରାଏ ତେବେ ତାଙ୍କ ନାତି ମଧ୍ୟ ଲଢିବ। ସେ ପୁଣିଥରେ କଶ୍ମୀରକୁ ଅନ୍ତର୍ଜାତୀୟ ପ୍ରସଙ୍ଗ କହିଛନ୍ତି। ଏହାକୁ ନେଇ ବ୍ରୁସେଲ୍ସରେ ମୁନୀରଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି।

ରାଜ୍ୟଗୁଡିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ଦଣ୍ଡ ଭୋଗି ସାରିଥିବା କଏଦୀଙ୍କୁ ତୁରନ୍ତ ମୁକ୍ତ କର



ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି):ଅନେକ କଏଦୀ ଦଣ୍ଡ ଭୋଗି ସାରିବା ପରେ ବି ଜେଲ୍‌ରେ ଅଛନ୍ତି। ଏହାକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର ଚିନ୍ତା ପ୍ରକଟ କରିଛନ୍ତି। ଏହାକୁ ନେଇ କେନ୍ଦ୍ରଶାସିତ ଅଞ୍ଚଳ ଏବଂ ରାଜ୍ୟ ସରକାରମାନଙ୍କୁ ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ଦଣ୍ଡ ଭୋଗି ସାରି ଅନ୍ୟ କୌଣସି ମାମଲାରେ ଦୋଷୀ ନ ହୋଇ ଜେଲ୍‌ରେ ଥିବା କଏଦୀଙ୍କୁ ତୁରନ୍ତ ମୁକ୍ତ କରିବା ନିମନ୍ତେ ରାଜ୍ୟ ସରକାରମାନଙ୍କୁ କହିଛନ୍ତି। ୨୦୦୨ର ନୀତୀଶ କଟାରା ହତ୍ୟାକାଣ୍ଡର ଦୋଷୀ ସୁଖଦେବ ଯାଦବ ଓରଫ ପହଲୱାନଙ୍କୁ ମୁକ୍ତି ନିର୍ଦ୍ଦେଶ ଦେଇ କୋର୍ଟ ଏହି ରାୟ ଶୁଣାଇଛନ୍ତି। ବିଚାରପତି ବିଭି ନାଗାରତ୍ନା ଏବଂ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ କହିଛନ୍ତି ଯେ ୨୦୨୪ ମାର୍ଚ୍ଚରେ ଯାଦବ ୨୦ ବର୍ଷର ଜେଲ୍ ଦଣ୍ଡ ଭୋଗି ସାରିଥିଲେ। ତେଣୁ ତାଙ୍କୁ ସେହି ସମୟରେ ମୁକ୍ତ କରାଯିବା ଉଚିତ ଥିଲା। ଏହି ନିର୍ଦ୍ଦେଶର ନକଲ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଗୃହ ସଚିବମାନଙ୍କୁ ପଠାଇବାକୁ କୋର୍ଟ କହିଛନ୍ତି। ଯାଞ୍ଚ କରି ଏଭଳି କୌଣସି କଏଦୀ ଜେଲ୍‌ରେ ଅଛନ୍ତି କି ନାହିଁ ଦେଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି କେହି ଥିଲେ ତୁରନ୍ତ ମୁକ୍ତ କରିବାକୁ କହିଛନ୍ତି। ଦଣ୍ଡ ଭୋଗି ସାରିବା ପରେ କଏଦୀଙ୍କୁ ଜେଲ୍‌ରେ ରଖିବା ଅନୁଚିତ। ତେଣୁ ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବା ନିମନ୍ତେ ରାଷ୍ଟ୍ରୀୟ ଏବଂ ଜିଲ୍ଲାର ଆଇନ ସେବା କର୍ତ୍ତୃପକ୍ଷ ନିକଟକୁ ପଠାଇବାକୁ କହିଛନ୍ତି।

କୋର୍ଟ ଜୁଲାଇ ୨୯ ତାରିଖରେ ସୁଖଦେବ ପହଲୱାନଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆଚରଣ ଆଳରେ ଦଣ୍ଡ ସମୀକ୍ଷା ବୋର୍ଡ ତାଙ୍କ ମୁକ୍ତି ଉପରେ ରୋକ ଲଗାଇଥିଲା। ସୁପ୍ରିମକୋର୍ଟ ଏଥିରେ ଆଶ୍ଚର୍ଯ୍ୟ ପ୍ରକାଶ କରି କହିଥିଲେ ଯେ ଏସ୍‌ଆରବି କୋର୍ଟ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶକୁ କିପରି ଅଣଦେଖା କରିପାରିବେ? ୨୦ ବର୍ଷ ଜେଲଦଣ୍ଡ ପୂରଣ କରିବା ପରେ ଯାଦବଙ୍କୁ ମୁକ୍ତ କରାଯିବା ଉଚିତ ଥିଲା। ଏହାପରେ ଦିଲ୍ଲୀ ସରକାରଙ୍କ ପକ୍ଷରୁ ଉପସ୍ଥିତ ଅତିରିକ୍ତ ସଲିସିଟର ଜେନେରାଲ ଅର୍ଚ୍ଚନା ପାଠକ ଡେଭ ଯୁକ୍ତି ଦେଇଥିଲେ ଯେ ୨୦ ବର୍ଷ ଜେଲ୍‌ଦଣ୍ଡ ପରେ ଆପେ ମୁକ୍ତି ହୋଇପାରିବ ନାହିଁ ଏବଂ ଆଜୀବନ କାରାଦଣ୍ଡ ଅର୍ଥ ସ୍ୱାଭାବିକ ଜୀବନ ପାଇଁ ଜେଲ୍‌ରେ ରହିବା।

## ଲାଡେନର ନୂଆ ଚେହେରା ମୁନୀର

ୱାଶିଂଟନ, ୧୨।୮ (ଏଜେନ୍ସି): ପାକିସ୍ତାନ ସେନା ମୁଖ୍ୟ ଅସିମ ମୁନୀରଙ୍କୁ ଆମେରିକା ପ୍ରତିରକ୍ଷା ମନ୍ତ୍ରାଳୟର ପୂର୍ବତନ ଅଧିକାରୀ ମାଇକେଲ ରବିନ ଆତଙ୍କବାଦୀଙ୍କ ସହ ତୁଳନା କରିଛନ୍ତି। ସେ କହିଛନ୍ତି ଯେ ଅସିମ ମୁନୀର ହେଉଛନ୍ତି ସୁଟ୍ ପିନ୍ଧା ଓସାମା ବିନ୍ ଲାଡେନ। ସେ ନିକଟରେ ଦେଇଥିବା ପରମାଣୁ ଧମକରୁ ପାକିସ୍ତାନ ଗୁଣ୍ଡା ରାଷ୍ଟ୍ର ବୋଲି ଜଣାପଡୁଛି। ଏହା ପୂର୍ବରୁ ଗତ ସପ୍ତାହରେ ଆମେରିକାର ସେନା ଅଧିକାରୀଙ୍କୁ ଭେଟିବା ଅବସରରେ ମୁନୀର କହିଥିଲେ ଯେ ପାକିସ୍ତାନ ଏକ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର। ଯଦି ପାକିସ୍ତାନ ବୁଡିବ ତେବେ ନିଜ ସାଥିରେ ଅଧା ଦୁନିଆକୁ ନେଇ ବୁଡିବ। ରୁବିଓ ଏହି ଟିପ୍ପଣୀକୁ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ଏବଂ ଲାଡେନର ବିପଜ୍ଜନକ ବୟାନ ସହ ତୁଳନା କରିଛନ୍ତି। ପାକିସ୍ତାନଠାରୁ ତୁରନ୍ତ ଅଣ-ନାଟୋ ସହଯୋଗୀ ରାଷ୍ଟ୍ର ମାନ୍ୟତା ପ୍ରତ୍ୟାହାର କରିବାକୁ ଆମେରିକା ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏହା ସହିତ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଦେଶ ଘୋଷଣା, ମୁନୀରଙ୍କ ଭିସା ରଦ୍ଦ ପାଇଁ ବିଚାର କରିବା ଉଚିତ। ଆମେରିକାରେ ରହି ଏଭଳି ମନ୍ତବ୍ୟ ଦେଉଥିବା ମୁନୀରଙ୍କୁ ତୁରନ୍ତ ଦେଶରୁ ବାହାର କରିବାର ଥିଲା ବୋଲି ରୁବିଓ କହିଛନ୍ତି।

# ପୁନଃ ପ୍ରତିଷ୍ଠା ହେବନି ଧରାଳି ଗାଁ

### ସମ୍ବେଦନଶୀଳ ଅଞ୍ଚଳରେ ହେବନି ନୂଆ ନିର୍ମାଣ

### ୪୩ ଜଣ ଏବେ ବି ନିଖୋଜ: ସରକାର

ଡେରାଡୁନ, ୧୨।୮ (ଏଜେନ୍ସି): ବାଦଲ ଫଟା ବର୍ଷା ପରେ ଅଚାନକ ଆସିଥିବା ବନ୍ୟାରେ ଧ୍ୱଂସ ଉତ୍ତରକାଶୀ ଧରାଳି ଗାଁର ପୁନଃ ପ୍ରତିଷ୍ଠା ହେବ ନାହିଁ। ଏହି ଗାଁକୁ ଅନ୍ୟତ୍ର ସ୍ଥାନାନ୍ତର କରିଦିଆଯିବ। ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ନଦୀ କୂଳରେ ଏବଂ ଭୂସ୍ଖଳନ ସମ୍ବେଦନଶୀଳ ଅଞ୍ଚଳରେ କୌଣସି ନୂଆ ନିର୍ମାଣ କାର୍ଯ୍ୟ ମଧ୍ୟ କରାଯିବ ନାହିଁ। ଏଭଳି ବିପଜ୍ଜନକ କ୍ଷେତ୍ରରେ ଥିବା ଗାଁକୁ ସୁରକ୍ଷିତ ଭାବେ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ସୂଚନା ଅନୁଯାୟୀ ଗତ ୧୦ ବର୍ଷ ମଧ୍ୟରେ ଧରାଳି ତିନି ଥର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଲାଣି। ପ୍ରତି ଥର ଗାଁ ଧ୍ୱଂସ ହୋଇଯାଇଛି। କିନ୍ତୁ ଗ୍ରାମବାସୀ ପୁଣିଥରେ ନୂତନ ଗାଁ ନିର୍ମାଣ କରି ରହିଛନ୍ତି।

ଗତ ୫ ତାରିଖରେ ଦ୍ୱିପହରେ ଧରାଳି ନିକଟସ୍ଥ



ପାହାଡ଼ରେ ବାଦଲ ଫଟା ବର୍ଷା ପରେ ଗଙ୍ଗା ନଦୀରେ ବନ୍ୟା ଆସିବା ଯୋଗୁଁ ୩୪ ସେକେଣ୍ଡ ମଧ୍ୟରେ ଧରାଳି ମାଟିରେ ମିଶି ଯାଇଥିଲା। ୭ ଦିନ ବିତି ଯାଇଥିଲେ ମଧ୍ୟ ଗାଁରେ ଏବେ ବି ଲକ୍ଷ ଲକ୍ଷ ଟନ ଅବଶେଷ ଗଦା ହୋଇ ରହିଛି। ସ୍ଥିତି ଏଭଳି ହୋଇଛି ଯେ ପୂର୍ବରୁ ଏଠାରେ କୌଣସି ଜନବସତି ନ ଥିଲା ପରି ଲାଗୁଛି। ଆହୁରି ୪୩ ଲୋକ ନିଖୋଜ ଅଛନ୍ତି। ଏମାନଙ୍କ ମଧ୍ୟରୁ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ତେବେ ୬୦ରୁ ଅଧିକ ଏବେ ବି ନିଖୋଜ ଅଛନ୍ତି ବୋଲି ସ୍ଥାନୀୟ ଅଧିବାସୀ କହିଛନ୍ତି। ଏହା ମଧ୍ୟରେ ବିସ୍ଥାପନ ପାଇଁ ଲୋକଙ୍କ ସହ ଆଲୋଚନା ଆରମ୍ଭ କରାଯାଇଛି ବୋଲି ଅନୁ ସଚିବ ବଂଶୀଧର ତିୱାରୀ କହିଛନ୍ତି। ୮ରୁ ୧୨ କିମି ଦୂର ଲଙ୍କା, କୋପାଙ୍ଗ କିମ୍ବା ଜାଙ୍ଗଲାରେ ଗାଁ ନିର୍ମାଣ କରାଯାଉ ବୋଲି ଲୋକେ ଚାହୁଁଛନ୍ତି। ସେହିପରି ହର୍ଷିଲରେ ଆସିଥିବା ବିପର୍ଯ୍ୟୟରେ ସେନା କ୍ୟାମ୍ପ ଭାସି ଯାଇଛି। ତେଣୁ ନୂଆ କ୍ୟାମ୍ପ ପ୍ରତିଷ୍ଠା ଲାଗି ସେନା ଶ୍ରୀଖଣ୍ଡ ପର୍ବତ ଏବଂ ଏହାର ଆଖପାଖରେ ଥିବା ଗ୍ଲାସିୟର, ହ୍ରଦର ରେକି କରିବ।

ଜଷ୍ଟିସ ବର୍ମାଙ୍କ ଘରୁ ଟଙ୍କା ଜବତ ମାମଲା

## ମହାଭିଯୋଗ ପାଇଁ ୩ ଜଣିଆ କମିଟି ଗଠିତ

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ଘରୁ ଟଙ୍କା ଜବତ ମାମଲାରେ ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ତାଙ୍କ ବିରୋଧରେ ଆଗତ ମହାଭିଯୋଗ ପ୍ରସ୍ତାବକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ମଙ୍ଗଳବାର ମଞ୍ଜୁରି ଦେଇଛନ୍ତି। ରବିଶଙ୍କର ପ୍ରସାଦ ଏବଂ ବିରୋଧୀ ନେତାଙ୍କ ସମେତ ମୋଟ ୧୪୬ ସଦସ୍ୟଙ୍କ ପ୍ରସ୍ତାବ ମିଳିଛି ବୋଲି ସେ କହିଛନ୍ତି। ଏଥିରେ ଜଷ୍ଟିସ ବର୍ମାଙ୍କୁ ପଦରୁ ହଟାଇବାକୁ ଦାବି କରାଯାଇଛି। ଏହି ମାମଲାର ଯାଞ୍ଚ ପାଇଁ ବାଚସ୍ପତି ତିନି ସଦସ୍ୟ ବିଶିଷ୍ଟ କମିଟି ଗଠନ କରିଛନ୍ତି। ଏହି କମିଟିରେ ସୁପ୍ରିମକୋର୍ଟ ବିଚାରପତି ଅରବିନ୍ଦ କୁମାର, ମାଡ୍ରାସ ହାଇକୋର୍ଟ ମୁଖ୍ୟ ବିଚାରପତି ମନିନ୍ଦର ମୋହନ ଶ୍ରୀବାସ୍ତବ ଏବଂ କର୍ଣ୍ଣାଟକ ହାଇକୋର୍ଟର ବରିଷ୍ଠ ଓକିଲ ବିଭି ଆଚାର୍ଯ୍ୟ ସାମିଲ ଅଛନ୍ତି। ଯାଞ୍ଚ କମିଟିର ରିପୋର୍ଟ ଆସିବା ପର୍ଯ୍ୟନ୍ତ ଏହି ମହାଭିଯୋଗ ପ୍ରସ୍ତାବକୁ ସ୍ଥଗିତ ରହିବ।

## ସ୍ୱାଧୀନତା ଦିବସ ପୂର୍ବରୁ ବଡ଼ ଧରଣର ବିସ୍ଫୋରଣ ଯୋଜନା ପଣ୍ଡ

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ସ୍ୱାଧୀନତା ଦିବସ ପୂର୍ବରୁ ନୂଆଦିଲ୍ଲୀ ଏବଂ ମଧ୍ୟପ୍ରଦେଶ ଗ୍ୱାଲିୟରରେ ବୋମା ବିସ୍ଫୋରଣ ଯୋଜନାକୁ ରାଜସ୍ଥାନ ପୁଲିସ ପଣ୍ଡ କରିଦେଇଛି। ମୁମ୍ବାଇର ବାବା ସିଦ୍ଦିକି ହତ୍ୟା ମାମଲାର ମାଷ୍ଟରମାଇଣ୍ଡ ଜୀଶାନ ଅଖତରର ନିର୍ଦ୍ଦେଶରେ ଏହି ଷଡ଼ଯନ୍ତ୍ର କରାଯାଇଥିଲା। ସେ କାନାଡ଼ାରୁ ଏହି ନିର୍ଦ୍ଦେଶ ଦେଇଥିଲା। ଏହି ଷଡ଼ଯନ୍ତ୍ର କରିଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଛଅ ଜଣ ସଦସ୍ୟଙ୍କୁ ପୁଲିସ ଗିରଫ କରିଛି। ଏମାଙ୍କ ମଧ୍ୟରେ ତିନି ଜଣ ନାବାଳକ ସାମିଲ ଅଛନ୍ତି। ଏହି ଅଭିଯୁକ୍ତମାନେ ଜୁଲାଇ ୬ରେ ପଞ୍ଜାବରେ ଗ୍ରେନେଡ୍ ବିସ୍ଫୋରଣ କରି ରାଜସ୍ଥାନରେ ବିଭିନ୍ନ ସ୍ଥାନରେ ଲୁଚି ରହିଥିଲେ। ଏହି ଅପରାଧୀ ଅଗଷ୍ଟ ୧୫ରେ ନୂଆଦିଲ୍ଲୀ ଏବଂ ଗ୍ୱାଲିୟରରେ ବୋମା ବିସ୍ଫୋରଣ ଷଡ଼ଯନ୍ତ୍ର କରିଥିଲେ।

## ଆସନ୍ତା ମାସରୁ ଭାରତ-ଚୀନ୍ ମଧ୍ୟରେ ପ୍ରତ୍ୟକ୍ଷ ବିମାନ ସେବା

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ଆସନ୍ତା ମାସ ପ୍ରାରମ୍ଭରୁ ଭାରତ ଏବଂ ଚୀନ୍ ପ୍ରତ୍ୟକ୍ଷ ବିମାନ ସେବା ଆରମ୍ଭ ହେବାକୁ ଯାଉଛି। ବ୍ଲୁମବର୍ଗ ରିପୋର୍ଟରେ ଏହି ଦାବି କରାଯାଇଛି। ଏହି ପଦକ୍ଷେପକୁ ଦୁଇ ଦେଶ ମଧ୍ୟରେ ସମ୍ବନ୍ଧର ସୁଧାରର ସଙ୍କେତ ଭାବେ ଦେଖାଯାଉଛି। ରିପୋର୍ଟ ଅନୁଯାୟୀ ଚୀନ୍‌କୁ ତୁରନ୍ତ ଉଡ଼ାଣ ସେବା ଆରମ୍ଭ ପାଇଁ ପ୍ରସ୍ତୁତି କରିବାକୁ ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ଭଳି ଏୟାରଲାଇନ୍ସଙ୍କୁ ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି। କରୋନା ସମୟରୁ ଏହି ସେବା ବନ୍ଦ ରହିଥିଲା।

## ବଲୋଚ ବିଦ୍ରୋହୀଙ୍କୁ ଆତଙ୍କବାଦୀ ଘୋଷଣା କଲା ଆମେରିକା

ୱାଶିଂଟନ, ୧୨।୮ (ଏଜେନ୍ସି): ପାକିସ୍ତାନ ସହ ଆମେରିକା ସମ୍ବନ୍ଧ ବଢ଼ାଇ ଚାଲିଛି। ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ଏକ ନିଷ୍ପତ୍ତିରୁ ଏହାର ଆଭାସ ମିଳିଛି। ଆମେରିକା ଗୃହ ବିଭାଗ ସୋମବାର ପାକିସ୍ତାନର ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ବଲୋଚ ଲିବରେସନ ଆର୍ମୀ (ବିଏଲଏ) ତଥା ମାଜିଦ ବ୍ରିଗେଡକୁ ବିଦେଶୀ ଆତଙ୍କବାଦୀ ସଂଗଠନ ଘୋଷଣା କରିଛି। ଏହା ୱାଶିଂଟନର ଆତଙ୍କବାଦୀ ବିରୋଧୀ ଲଢେଇକୁ ଦର୍ଶାଉଛି ବୋଲି କୁହାଯାଇଛି। ବିଏଲଏ ପାକିସ୍ତାନ ସରକାର ଏବଂ ସେନାର ମୁଣ୍ଡବିନ୍ଧା ସୃଷ୍ଟି କରିଛି। ଏହି ସଂଗଠନ ବଲୋଚିସ୍ତାନର ସ୍ୱାଧୀନତା ପାଇଁ ଲଢେଇ କରୁଛି।

## ଝିଅ ଜନ୍ମ ହେବାରୁ ୨୧ ଗାଁକୁ ଭୋଜିଦେଲେ ବାପା

ଜିନ୍ଦ, ୧୨।୮ (ଏଜେନ୍ସି): ଘରେ ଝିଅ ଜନ୍ମ ହେବାରୁ ହରିୟାଣା ଜିନ୍ଦର ଥୁଆ ଗ୍ରାମର ଏକ ପରିବାରରେ ଖୁସିର ଲହରୀ ଖେଳି ଯାଇଛି। ଘରକୁ ଲକ୍ଷ୍ମୀ ଆସିଥିବା ଖୁସିରେ ବାପାମାଆ ଭବ୍ୟ ଆୟୋଜନ କରିଛନ୍ତି। ଏହା ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। କେବଳ ଗାଁ ନୁହେଁ, ଆଖପାଖର ୨୧ ଖଣ୍ଡ ଗାଁକୁ ଦମ୍ପତି ଭୋଜି ଦେଇଛନ୍ତି। ୨୪ ଗାଁର ମୁଖ୍ୟଙ୍କ ସହିତ ୮ ହଜାରରୁ ଅଧିକ ଲୋକ ଭୋଜି ଖାଇ ଶିଶୁକନ୍ୟାକୁ ଆଶୀର୍ବାଦ କରିଛନ୍ତି। ଶିଶୁକନ୍ୟାର ବାପା ସୁରେନ୍ଦ୍ର କାଲିରମଣ ସମାଜକୁ ବଡ଼ ବାର୍ତ୍ତା ଦେଇଛନ୍ତି। ପୁଅ ଏବଂ ଝିଅ ଉଭୟେ ସମାନ ବୋଲି କହିଛନ୍ତି। ସୂଚନା ଅନୁଯାୟୀ ଦୀର୍ଘ ୧୯ ବର୍ଷ ପରେ କାଲିରମଣ ବାପା ହୋଇଛନ୍ତି।

## ସୁପ୍ରିମକୋର୍ଟଙ୍କ 'ବୁଲା କୁକୁର' ନିର୍ଦ୍ଦେଶକୁ ତୀବ୍ର ବିରୋଧ

ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରୁ ସବୁ ବୁଲା କୁକୁରଙ୍କୁ ହଟାଇବା ପାଇଁ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ, ପୂର୍ବତନ ବିଜେପି ସାଂସଦ ମେନକା ଗାନ୍ଧୀଙ୍କ ସହିତ ଜାହ୍ନବୀ କପୁର, ବରୁଣ ଧାୱନ, ଜନ୍ ଆବ୍ରାହାମ, ମଲାଇକା ଆରୋରା ଏବଂ କ୍ରିକେଟର ରୋହିତ ଶର୍ମାଙ୍କ ପତ୍ନୀ ରିତିକା ସାଜଦେ ପ୍ରମୁଖ ବିରୋଧ କରିଛନ୍ତି। ନିରୀହ ପଶୁ କୌଣସି ସମସ୍ୟା ନୁହଁନ୍ତି ଏବଂ କୁକୁରଙ୍କୁ ହଟାଇବା କ୍ରୂରତା ବୋଲି ରାହୁଲ କହିଛନ୍ତି। ମେନକା କହିଛନ୍ତି ଯେ ପ୍ୟାରିସ ସରକାର ବି ଦିନ ଏଭଳି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସ୍ଥିତି ବିଗିଡ଼ା ମୂଷା ଉତ୍ପାତ ଆରମ୍ଭ କରିବାରୁ ନିଷ୍ପତ୍ତିକୁ ପ୍ରତ୍ୟାହାର କରାଯାଇଥିଲା। ସେହିପରି ଜାହ୍ନବୀଙ୍କ ଅନୁଯାୟୀ ସୁପ୍ରିମକୋର୍ଟଙ୍କ ପାଇଁ କୁକୁର ବିପଦ, କିନ୍ତୁ ଆମେ ହୃତ୍‌ସ୍ପନ୍ଦନ। କୁକୁରଙ୍କୁ ଦଣ୍ଡ ଦେବା ବଦଳରେ କାମୁଡା ରୋକିବା ପାଇଁ ଉଚିତ ବ୍ୟବସ୍ଥା କରିବା ଉଚିତ। ଏ ନେଇ ଜନ୍ ଆବ୍ରାହାମ ସିଜେଆଇଙ୍କୁ ଚିଠି ଲେଖିଛନ୍ତି। ଅନ୍ୟପକ୍ଷରେ ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ବିରୋଧରେ ବିକ୍ଷୋଭ କରୁଥିବା ୪୦ ଜଣଙ୍କୁ ମଙ୍ଗଳବାର ଦିଲ୍ଲୀ ପୁଲିସ ଗିରଫ କରିଛି।



# ଖବରକାଗଜରୁ ବଢ଼େ ଜ୍ଞାନ

**ଖବରକାଗଜ ପଢ଼ିବା ଏକ ଭଲ ଅଭ୍ୟାସ। ତେଣୁ ପିଲାଙ୍କୁ ସବୁଦିନ ଖବରକାଗଜ ପଢ଼ିବା ପାଇଁ କୁହାଯାଏ। ହେଲେ ଆଜିକାଲି ଯୁବପିଢ଼ି ଖବରକାଗଜ ପଢ଼ା ଉପରେ ସେତେ ବେଶି ଗୁରୁତ୍ୱ ଦେଉ ନାହାନ୍ତି। ତେବେ ଖବରକାଗଜ ପଢ଼ିଲେ ଜ୍ଞାନ ବୃଦ୍ଧି ପାଏ। କାରଣ ଏଥିରୁ ଦେଶ ଦୁନିଆର ଘଟଣା ସମ୍ପର୍କରେ ସବୁ ପ୍ରକାର ତଥ୍ୟ ମିଳିଥାଏ। ସବୁ ପ୍ରସଙ୍ଗ ଉପରେ ନଜର ରହେ। ଖବରକାଗଜରେ ରାଜନୀତି, ଖେଳ, ବିଜ୍ଞାନ, କଳା ଏବଂ ଅନ୍ୟ ବିଷୟ ସହିତ ଜଡ଼ିତ ଖବର ଥାଏ। ତେଣୁ ଏହାକୁ ପଢ଼ିବା ଦ୍ୱାରା ଜ୍ଞାନର ବିକାଶ ହୁଏ।**



କେବଳ ସେତିକି ନୁହେଁ, ଖବରକାଗଜରୁ ଅନେକ ନୂଆ ଶବ୍ଦ ମଧ୍ୟ ଶିଖିବାକୁ ମିଳେ। ଭାଷା ଓ କଥା କହିବା ଶୈଳୀରେ ଉନ୍ନତି ଆସେ। ସେହିପରି କୌଣସି ଖବରକୁ ବୁଝିବା, ଅଲଗା ଅଲଗା କଥା ଚିନ୍ତା କରିବା ଏବଂ ତାହାର ବିଶ୍ଲେଷଣ କରିବା ଦ୍ୱାରା ମସ୍ତିଷ୍କ ସକ୍ରିୟ ହୁଏ। ଏହାବାଦ୍ ସବୁ ପ୍ରକାର ପ୍ରସଙ୍ଗ ଜାଣିଥିଲେ ବିଭିନ୍ନ ଆଲୋଚନାରେ ସାମିଲ ହେବା ବି ସହଜ ହୁଏ। ପ୍ରତିଯୋଗିତା ମୂଳକ ପରୀକ୍ଷା ତଥା ସାକ୍ଷାତକାରରେ ପଚାରଯାଉଥିବା ସାଧାରଣ ଜ୍ଞାନର ପ୍ରଶ୍ନର ଉତ୍ତର ରଖିବା ସହଜ ହୁଏ। ଅନ୍ୟପଟେ ଖବରକାଗଜରେ କୌଣସି ପ୍ରସଙ୍ଗ ଉପରେ ଅନେକ ଲୋକଙ୍କ ମତାମତ ପ୍ରକାଶ ପାଇଥାଏ। ଫଳରେ କୌଣସି କଥାକୁ ବିଭିନ୍ନ ଦୃଷ୍ଟିକୋଣରୁ ଜାଣିବା ସାହାଯ୍ୟ ହୁଏ। ଅନ୍ୟପକ୍ଷରେ ଖବରକାଗଜରେ ପ୍ରକାଶିତ ଭଲ ଖବର ଏବଂ ଲୋକଙ୍କ ସଫଳତା କାହାଣୀ ପଢ଼ିଲେ ପ୍ରେରଣା ମିଳେ। ମନରେ ସକାରାତ୍ମକ ଚିନ୍ତାଧାରା ଆସେ।

# କ୍ୟାରିୟରକୁ ପ୍ରଭାବିତ କରେ ୯-୯-୬ କାର୍ଯ୍ୟସୂଚୀ



**ଏବେ ଚାରିଆଡ଼େ ୱାର୍କ ଲାଇଫ୍ ବାଲାନ୍ସ ଚର୍ଚ୍ଚାର ବିଷୟ ପାଲଟିଛି। ୯-୯-୬ ୱାର୍କ ସିଡ୍ୟୁଲ ବା କାର୍ଯ୍ୟସୂଚୀରେ କର୍ମଚାରୀଙ୍କୁ ସକାଳ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ କାମ କରିବାକୁ ହୋଇଥାଏ। ଏହାର ଅର୍ଥ ହେଉଛି ଜଣେ କର୍ମଚାରୀଙ୍କୁ ସପ୍ତାହରେ ୭୨ ଘଣ୍ଟା କାମ କରିବାକୁ ହୋଇଥାଏ। ଯାହାକି ସାଧାରଣତଃ ୪୦-୪୪ ଘଣ୍ଟା କାର୍ଯ୍ୟ ସପ୍ତାହରୁ ଖୁବ୍ ଅଧିକ। ଅବଶ୍ୟ ଏହି ସିଡ୍ୟୁଲ ଚୀନ୍ ଟେକ୍ କମ୍ପାନିରେ ଖୁବ୍ ଲୋକପ୍ରିୟ ଥିଲା। ଯାହାକୁ ଏବେ ଆମେରିକା ଆପଣାଇବାକୁ ଯାଉଛି। ହେଲେ ଏହା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଓ ଅଧିକାରକୁ ଉଲ୍ଲଙ୍ଘନ କରିବାରୁ ଚୀନ ସରକାର ଏହାକୁ ଅବୈଧ ବୋଲି ଘୋଷଣା କଲେ। ତେବେ ଏହି କାର୍ଯ୍ୟ ପ୍ରଣାଳି କ୍ୟାରିୟରକୁ କିଭଳି ଭାବେ ପ୍ରଭାବିତ କରିଥାଏ, ସେ ସମ୍ପର୍କରେ ଜାଣିବା।**

**ଅବସାଦ:** ଲଗାତାର ଦୀର୍ଘ ସମୟ ପର୍ଯ୍ୟନ୍ତ କାମ କରିବା ଦ୍ୱାରା କର୍ମଚାରୀ ଶାରୀରିକ ଏବଂ ମାନସିକ ଭାବେ ଥକ୍କି ପଡ଼ନ୍ତି। ଫଳରେ ଏହା ଅବସାଦ, ଥକ୍କାପଣ ଏବଂ ବର୍ଣ୍ଣଆଉଟ୍‌ର କାରଣ ହୋଇଥାଏ।

**ଖରାପ ୱାର୍କ ଲାଇଫ୍ ବାଲାନ୍ସ:** ଏହି କାର୍ଯ୍ୟସୂଚୀରେ କାମ କରିବା ଦ୍ୱାରା ବ୍ୟକ୍ତିଗତ ଜୀବନକୁ କମ୍ ସମୟ ମିଳିଥାଏ। ପରିବାର, ସାଙ୍ଗସାଥୀ ଏବଂ ନିଜ ପାଇଁ ସମୟ ବାହାର କରିବାରେ ସମସ୍ୟା ହୁଏ। ଫଳରେ ଏକାକୀତ୍ୱର ଭାବନା ମନକୁ ଆସେ।

**ସ୍ୱାସ୍ଥ୍ୟ ସମସ୍ୟା:** ସକାଳ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ କାମ କରିବାର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ବି ପଡ଼ିଥାଏ। ନିଦ୍ରାଭାବ, ଖାଦ୍ୟପାନୀୟର ଖରାପ ଅଭ୍ୟାସ ଏବଂ ଲଗାତାର ବସି ରହିବା ଦ୍ୱାରା ହୃଦ୍‌ରୋଗ, ମେଦବହୁଳତା ଏବଂ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବାର ଆଶଙ୍କା ବେଶି।

**କାର୍ଯ୍ୟ ଦକ୍ଷତା ହ୍ରାସ ପାଏ:** ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ରହି କାମ କରିବା ଦ୍ୱାରା ମନରେ କିଛି ନୂଆ ଚିନ୍ତାଧାରା ଆସେ ନାହିଁ। ଥକ୍କା ଲାଗେ। କର୍ମଚାରୀଙ୍କ ଉତ୍ପାଦନ କ୍ଷମତା ବାସ୍ତବରେ କମ୍ ହୋଇଥାଏ। ଦୀର୍ଘ ସମୟ କାମ କରିବା ଦ୍ୱାରା କାମରେ ବେଶି ଭୁଲ ହୁଏ ନାହିଁ ଏବଂ ସୃଜନାତ୍ମକ ଜ୍ଞାନ କୌଶଳ ହ୍ରାସ ପାଏ।

# ନିଯୁକ୍ତି ଲାଗି ଜରୁରି ଦକ୍ଷତା

**ସମୟ ସହିତ ନିଯୁକ୍ତି ବଜାରରେ ପରିବର୍ତ୍ତନ ଆସୁଛି। ଏବେ କେବଳ ଡିଗ୍ରୀ ଥିଲେ ଚାକିରି ମିଳିବ ତାହା ନୁହେଁ। ବର୍ତ୍ତମାନର ଆଧୁନିକ ଯୁଗରେ ପ୍ରତ୍ୟେକ କ୍ଷେତ୍ରରେ ଟେକ୍ନୋଲୋଜିର ବିକାଶ ହେଉଛି। ତେଣୁ ଉଚ୍ଚଶିକ୍ଷା ପରେ ନିଜ ପାଖରେ କିଛି କୌଶଳ ତଥା ଦକ୍ଷତା ରହିବା ବି ଜରୁରି ହୋଇ ପଡ଼ିଛି।**



**ରିୟଲ ୱାର୍ଲ୍ଡ ସ୍କିଲ୍:** ଉଚ୍ଚଶିକ୍ଷା ପରେ ଅଧିକାଂଶ ଯୁବପିଢ଼ିଙ୍କ ପାଖରେ ରିୟଲ ୱାର୍ଲ୍ଡ ସ୍କିଲର ଅଭାବ ଦେଖା ଦେଇଥାଏ। ଏହି କାରଣ ଯୋଗୁଁ କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଚାକିରି ଲାଗି ପ୍ରସ୍ତୁତ ହୋଇ ପାରି ନ ଥାନ୍ତି। ତେବେ ଏ ଲାଗି ସେମାନେ ଇଣ୍ଟର୍ଣ୍ଣସିପ୍, ପାର୍ଟଟାଇମ୍ ଚାକିରି ଆଦି ମାଧ୍ୟମରେ ଏହି କୌଶଳକୁ ନିଜ ଭିତରେ ବିକଶିତ କରିପାରିବେ। ଏହା ଦ୍ୱାରା କାମ କରିବାର ଅଭିଜ୍ଞତା ସହିତ କମ୍ୟୁନିକେସନ ସ୍କିଲ, ଟିମ୍ ୱାର୍କ, ସମସ୍ୟା ସମାଧାନ ଏବଂ ଅନୁକୂଳ ପରିସ୍ଥିତିରେ କିଭଳି କାମ କରାଯାଏ, ସେ କଥା ଜାଣି ହୁଏ। ଏହା ଦ୍ୱାରା ଚାକିରି ମିଳିବା ସହଜ ହୁଏ।


**ଗ୍ଲୋବାଲ ମାଇଣ୍ଡସେଟ୍:** ଆଜିର ସମୟରେ ଭଲ ପ୍ୟାକେଜ୍‌ର ଚାକିରି ପାଇବା ଲାଗି ଗ୍ଲୋବାଲ ମାଇଣ୍ଡସେଟ୍ ନିହାତି ଜରୁରି। ଏହି କୌଶଳ ଦ୍ୱାରା ଦେଶ ଦୁନିଆର ବିଭିନ୍ନ କ୍ଷେତ୍ର ସହିତ ସମ୍ବନ୍ଧ ଥିବା ବ୍ୟକ୍ତି ବିଶେଷ ଏବଂ ଅଲଗା ଅଲଗା ସଂସ୍ଥାନ ମାଧ୍ୟମରେ ଯୋଡ଼ି ହୋଇ ଏହି କୌଶଳ ଶିଖିପାରିବେ। ତେବେ ଏ ଲାଗି ନିଜ ଭିତରେ ଜିନିଷକୁ ବୁଝିବା ଓ ଜାଣିବାର ଇଚ୍ଛା ରହିବା ଦରକାର।

**ଇଣ୍ଟରଆକ୍ସନ୍ ସ୍କିଲ୍:** ଭଲ ଚାକିରିଟିଏ ପାଇବା ପାଇଁ ଯେକୌଣସି ବ୍ୟକ୍ତିଙ୍କ ପାଖରେ ଉତ୍ତମ କମ୍ୟୁନିକେସନ ସ୍କିଲ୍ ରହିବା ଦରକାର। ଏହା ଦ୍ୱାରା ନିଜ କଥାକୁ ଅନ୍ୟ ସାମ୍ନାରେ ରଖିବା କେବଳ ସହଜ ହୋଇ ନ ଥାଏ, ବରଂ ଲୋକଙ୍କ ସହ ମିଶିବା, ସମ୍ପର୍କ ସୃଷ୍ଟି କରିବା, ଭରସା ଜିତିବା, ୱାର୍କ କଲଚର ସହିତ ଭଲ ଭାବେ କାମ କରିବାରେ ସାହାଯ୍ୟ ମିଳେ।

**ଏଆଇ ସ୍କିଲ୍:** ଆଜିର ଆଧୁନିକ ଯୁଗରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବିକାଶ ଦ୍ରୁତ ଗତିରେ ହେଉଛି। ଅଧିକାଂଶ କ୍ଷେତ୍ରରେ ଏଆଇର ପ୍ରବେଶ ରହିଲାଣି। ଏଭଳି ସ୍ଥିତିରେ ଭଲ ବେତନରେ ଚାକିରି ହାସଲ କରିବା ଲାଗି ନିଜ ଭିତରେ ଏଆଇ ସ୍କିଲ ରହିବା ନିହାତି ଜରୁରି।

**ଟେକ୍ନୋଲୋଜି ସ୍କିଲ୍:** ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସହିତ ଟେକ୍ନୋରଲୋଜିର ଜ୍ଞାନ କୌଶଳ ରହିବା ଜରୁରି। ଏହା ଭଲ ବେତନଯୁକ୍ତ ଚାକିରି ପ୍ରଦାନ କରିବାରେ ସାହାଯ୍ୟ କରେ।

# କ୍ରସ୍ ୱାର୍ଡ ପଜଲ୍ ଅଭ୍ୟାସ





**Across**
3. Oldest 1st born
4. Oldest child
5. Day
7. Maiden name
8. Surname
10. Grandad
11. Years
12. Youngest child
13. Nanny
16. Type
17. Month

**Down**
1. Youngest 1st born
2. Oldest 2nd born
6. Youngest 2nd born
9. Youngest husband
14. Oldest wife
15. All you need is

# ବିନା ଡିଗ୍ରୀରେ ସଫଳତା

**ଦୃଢ଼ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସ ଥିଲେ ସବୁ କିଛି କରିବା ସମ୍ଭବ। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ଆନ୍ଧ୍ର ପ୍ରଦେଶର ସୁଧୀର ଅନଭେସ।**



ସୁଧୀର ବିନା କୌଣସି ଡିଗ୍ରୀ ତଥା ଡିପ୍ଲୋମାରେ ଏମିତି ଏକ ଗାଡ଼ି ବିକଶିତ କରିଛନ୍ତି, ଯାହାକି ଚାରିଆଡ଼ୁ ଚର୍ଚ୍ଚା ସାଉଁଟୁଛି। ସୁଧୀର ଆଡଜଷ୍ଟେବଲ ଗାଡ଼ି ଜିପ୍ ଷ୍ଟାଇଲ୍‌ରେ ତିଆରି କରିଛନ୍ତି। ଯାହାକି ବିନା କୌଣସି ବ୍ୟାଟେରି ତଥା ହାଇଡ୍ରୋଲିକ୍ ସିଷ୍ଟମରେ ପରିଚାଳିତ ହୋଇଥାଏ।

ସୁଧୀରଙ୍କର ଇଞ୍ଜିନିୟରିଂରେ ରୁଚି ଥିବା ସତ୍ତ୍ୱେ ତାଙ୍କ ବାପାଙ୍କ ମୃତ୍ୟୁ ପରେ ସେ ଏ କ୍ଷେତ୍ରରେ ଶିକ୍ଷା ଲାଭ କରିପାରିଲେ ନାହିଁ। ୨୦୧୪ରେ ସେ ଗୋଟିଏ କମ୍ପ୍ୟୁଟର କୋର୍ସ ପୂରା କଲେ। ପରେ ଚାକିରି ପାଇଁ ହାଇଦ୍ରାବାଦ ଆସିଲେ। ହାଇଦ୍ରାବାଦ୍ ଏବଂ ବେଙ୍ଗାଲୁରୁରେ କାମ କରିବା ବେଳେ ସୁଧୀରଙ୍କୁ ବହୁତ ଟ୍ରାଫିକ୍‌ର ସାମ୍ନା କରିବାକୁ ପଡ଼ିଥିଲା। ଏହା ହିଁ ତାଙ୍କୁ ଏଭଳି ଏକ ଗାଡ଼ି ତିଆରି କରିବା ଦିଗରେ ପ୍ରେରିତ କଲା। ସେ ଦେଖିଲେ ବାଇକ୍, କାର୍ ଟ୍ରାଫିକ୍‌ରେ ଫସି ରହୁଛି। ତେଣୁ କାର୍ ଓ ବାଇକ୍ ମଝିରେ ଯିବା ଭଳି ଗାଡ଼ି ତିଆରି ଉପରେ ବିଚାର କଲେ ଏବଂ ସେଥିରେ ସଫଳ ବି ହେଲେ।

ତାଙ୍କ ଗାଡ଼ିର ନାଁ ମେଲଚି ଜେଡକ। ଏହା ବିଏମ୍‌ଡବ୍ଲୁ ଶୈଳୀ ସହିତ ମେଳ ଖାଉଛି। ସୁଧୀର ଏକ ଚାରି ସିଟ୍‌ର ଜିପ୍ ମଡେଲ ଚୟନ କରିଛନ୍ତି। ଯାହା ବାଇକ୍ ଭଳି ସଙ୍କୁଚିତ ହୋଇ କାମ କରିପାରେ। ଏହାଦ୍ୱାରା ଟ୍ରାଫିକ୍ ଜାମ୍‌ରେ ବି ସହଜରେ ଯାଇପାରିବ। ସେହିପରି ଗହଳି ସ୍ଥାନରେ ଏହାକୁ ଜଣେ ଚଳାଇଲେ ଏହାକୁ ବାଇକ୍ ଭଳି ଛୋଟ କରିକି ସହଜରେ ଆଗକୁ ବଢ଼ାଇପାରିବେ। ତାଙ୍କର ଲକ୍ଷ୍ୟ ହେଉଛି ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ୍ ଭଳି ବ୍ୟସ୍ତ ସହରରେ ଟ୍ରାଫିକ୍ ସମସ୍ୟାର ସମାଧାନ କରିବା।

ଅନ୍ୟପଟେ ତାଙ୍କ ଗାଡ଼ିରରେ ଦୁଇଟି ଫୋଲଡେବଲ ସିଟ୍ ଅଛି। ଯାହାକୁ ଖୋଲିଲେ ଚାରିଟି ସିଟ୍ ହୋଇପାରିବ। ଗୋଟିଏ ଚାଳକଙ୍କ ଲାଗି ଏବଂ ଅନ୍ୟ ତିନିଟି ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ। ତେବେ ତାଙ୍କର ଆଡଜଷ୍ଟେବଲ ଗାଡ଼ି ଜିପ୍ ଡିଜାଇନ୍‌ରେ ହିଁ ନିର୍ମିତ। ଏହାର କ୍ଷମତା ୧.୫ ଟନ। ଗାଡ଼ିର ଓଜନ ୪୧୦ କିଲୋଗ୍ରାମ। ସୁଧୀର ଇଞ୍ଜିନ, ଟାୟାର, ବ୍ୟାଟେରି, ହାଇଡ୍ରୋଲିକ୍ ସିଷ୍ଟମ, ମେଟାଲ ବଡ଼ି, ପେଣ୍ଟ, ସିଟ୍, ଷ୍ଟିୟରିଂ ଏବଂ ବ୍ରେକିଂ ସିଷ୍ଟମ ଆଦି ପାଇଁ ଦୁଇ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି।

# ଏଆଇ ପରାମର୍ଶଦାତା



ଆଜିକାଲି ଅନେକ ଲୋକ ମଣିଷ ଅପେକ୍ଷା କୃତ୍ରିମ ବୁଦ୍ଧିମତାର ପରାମର୍ଶ ନେଉଛନ୍ତି। ତେଣୁ ଏହା ଲୋକଙ୍କ ପାଇଁ ପରାମର୍ଶଦାତା ଭାବେ ଏକପ୍ରକାର କାର୍ଯ୍ୟ କରୁଛି। ତେବେ ଏବେ ଏଆଇ ପରାମର୍ଶ ଲୋକେ କାହିଁକି ନେଉଛନ୍ତି, ତାହା ପଛରେ ବି କାରଣ ଅଛି। ଏଆଇ ଚାଟ୍‌ବଟ୍ ୨୪ ଘଣ୍ଟା ଉପଲବ୍ଧ। ଏଥିରେ ଲୋକଙ୍କୁ ଉତ୍ତର ପାଇଁ ଅପେକ୍ଷା କରିବାକୁ ପଡ଼ି ନ ଥାଏ। ଯେତେବେଳେ ପରାମର୍ଶ ଦରକାର ହୁଏ, ଏଆଇ ତୁରନ୍ତ ହାଜିର ହୋଇଥାଏ। ଏଆଇକୁ ଏକାଧିକ ଡାଟା ଦ୍ୱାରା ପ୍ରଶିକ୍ଷିତ କରାଯାଇ ଥାଏ। ତେଣୁ ଏହା ପାଖରେ ଅଧିକ ତଥ୍ୟ ଥାଏ। ପାଖରେ କୌଣସି ବ୍ୟକ୍ତି ନ ଥିଲେ, ଏହା କୌଣସି ବିଷୟ ଉପରେ ତଥ୍ୟ ପ୍ରଦାନ କରିଥାଏ। ମଣିଷ ବେଳେବେଳେ ନିଜ ଚିନ୍ତାଧାରା ଓ ଭାବନା ଯୋଗୁଁ ଭେଦଭାବ କରିପାରେ। ହେଲେ ଏଆଇ ଏଭଳି କରି ନ ଥାଏ। ଏଆଇ ହେଉଛି ଏକ ମେସିନ୍। ତେଣୁ ଏଆଇ ବାରମ୍ବାର ଗୋଟିଏ ପ୍ରଶ୍ନର ଉତ୍ତର ଦେବାରେ ଥକ୍କି ନ ଥାଏ କିମ୍ବା ବିରକ୍ତି ହୋଇ ନ ଥାଏ। ଏ କ୍ଷେତ୍ରରେ ମଣିଷ କିନ୍ତୁ ଥକି ପଡ଼େ ନଚେତ ଭୁଲ୍ ବି କରିପାରେ।

# ହ୍ୱାଟ୍ସଆପ୍‌ର 'ଲେ ଆଉଟ୍ ଫିଚର୍'

ବିଭିନ୍ନ ସମୟରେ ହ୍ୱାଟ୍ସଆପ୍ ତା' ବ୍ୟବହାରକାରୀଙ୍କ ଲାଗି ନୂଆ ନୂଆ ଫିଚର୍ ଆଣିଥାଏ। ଏହି କ୍ରମରେ ଏବେ ଏଥିରେ ସାମିଲ ହେବାକୁ ଯାଉଛି 'ଲେ ଆଉଟ୍ ଫିଚର୍।' ଏହି ଫିଚର୍ ମାଧ୍ୟମରେ ବ୍ୟବହାରକାରୀ ହ୍ୱାଟ୍ସଆପ୍‌ରେ ସହଜରେ କୋଲାଜ ତିଆରି କରିପାରିବେ। ଗୋଟିଏ ଫଟୋକୁ ଚୟନ କରି ନିଜ ପସନ୍ଦର ଲେ ଆଉଟ୍ ଲଗାଇ ତାହାକୁ ସେୟାର୍ କରିପାରିବେ। ଏହା ମାଧ୍ୟମରେ ବ୍ୟବହାରକାରୀ ଇନଷ୍ଟାଗ୍ରାମ୍ ଷ୍ଟୋରି ଷ୍ଟାଇଲ୍‌ରେ ନିଜର ବିଶେଷ ଫଟୋକୁ ସିଧା ହ୍ୱାଟ୍ସଆପ୍‌ରେ ସେୟାର୍ କରିପାରିବେ। ତେବେ ଏହି ଫଟୋ ଷ୍ଟିକର ଅପଡେଟ୍ ସମ୍ପୂର୍ଣ୍ଣ ଇନଷ୍ଟାଗ୍ରାମ୍ ଫିଚର୍ ଭଳି ଲାଗିବ। ସେହିପରି ଏହି ଫିଚର ମାଧ୍ୟମରେ ଫଟୋକୁ ରିସାଇଜ୍, କ୍ରପ୍ ଏବଂ ତାହାର ଆକାର ବଦଳାଇ ହେବ। ଏହାସହ ଏଡିଟ୍ କରାଯାଇଥିବା ଫଟୋକୁ ହ୍ୱାଟ୍ସଆପ୍ ଷ୍ଟାଟସ୍ ଅପଡେଟ୍‌ରେ ସେୟାର୍ କରିପାରିବେ।



### ୟୁଏଇରେ ଏସିଆ କପ୍ ଟି-୨୦ ସେପ୍ଟେମ୍ବର ୯ରୁ ୨୮

# ଖେଳାଳି ଚୟନ ନେଇ ଦ୍ୱନ୍ଦ୍ୱରେ ଭାରତ

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ରୋମାଞ୍ଚକ ଟେଷ୍ଟ ସିରିଜ୍ ଡ୍ର ରହିବା ପରେ ଭାରତର ପରବର୍ତ୍ତୀ କ୍ରିକେଟ କାର୍ଯ୍ୟକ୍ରମ ଏସିଆ କପ୍‌ରୁ ଆରମ୍ଭ ହେବ। ଆସନ୍ତାବର୍ଷ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଟି-୨୦ ବିଶ୍ୱକପ୍ ଆୟୋଜନ କରୁଥିବାରୁ ଏଥର ଏସିଆ କପ୍‌କୁ ଟି-୨୦ ଫର୍ମାଟରେ ଆୟୋଜନ କରିବାକୁ ଏସୀୟ କ୍ରିକେଟ ପରିଷଦ ନିଷ୍ପତ୍ତି ନେଇଛି। ଏହା ଫଳରେ ପ୍ରତିଭାରେ ଭରପୁର ଭାରତୀୟ କ୍ରିକେଟ ଦଳ ଟି-୨୦ ଫର୍ମାଟରେ ଖେଳାଳି ଚୟନ ନେଇ ଦ୍ୱନ୍ଦ୍ୱରେ ପଡ଼ିଛି। ଅଜିତ ଅଗରକରଙ୍କ ଅଧ୍ୟକ୍ଷତାରେ ଗଠିତ ସିନିଅର ଚୟନ କମିଟି ଦଳ ଚୟନ ନେଇ ସମସ୍ତ ଦିଗ ପ୍ରତି ଦୃଷ୍ଟି ଦେଉଥିବାରୁ ଏଭଳି ଦ୍ୱନ୍ଦ୍ୱ ସୃଷ୍ଟି ହେବା ସ୍ୱାଭାବିକ୍। ଏସିଆ କପ୍ ଲାଗି ଭାରତୀୟ ଦଳ କେବେ ଘୋଷଣା କରାଯିବ ତାହା ବିସିସିଆଇ ଏଯାଏ ପ୍ରକାଶ କରି ନାହିଁ। ସେପ୍ଟେମ୍ବର ୯ରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଥିବାରୁ ଅତିକମ୍‌ରେ ୧୫ ଦିନ ଆଗରୁ ଭାରତୀୟ ଦଳ ଘୋଷଣା କରାଯିବ ବୋଲି ବିଶ୍ୱାସ କରାଯାଉଛି। ପୂର୍ବ ଟୁର୍ଣ୍ଣାମେଣ୍ଟ ଭଳି ଦଳରେ ୧୫ଜଣ ଖେଳାଳି ଓ ଆଉ କିଛି ରିଜର୍ଭ ଖେଳାଳିଙ୍କ ନାମ ଚୟନ କରାଯିବ। କିନ୍ତୁ ଚୟନ କମିଟି କିଛି ଚିନ୍ତା କରିବା ପୂର୍ବରୁ ଭାରତୀୟ ଗଣମାଧ୍ୟମ ବିଭିନ୍ନ ରିପୋର୍ଟ ପ୍ରକାଶ କରି ସମର୍ଥକଙ୍କୁ ସତେଜ କରି ରଖିଛି। ସେହିପରି ସମର୍ଥକମାନେ ମଧ୍ୟ ସାମାଜିକ ଗଣମାଧ୍ୟମରେ ସେମାନଙ୍କ ପସନ୍ଦର ଖେଳାଳିଙ୍କୁ ନେଇ ରିପୋର୍ଟମାନ ପ୍ରକାଶ କରୁଛନ୍ତି। ଏହା ମଧ୍ୟରେ କେଉଁ ଖେଳାଳି ଦଳରେ ସ୍ଥାନ ପାଇବେ କିମ୍ବା ନ ପାଇବେ ତାହାକୁ ନେଇ ସମର୍ଥକଙ୍କ ମନରେ ଆଶଙ୍କା ସୃଷ୍ଟି ହେବା ସ୍ୱାଭାବିକ୍। କିନ୍ତୁ ଚୟନକର୍ତ୍ତା ଯେ ଦୃଢ଼ତାର ସହ ଦଳ ଚୟନ କରିବେ ଏଥିରେ ସନ୍ଦେହର ଅବକାଶ ନାହିଁ।



୨୦୨୫-୨୬ ସିଜନରେ ଭାରତ ଏକାଧିକ ସୀମିତ ଓଭର ସିରିଜ୍ ଓ ଟୁର୍ଣ୍ଣାମେଣ୍ଟ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏଣୁ ଏହି ଲମ୍ବା ସିରିଜ୍‌ରେ ସମସ୍ତ ଖେଳାଳି ଫିଟ୍ ରହିବା ସମ୍ଭବ ନୁହେଁ। ଏଣୁ ଯେଉଁ କେତେକ ଖେଳାଳି ଆଶାୟୀ ଅଛନ୍ତି ସେମାନଙ୍କୁ ଫିଟ୍ ରହିବା ଲାଗି ବିସିସିଆଇ ସମସ୍ତ ପ୍ରକାର ଚେଷ୍ଟା ଚଳାଇଛି। ବର୍ତ୍ତମାନ ଅନ୍‌ଫିଟ୍ ଖେଳାଳିମାନଙ୍କୁ ଫିଟ କରାଇବା ଲାଗି ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ପ୍ରଶିକ୍ଷଣ ଦିଆଯାଉଛି। ଯାହା ଫଳରେ ଭାରତ ଦିନିକିଆ ଓ ଟି-୨୦ ଲାଗି ଅଲଗା ଅଲଗା ଦଳ ଗଠନ କରିବ ବୋଲି ସ୍ପଷ୍ଟ ହୋଇଛି। ଦିନିକିଆ କ୍ରିକେଟ ଫର୍ମାଟରୁ ଅବସର ନେଇ ନ ଥିବା ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ନେଇ ଅଧିକ ଅଡୁଆ ବଢୁଛି। ଏହା ଫଳରେ ଚୟନ କମିଟି କାହାକୁ ଖୁସି କରିବେ ବା କାହାକୁ ଦଳରେ ନେବେ ତାହା କଷ୍ଟକର ବ୍ୟାପାର। ଏବେ ଏସିଆ କପ ଟି-୨୦ ଫର୍ମାଟରେ ଖେଳାଯାଉଥିବାରୁ ଦଳ ଚୟନ କରିବାକୁ ପଡ଼ିବ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଦଳ ଗଠନ କରାଯିବ। କିନ୍ତୁ ସ୍ପୋର୍ଟ୍ସ ହାର୍ଣ୍ଣିଆ ଅସ୍ତ୍ରୋପଚାର ପରେ ସୂର୍ଯ୍ୟକୁମାର ଏଯାଏ ପ୍ରତିଯୋଗିତାମୂଳକ କ୍ରିକେଟ ଖେଳିନାହାନ୍ତି। ଏଣୁ ତାଙ୍କୁ ଏସିଆ କପ୍‌ରେ ସିଧାସଳଖ ସୁଯୋଗ ଦେବାକୁ ଅନେକ ବିରୋଧ କରୁଛନ୍ତି। କିନ୍ତୁ ସେ ଯଦି ଫିଟ୍ ରୁହନ୍ତି ତେବେ ତାଙ୍କୁ ଅଧିନାୟକ ପଦରୁ କେହି ହଟାଇ ପାରିବେ ନାହିଁ। ତାଙ୍କ ନେତୃତ୍ୱରେ ଶ୍ରୀଲଙ୍କା ଗସ୍ତରେ ଶୁବମନ ଗିଲ୍ ଓ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଅକ୍ଷର ପଟେଲ ଉପଅଧିନାୟକ ରହିଥିଲେ। ଗିଲଙ୍କୁ ଯଦି ନେତୃତ୍ୱ ପ୍ରଦାନ କରାଯାଏ ତେବେ ଏଥିରେ ବିଶେଷ କିଛି ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ସେ ତାଙ୍କ ନେତୃତ୍ୱ ନେବାର ଦକ୍ଷତା ପ୍ରଦର୍ଶନ କରିସାରିଛନ୍ତି। ଓପନର ଭାବେ ବିଶ୍ୱର ନଂ-୧ ବ୍ୟାଟର ଅଭିଷେକ ଶର୍ମା ଓ ୱିକେଟରକ୍ଷକ ସଞ୍ଜୁ ସାମସନଙ୍କ ଯୋଡିକୁ ଅଲଗା କରିବାକୁ ଚୟନକର୍ତ୍ତା ଆଦୌ ଚାହିଁବେ ନାହିଁ। ଏପରି ସମୟରେ ଯଶସ୍ୱୀ ଜୟସ୍ୱାଲ, ୱିକେଟରକ୍ଷକ ବ୍ୟାଟର ଲୋକେଶ ରାହୁଲଙ୍କ କଥା ଚାପ ସୃଷ୍ଟି କରିଛି। ଏତେ ସଂଖ୍ୟକ ଖେଳାଳିଙ୍କୁ ଦଳରେ ସ୍ଥାନ ଦେବା ସମ୍ଭବ ନୁହେଁ। ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ ଅଲରାଉଣ୍ଡର ଭୂମିକାରେ ରହିପାରନ୍ତି। ଏସିଆ କପ୍ ଟି-୨୦ ଫର୍ମାଟରେ ଆୟୋଜିତ ହେଉଥିବାରୁ ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ଦଳରେ ନିଆଯାଇପାରେ। ଅର୍ଶଦୀପ ସିଂ ଦ୍ୱିତୀୟ ପସନ୍ଦର ହେବେ। ପ୍ରସିଦ୍ଧ କ୍ରିଷ୍ଣା କିମ୍ବା ହର୍ଷିତ ରାଣାଙ୍କ ମଧ୍ୟରୁ ଜଣେ ତୃତୀୟ ପେସ ବୋଲର ରହିବେ। ଦୁବାଇ ଓ ଶାରଜାରେ ପିଚ୍ ସ୍ପିନରଙ୍କୁ ସହାୟତା କରୁଥିବାରୁ ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କ ମଧ୍ୟରୁ ୩ଜଣ ସ୍ଥାନ ପାଇବା ନିଶ୍ଚିତ। ଅନ୍ୟ ଏକ ସୂଚନା ଅନୁଯାୟୀ ଅଗଷ୍ଟ ୧୯ କିମ୍ବା ୨୦ରେ ଏସିଆ କପ୍ ଲାଗି ଭାରତୀୟ ଦଳ ଚୟନ କରାଯିବ। ଏହା ପୂର୍ବରୁ ଭାରତର ଚୟନ କମିଟି ସବୁ ଦିଗକୁ ବିଚାରକୁ ନେଇ ଦଳ ଚୟନ କରିବେ ବୋଲି ଆଶା କରାଯାଉଛି।

## ୮ ବର୍ଷର ଡେଟିଂ ଓ ୨ ସନ୍ତାନ ପରେ ରୋନାଲ୍ଡୋଙ୍କ ନିର୍ବନ୍ଧ

ଲିସବନ୍, ୧୨।୮ (ଏଜେନ୍ସି): ବିଶ୍ୱର ମହାନ ଫୁଟ୍‌ବଲ ଖେଳାଳି ତଥା ପର୍ତ୍ତୁଗାଲ ଅଧିନାୟକ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ନିର୍ବନ୍ଧ ଅନୁଷ୍ଠିତ ହୋଇଯାଇଛି। ୮ ବର୍ଷର ଲମ୍ବା ଡେଟିଂ ପରେ ୪୦ ବର୍ଷୀୟ ରୋନାଲ୍ଡୋ ବାନ୍ଧବୀ ଜର୍ଜିନା ରୋଡ୍ରିଗ୍ସେଜଙ୍କୁ ନିର୍ବନ୍ଧ ମୁଦି ପିନ୍ଧାଇଛନ୍ତି। ସାମାଜିକ ଗଣମାଧ୍ୟମରେ ଜର୍ଜିନା ନିର୍ବନ୍ଧ ମୁଦି ପିନ୍ଧିଥିବାର ଏକ ଫଟୋ ପୋଷ୍ଟ କରି ଏହି ଖୁସି ଖବରକୁ ରୋନାଲ୍ଡୋଙ୍କ ଅଗଣିତ ପ୍ରଶଂସକଙ୍କୁ ଜଣାଇଛନ୍ତି।



୯ ବର୍ଷ ତଳେ ଲା ଲିଗା ଟୁର୍ଣ୍ଣାମେଣ୍ଟ ଖେଳୁଥିବାବେଳେ ରୋନାଲ୍ଡୋ ଓ ୩୧ ବର୍ଷୀୟା ଜର୍ଜିନାଙ୍କ ମଧ୍ୟରେ ପ୍ରଥମେ ସାକ୍ଷାତ୍ ହୋଇଥିଲା। ଏହାପରଠାରୁ ଉଭୟଙ୍କ ମଧ୍ୟରେ ଡେଟିଂ ଚାଲିଥିଲା ଓ ଏକାଠି ରହୁଥିଲେ। ରୋନାଲ୍ଡୋଙ୍କର ୫ଟି ସନ୍ତାନ ରହିଛନ୍ତି। ଜର୍ଜିନାଙ୍କ ଔରସରୁ ୨ଟି ଓ ସରୋଗେସି ମାଧ୍ୟମରେ ଆଉ ୨ଟି ସନ୍ତାନର ଜନକ ହୋଇଥିଲେ ରୋନାଲ୍ଡୋ। ଏହାବାଦ୍ ପୂର୍ବତନ ବାନ୍ଧବୀଙ୍କ ଔରସରୁ ଏକ ୧୫ ବର୍ଷୀୟ ପୁତ୍ର ସନ୍ତାନ ମଧ୍ୟ ରହିଛି। ସେ ବର୍ତ୍ତମାନ ପର୍ତ୍ତୁଗାଲ ୧୫ ବର୍ଷରୁ କମ୍ ଦଳରୁ ପ୍ରତିନିଧିତ୍ୱ କରୁଛନ୍ତି।

## ସେପ୍ଟେମ୍ବର ପର୍ଯ୍ୟନ୍ତ ସଭାପତି ରହିବେ ବିନ୍ନୀ



ମୁମ୍ବଇ, ୧୨।୮ (ଏଜେନ୍ସି): ଆସନ୍ତା ସେପ୍ଟେମ୍ବରରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଅନୁଷ୍ଠିତ ହେବ। ଏହି ସମୟ ପର୍ଯ୍ୟନ୍ତ ରୋଜର ବିନ୍ନୀ ବିସିସିଆଇର ସଭାପତି ପଦ ବଜାୟ ରଖିବେ। ଗତ ମାସରେ ବିନ୍ନୀ ୭୦ ବର୍ଷରେ ପାଦ ଥାପିଥିଲେ। କିନ୍ତୁ ମଙ୍ଗଳବାର ସଂସଦରେ ବହୁପ୍ରତୀକ୍ଷିତ ନ୍ୟାସନାଲ ସ୍ପୋର୍ଟ୍ସ ବିଲ୍ ପାରିତ ହେବା ପରେ ବିନ୍ନୀ ସଭାପତି ପଦ ବଜାୟ ରଖିବା ସ୍ପଷ୍ଟ ହୋଇଛି। ନୂଆ କ୍ରୀଡ଼ା ବିଲ୍‌ରେ ଦେଶର ଜାତୀୟ କ୍ରୀଡ଼ା ମହାସଂଘର କର୍ମକର୍ତ୍ତାଙ୍କ ଲାଗି ସର୍ବାଧିକ ବୟସ ସୀମା କଟ୍-ଅଫ୍ ୭୫ ବର୍ଷ ରହିଛି। ତେଣୁ ଯଦି ବିସିସିଆଇର ବିଭିନ୍ନ ରାଜ୍ୟ ସଂଘର ସଦସ୍ୟମାନେ ରାଜି ହୁଅନ୍ତି ତେବେ ବିନ୍ନୀ ୭୫ ବର୍ଷ ବୟସ ପର୍ଯ୍ୟନ୍ତ ମଧ୍ୟ ବିସିସିଆଇର ସଭାପତି ପଦରେ ରହିପାରିବେ। ବିସିସିଆଇର ଜନୈକ ଅଧିକାରୀ ଏକ ଖବର ସରବରାହ ସଂସ୍ଥାକୁ ଏହି ସୂଚନା ଦେଇଛନ୍ତି।

● ଦୁଇ ବକ୍ସରଙ୍କ ମୃତ୍ୟୁ ପରେ ଚିନ୍ତା

## ଲଢ଼େଇ ଲାଗି ହେବ କଡ଼ା ନିୟମ

ଟୋକିଓ, ୧୨।୮ (ଏଜେନ୍ସି): ଘରୋଇ ଟୁର୍ଣ୍ଣାମେଣ୍ଟରେ ଲଢ଼େଇ କରି ଆହତ ହେବା ଓ ଚିକିତ୍ସା ଲାଗି ମସ୍ତିଷ୍କ ଅସ୍ତ୍ରୋପଚାର ପରେ ଦୁଇ ଜଣ ବକ୍ସରଙ୍କ ମୃତ୍ୟୁ ପରେ ଜାପାନୀ ବକ୍ସିଂ କର୍ମକର୍ତ୍ତାଙ୍କ ଚିନ୍ତା ବଢ଼ିଯାଇଛି। ଏହା ଫଳରେ ଜାପାନ ବକ୍ସିଂ ଆସୋସିଏସନ, ଜାପାନ ବକ୍ସିଂ କମିଶନ ଓ ଜିମ୍ ମାଲିକଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏବେ ଲଢ଼େଇ ପୂର୍ବରୁ ବକ୍ସରଙ୍କ ଲାଗି କଡ଼ା ନିୟମ ଲାଗୁ କରିବାକୁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରସ୍ତାବିତ ନିୟମ ମଧ୍ୟରେ ରହିଛି ଲଢ଼େଇ ପୂର୍ବରୁ ୟୁରିନ୍ ଟେଷ୍ଟ, ଓଜନ କମାଇଥିବା ପ୍ରତିଯୋଗୀଙ୍କୁ ସୁଯୋଗ ନ ଦେବା, ମେଡିକାଲ ଟେଷ୍ଟକୁ ବାଧ୍ୟତାମୂଳକ କରିବାକୁ ଏହି ବୈଠକରେ ସ୍ଥିର ହୋଇଛି। ଓଜନ କମାଇବା ଫଳରେ ଏହି ଅସୁବିଧା ଆରମ୍ଭ ହୋଇଛି। ଏଣୁ ଡିହାଇଡ୍ରେସନକୁ କିପରି ଏଡାଇଦିଆଯାଇ ପାରିବ ତାହା ଉପରେ ବୈଠକରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିଲା। ନିକଟରେ ଘରୋଇ ବକ୍ସିଂ ଟୁର୍ଣ୍ଣାମେଣ୍ଟରେ ଭାଗନେବା ପୂର୍ବରୁ ପ୍ରତିଯୋଗୀଙ୍କର ମେଡିକାଲ ଟେଷ୍ଟ କରିବା ବାଧ୍ୟତାମୂଳକ କରାଯାଇଛି। ଡିହାଇଡ୍ରେସନ ହୋଇଥିଲେ ସମ୍ପୃକ୍ତ ପ୍ରତିଯୋଗୀଙ୍କୁ ଲଢ଼େଇରୁ ବାସନ୍ଦ କରାଯିବ ବୋଲି ଏହି ବୈଠକରେ ସ୍ଥିର ହୋଇଛି। ସୂଚନାଯୋଗ୍ୟ ନିକଟରେ ଭିନ୍ନ ଭିନ୍ନ ଲଢ଼େଇରେ ଜାପାନର ଦୁଇ ଜଣ ବକ୍ସରଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଫଳରେ ସେମାନଙ୍କ ମସ୍ତିଷ୍କରେ ଅସ୍ତ୍ରୋପଚାର କରାଯାଇଥିଲା। ଏହା ପରେ ଉଭୟ ମୃତ୍ୟୁବରଣ କରିଥିଲେ।

## ଧୋନିଙ୍କ ୧୦୦ କୋଟିର ମାନହାନି ମାମଲା

### ଶୁଣାଣି ଆରମ୍ଭ କରିବାକୁ କୋର୍ଟଙ୍କ ନିର୍ଦ୍ଦେଶ


ଚେନ୍ନଇ, ୧୨।୮ (ଏଜେନ୍ସି): ଦୀର୍ଘ ବର୍ଷର ବ୍ୟବଧାନ ପରେ ମହେନ୍ଦ୍ର ସିଂ ଧୋନିଙ୍କ ଦ୍ୱାରା ଦାୟର ୧୦୦ କୋଟି ଟଙ୍କାର ମାନହାନି ମାମଲାର ଶୁଣାଣି ପାଇଁ ପଥ ଖୋଲିଯାଇଛି।




ବହୁ ଚର୍ଚ୍ଚିତ ୨୦୧୩ ଆଇପିଏଲ୍ ବେଟିଂ ଦୁର୍ନୀତିରେ ତାଙ୍କ ନାମକୁ ଅଯଥାରେ ଟାଣିଥିବାରୁ ଧୋନି ୨ଟି ବଡ଼ ଗଣମାଧ୍ୟମ ଚ୍ୟାନେଲ, ସାମ୍ବାଦିକ ସୁଧୀର ଚୌଧୁରୀ ଓ ଅବସରପ୍ରାପ୍ତ ଆଇପିଏସ୍ ଜି. ସମ୍ପଥ କୁମାରଙ୍କ ନାମରେ ଏହି ମାମଲା ଦାୟର କରିଥିଲେ। ୧୧ ବର୍ଷ ପୂର୍ବେ ଦାୟର ମାନହାନି ମାମଲାର ଶୁଣାଣି କରିବାକୁ ମାଡ୍ରାସ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ସିଭି କାର୍ତ୍ତିକେୟନ ଏହି ମାମଲାରେ ଜଣେ ଆଡଭୋକେଟ ଜେନେରାଲଙ୍କୁ ମଧ୍ୟ ନିଯୁକ୍ତ କରିଛନ୍ତି। ଏହି ମାମଲାରେ ଧୋନିଙ୍କୁ କୋର୍ଟରେ ହାଜର ହେବାକୁ ପଡ଼ିବ ନାହିଁ। ସେ କୋର୍ଟକୁ ଆସିଲେ ଭିଡ଼ ହୋଇପାରେ। ଏହି କାରଣରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ତାଙ୍କର ବୟାନ ରେକର୍ଡ କରାଯିବ। ଏଠାରେ ସ୍ମରଣଯୋଗ୍ୟ, ୨୦୧୩ରେ ଆଇପିଏଲ୍‌ରେ ବହୁଚର୍ଚ୍ଚିତ ସ୍ପଟ୍ ଫିକ୍ସିଂ ଓ ବେଟିଂ ମାମଲା ସାମ୍ନାକୁ ଆସିଥିଲା। ଦ୍ରୁତ ବୋଲର ଏସ୍ ଶ୍ରୀସନ୍ଥଙ୍କ ସମେତ ୩ଜଣ କ୍ରିକେଟର୍ ଦୋଷୀ ସାବ୍ୟସ୍ତ ହୋଇ ବାସନ୍ଦ ହୋଇଥିଲେ। ସେହିଭଳି ଦୁଇ ଫ୍ରାଞ୍ଚାଇଜ ଚେନ୍ନାଇ ସୁପର୍ କିଙ୍ଗ୍‌ସ ଓ ରାଜସ୍ଥାନ ରୟାଲ୍ସ ଦୁଇ ବର୍ଷ ଲାଗି ଆଇପିଏଲ୍‌ରୁ ବାସନ୍ଦ ହୋଇଥିଲେ। ତେବେ ଧୋନି ଅଭିଯୋଗ କରିଥିଲେ, ଆଇପିଏଲ୍ ବେଟିଂ ଦୁର୍ନୀତି ଉପରେ ଏକ ଟିଭି ବିତର୍କ ସମୟରେ ତାଙ୍କ ବିରୁଦ୍ଧରେ ଅପମାନଜନକ ମନ୍ତବ୍ୟ ଦିଆଯାଇଥିଲା। ଯେଉଁଥି ପାଇଁ ତାଙ୍କ ଭାବମୂର୍ତ୍ତୀକୁ କ୍ଷତି ପହଞ୍ଚିଥିଲା।

## ସୋଫିଆ, ଶୁବମନ୍ ଜୁଲାଇର ଶ୍ରେଷ୍ଠ କ୍ରିକେଟର୍

ଦୁବାଇ, ୧୨।୮ (ଏଜେନ୍ସି): ଭାରତୀୟ ଟେଷ୍ଟ ଦଳର ଯୁବ ଅଧିନାୟକ ଶୁବମନ ଗିଲ୍ ଓ ଇଂଲଣ୍ଡର ସୋଫିଆ ଡଙ୍କଲୀ ଜୁଲାଇ ମାସ ଲାଗି ଯଥାକ୍ରମେ ଆଇସିସିର ଶ୍ରେଷ୍ଠ ପୁରୁଷ ଓ ମହିଳା କ୍ରିକେଟର୍ ପୁରସ୍କାର ଜିତିଛନ୍ତି। ନିକଟରେ ୨୫ ବର୍ଷୀୟ ଗିଲ୍ ପ୍ରଥମଥର ଲାଗି ଭାରତୀୟ ଟେଷ୍ଟ ଦଳର ନେତୃତ୍ୱ ନେଇ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ସିରିଜକୁ ୨-୨ରେ ଡ୍ର ରଖିଥିଲେ। ଇଂଲଣ୍ଡ ମାଟିରେ ଖେଳାଯାଇଥିବା ଏହି ୫ ମ୍ୟାଚ୍‌ବିଶିଷ୍ଟ ସିରିଜରେ ମଧ୍ୟ ସେ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରି ୭୫.୪୦ ହାରରେ ୭୫୪ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ୪ଟି ଶତକ ଓ ଗୋଟିଏ ଦ୍ୱିଶତକୀୟ ପାଳି ସାମିଲ ରହିଛି। ଗିଲ୍ ତାଙ୍କ କ୍ୟାରିୟରରେ ୪ର୍ଥ ଥର ଲାଗି 'ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ' ପୁରସ୍କାର ଜିତି ମଧ୍ୟ ରେକର୍ଡ କରିଛନ୍ତି। ବିଶ୍ୱରେ ପ୍ରଥମ ପୁରୁଷ କ୍ରିକେଟର୍ ଭାବେ ସେ ସର୍ବାଧିକ ୪ ଥର ଆଇସିସିର ଏହି ପୁରସ୍କାର ଜିତିଛନ୍ତି। ମହିଳାରେ କିନ୍ତୁ ଅଷ୍ଟ୍ରେଲିଆର ଆସଲେ ଗାର୍ଡନର ଓ ୱେଷ୍ଟଇଣ୍ଡିଜ ଅଧିନାୟିକା ହେଲୀ ମାଥ୍ୟୁସ ୪ ଥର ଲେଖାଏ ଆଇସିସିର ଏହି ପୁରସ୍କାର ପାଇଛନ୍ତି। ଅପରପକ୍ଷରେ ୨୭ ବର୍ଷୀୟା ଡଙ୍କଲୀ ଭାରତ ବିପକ୍ଷ ଟି-୨୦ ସିରିଜରେ ୩୬ ହାରରେ ୧୪୪ ରନ ଓ ଦିନିକିଆରେ ୬୩ ହାରରେ ୨ଟି ମ୍ୟାଚରୁ ୧୨୬ ରନ କରିଥିଲେ। ଯେଉଁଥି ପାଇଁ ସେ ଜୁଲାଇର ଶ୍ରେଷ୍ଠ ମହିଳା କ୍ରିକେଟର୍ ବିବେଚିତ ହୋଇଛନ୍ତି।





## ଇଣ୍ଡିପେଣ୍ଡେନ୍ସ କପ୍ କରାଟେରେ ଓଡ଼ିଶାକୁ ୨୦ ପଦକ

ଭୁବନେଶ୍ୱର, ୧୨।୮ (ସମିସ): ନୂଆଦିଲ୍ଲୀର ତାଲକୋଟ ଇଣ୍ଡୋର ଷ୍ଟାଡିୟମରେ ଅଲ୍ ଇଣ୍ଡିଆ ଇଣ୍ଡିପେଣ୍ଡେନ୍ସ କପ୍ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାରୁ ୨୬ଜଣ ପ୍ରତିଯୋଗୀ ଭାଗନେଇ ମୋଟ୍ ୨୦ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଯେଉଁଥିରେ ୮ ଟି ସ୍ୱର୍ଣ୍ଣ ପଦକ ରହିଥିବାବେଳେ ୨ ରୌପ୍ୟ ଓ ୧୦ କାଂସ୍ୟ ପଦକ ରହିଛି। ରାଜେଶ ମହାପାତ୍ର, ଲୋମା ସ୍ୱାଇଁ, ଅର୍ନାଦିତ୍ୟ ସ୍ୱାଇଁ, ଓର୍ଜା ସାମନ୍ତ, ଡି ଧନୁଷ, ରେୟାଂଶ ଚୌଧୁରୀ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ନିଶାନ ସିଂ ଦୁଇଟି ବର୍ଗରେ ୨ଟି ସ୍ୱର୍ଣ୍ଣ ପଦକ ଜିତି ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଅପରପକ୍ଷରେ ଆର୍ଯ୍ୟବତ ବିଶ୍ୱାଳ ଓ ତ୍ରିଲୋଚନ ରଣା ରୌପ୍ୟ ପଦକ ଏବଂ ଭାରତୀ ବିଶ୍ୱପ୍ରଭା ପତି, ଯୋଗେଶ ବେରିହା, ଆଦିତ୍ୟ ବାରିକ, ବାସୁଦେବ ପଣ୍ଡା, ବିନ୍ଦୁ ଜାନା, ଆର୍ଯ୍ୟା ବଂଶିକା, ଅର୍ନାଦିତ୍ୟା ସ୍ୱାଇଁ, ଓର୍ଜା ସାମନ୍ତ, ରେୟାଂଶ ଚୌଧୁରୀ ଓ ଡି ଧନୁଷ କାଂସ୍ୟ ସଫଳତା ପାଇଥିଲେ।




### ୧୯ ୯ ୭ ଦିନ ପରେ ଅଷ୍ଟ୍ରେଲିଆକୁ ହରାଇଲା ଦକ୍ଷିଣ ଆଫ୍ରିକା

## ୪୧ ବଲ୍‌ରେ ବ୍ରେଭିସ୍‌ଙ୍କ ଶତକ

ଡାରୱିନ୍, ୧୨।୮ (ଏଜେନ୍ସି): ଯୁବ ବ୍ୟାଟର ଡିୱାଲ୍ଡ ବ୍ରେଭିସ୍‌ଙ୍କ ବିସ୍ଫୋରକ ଶତକ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମୁକାବିଲାରେ ଦକ୍ଷିଣ ଆଫ୍ରିକା ୫୩ ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି। ପୂର୍ବରୁ ପ୍ରଥମ ଟି-୨୦କୁ ଅଷ୍ଟ୍ରେଲିଆ ୧୭ ରନ୍‌ରେ ଜିତିଥିଲା। ଶନିବାର ତୃତୀୟ ତଥା ନିର୍ଣ୍ଣାୟକ ମୁକାବିଲା ଅନୁଷ୍ଠିତ ହେବ। ମାତ୍ର ୪୧ ବଲ୍‌ରେ ଶତକ ଓ ୫୬ ବଲ୍‌ରେ ୧୨ ଚୌକା ଓ ୮ ଛକା ସହ ଅପରାଜିତ ୧୨୫ ରନ୍ କରିଥିବା ବ୍ରେଭିସ୍ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଦ୍ୱିତୀୟ ଟି-୨୦ରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୭ ୱିକେଟରେ ୨୧୮ ରନ୍ କରିଥିଲା। ଦଳ ପକ୍ଷରୁ ବ୍ରେଭିସ୍‌ଙ୍କ ଶତକ ବ୍ୟତୀତ ଟ୍ରିଷ୍ଟାନ ଷ୍ଟବ୍ସ ଦ୍ୱିତୀୟ ସର୍ବାଧିକ ୩୧ ରନ୍ କରିଥିଲେ। ଘରୋଇ ଦଳର ଗ୍ଲେନ୍ ମ୍ୟାକ୍ସୱେଲ ଓ ବେନ୍ ଡ୍ୱାରଶୁଇସ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଅଷ୍ଟ୍ରେଲିଆ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୭.୪ ଓଭରରେ ୧୬୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ଟିମ୍ ଡେଭିଡ୍ ସର୍ବାଧିକ ୫୦, ଆଲେକ୍ସ କ୍ୟାରୀ ୨୬ ଓ ଅଧିନାୟକ ମିଚେଲ ମାର୍ଶ ୨୨ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ୧୯ ବର୍ଷୀୟ ଫାଷ୍ଟ ବୋଲର କ୍ୱେନା ମାପାକା ଓ ଅଲରାଉଣ୍ଡର କର୍ବିନ ବୋଶ ୩ଟି ଲେଖାଏଁ ୱିକେଟ ନେଇ ଦଳକୁ ସହଜ ବିଜୟ ଭେଟିଦେଇଥିଲେ। ଏଥିସହ ଦକ୍ଷିଣ ଆଫ୍ରିକା ୧୯୯୭ ଦିନ ପରେ ଏକ ଟି-୨୦ ମ୍ୟାଚରେ ଅଷ୍ଟ୍ରେଲିଆକୁ ମାତ୍ ଦେଇଛି। ଶେଷଥର ଲାଗି ୨୩ ଫେବୃଆରୀ ୨୦୨୦ରେ ଅଷ୍ଟ୍ରେଲିଆକୁ ହରାଇଥିଲା ଦକ୍ଷିଣ ଆଫ୍ରିକା। ଏହି ୫ ବର୍ଷ ମଧ୍ୟରେ ଦୁଇ ଦେଶ ମଧ୍ୟରେ ୬ଟି ଟି-୨୦ ଖେଳାଯାଇଥିବାବେଳେ ସମସ୍ତଥର ଅଷ୍ଟ୍ରେଲିଆ ବାଜିମାତ୍ କରିନେଇଥିଲା।




## ଘରୋଇ ସିଜନ ପୂର୍ବରୁ ଖେଳାଳିଙ୍କ ଫିଟ୍‌ନେସ୍ ଟେଷ୍ଟ

ବେଙ୍ଗାଲୁରୁ,୧୨।୮ (ଏଜେନ୍ସି): ଘରୋଇ କ୍ରିକେଟ୍ ପୂର୍ବରୁ ଭାରତୀୟ ଖେଳାଳିଙ୍କୁ ଫିଟ୍ ରଖିବା ଲାଗି ବିସିସିଆଇ ପକ୍ଷରୁ ସମସ୍ତ ପ୍ରକାର ଚେଷ୍ଟା ଅବ୍ୟାହତ ରହିଛି। ଯେଉଁ ଖେଳାଳିମାନେ ଆହତ ହୋଇଛନ୍ତି କିମ୍ବା ଆହତ ପରେ ଫିଟ୍‌ନେସ ଲାଗି ସଂଘର୍ଷ କରୁଛନ୍ତି ସେମାନଙ୍କୁ ବେଙ୍ଗାଲୁରୁର ସେଣ୍ଟର ଫର ଏକ୍ସିଲେନ୍ସିରେ ଫିଟନେସ୍ ପରୀକ୍ଷା ଦେବାକୁ ଡକାଯାଇଛି। ସେଠାରେ ନିୟମିତ ଫିଟ୍‌ନେସ୍ ଟେଷ୍ଟ କରାଯାଇ ପରବର୍ତ୍ତୀ ମୁକାବିଲା ଲାଗି ଫିଟ୍ ରଖାଯାଉଥିବା ଜଣାଯାଉଛି। ନିକଟରେ ଭାରତର ୱିକେଟରକ୍ଷକ ବ୍ୟାଟର ଇଶାନ କିସାନ ଓ ଅଲରାଉଣ୍ଡର ରିୟାନ ପରାଗଙ୍କୁ ଫିଟନେସ ପରୀକ୍ଷା ଲାଗି ଏଠାରେ ଥିବା ସେଣ୍ଟର ଫର ଏକ୍ସିଲେନ୍ସିକୁ ଡକାଯାଇଛି। ଅଗଷ୍ଟ ୨୮ରୁ ଆରମ୍ଭ ହେବାକୁ ଥିବା ଦୁଲୀପ ଟ୍ରଫିରେ କିସାନ ପୂର୍ବାଞ୍ଚଳର ନେତୃତ୍ୱ ନେବେ। ଏହି ଦଳରେ ଅନ୍ୟତମ ସଦସ୍ୟ ଭାବେ ପରାଗ ଖେଳିବେ।

ନିକଟରେ ସ୍କୁଟିରୁ ପଡ଼ିଯାଇ ଆହତ ହୋଇଥିବା କିସାନ ଭାରତ ଲାଗି ୨ ଟେଷ୍ଟ, ୨୭ ଦିନିକିଆ ଓ ୩୨ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ଆହତ ହେବା ଫଳରେ ସେ ଇଂଲଣ୍ଡକୁ ରିଜର୍ଭ ୱିକେଟରକ୍ଷକ ଭାବେ ଯାଇପାରିଲେ ନାହିଁ। ଟେଷ୍ଟ ଦଳର ୱିକେଟରକ୍ଷକ ରଷଭ ପନ୍ତ୍ ଆହତ ହୋଇ ୫ମ ଟେଷ୍ଟରୁ ବାଦ୍ ପଡ଼ିଥିଲେ। ଫଳରେ ତାଙ୍କ ସ୍ଥାନରେ ତାମିଲନାଡୁର ଏନ୍ ଜଗଦୀଶନଙ୍କୁ ସାମିଲ କରାଯାଇଥିଲା। ସ୍କୁଟିରୁ ପଡ଼ି ଆହତ ହେବା ପରେ କିସାନଙ୍କର ଫିଟ୍‌ନେସ ପରୀକ୍ଷା କରାଯାଇ ନଥିଲା। ଆଇପିଏଲ୍ ଖେଳିଲାବେଳେ ମଧ୍ୟ ପରାଗ ପୂରା ଫିଟ୍ ଥିଲାପରି ଖେଳି ନ ଥିଲେ। ଏଣୁ ସେମାନେ କେତେ ଫିଟ୍ ଅଛନ୍ତି, ତାହା ଜାଣିବା ସକାଶେ ଏହି ପରୀକ୍ଷା କରାଯାଉଛି। ଏହା ପୂର୍ବରୁ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ଟି-୨୦ ଓପନର ଅଭିଷେକ ଶର୍ମା ଏବେ ସେଣ୍ଟର ଅଫ ଏକ୍ସିଲେନ୍ସିରେ ଅଛନ୍ତି। ପୂର୍ବରୁ ଶ୍ରେୟସ ଆୟର ମଧ୍ୟ ଫିଟ୍‌ନେସ ପରୀକ୍ଷା ଦେବାକୁ ଆସିଥିଲେ। ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସ୍ପୋର୍ଟ୍ସ ହାର୍ଣ୍ଣିଆ ଅସ୍ତ୍ରୋପଚାର ପରେ ଫିଟ୍ ହେବାକୁ ଏଠାରେ ଦୀର୍ଘ ସମୟ ରହିଛନ୍ତି। ଏବେ ସେ ବ୍ୟାଟିଂ ଅଭ୍ୟାସ ଆରମ୍ଭ କରିଛନ୍ତି।

ଇଂଲଣ୍ଡରେ ୫ ମ୍ୟାଚ୍ ଟେଷ୍ଟ ସିରିଜ୍ ଶେଷ ପରେ ଭାରତର ଅନ୍ତର୍ଜାତୀୟ କ୍ରିକେଟ ଏସିଆ କପ୍‌ରୁ ଆରମ୍ଭ ହେବ। ଏଥର ଟି-୨୦ ଫର୍ମାଟରେ ଏସିଆ କପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୯ରୁ ଆରମ୍ଭ ହୋଇ ୨୮ରେ ଶେଷ ହେବ। ୨୦୨୫-୨୬ରେ ଭାରତର ଅନେକ ସୀମିତ ଓଭର କ୍ରିକେଟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏସିଆ କପ ପରେ ଅକ୍ଟୋବରରେ ୩ ଦିନିକିଆ ଓ ୫ ଟି-୨୦ ମ୍ୟାଚ୍ ଖେଳିବାକୁ ଭାରତୀୟ ଦଳ ଅଷ୍ଟ୍ରେଲିଆ ଯିବ। ଏହା ପରେ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ସହ ମଧ୍ୟ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ ଖେଳିବ। ଏହି ସିରିଜ୍ ଡିସେମ୍ବରରେ ଖେଳାଯିବ। ଏହା ପରେ ୨୦୨୬ ଜାନୁଆରୀରେ ନ୍ୟୁଜିଲାଣ୍ଡ ଦଳ ଭାରତ ଗସ୍ତରେ ଆସିବ ଓ ସମାନ ୩ଟି ଲେଖାଏଁ ଦିନିକିଆ ଓ ୫ଟି ଲେଖାଏଁ ଟି-୨୦ ମ୍ୟାଚ୍ ଖେଳିବ। ଏହା ପରେ ଭାରତ ଓ ଶ୍ରୀଲଙ୍କାରେ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ଫେବୃଆରୀ ମାର୍ଚ୍ଚରେ ଅନୁଷ୍ଠିତ ହେବ। ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଫିଟ୍ ହେଉଥିବା ସମସ୍ତ ଖେଳାଳି ଭାରତୀୟ ସୀମିତ ଓଭର ଟିମ୍‌ରେ ଖେଳିବାର ସମ୍ଭାବନା ରହିଛି। ଏଣୁ ସେମାନଙ୍କୁ ବିସିସିଆଇ ଫିଟ୍ ରଖିବାକୁ ଉଦ୍ୟମ ଅବ୍ୟାହତ ରଖିଛି।

**୨୦୨୫-୨୬ରେ ଭାରତର ସୀମିତ ଓଭର ଖେଳସୂଚୀ**

| ପ୍ରତିଦ୍ୱନ୍ଦ୍ୱୀ | ଦିନିକିଆ | ଟି-୨୦ | ଟୁର୍ଣ୍ଣାମେଣ୍ଟ | ଭେନ୍ୟୁ | ମାସ |
|---|---|---|---|---|---|
| ଏକାଧିକ | — | ୩** | ଏସିଆ କପ୍ | ୟୁଏଇ | ସେପ୍ଟେମ୍ବର |
| ଅଷ୍ଟ୍ରେଲିଆ | ୩ | ୫ | ଦ୍ୱିପାକ୍ଷିକ ସିରିଜ୍ | ଅଷ୍ଟ୍ରେଲିଆ | ଅକ୍ଟୋବର-ନଭେମ୍ବର |
| ଦ. ଆଫ୍ରିକା | ୩ | ୫ | ଦ୍ୱିପାକ୍ଷିକ ସିରିଜ୍ | ଭାରତ | ଡିସେମ୍ବର |
| ନ୍ୟୁଜିଲାଣ୍ଡ | ୩ | ୫ | ଦ୍ୱିପାକ୍ଷିକ ସିରିଜ୍ | ଭାରତ | ଜାନୁଆରୀ-୨୬ |
| ଏକାଧିକ | — | ୪*** | ଟି-୨୦ ବିଶ୍ୱକପ୍ | ଭାରତ-ଶ୍ରୀଲଙ୍କା | ଫେବୃଆରୀ-ମାର୍ଚ୍ଚ |

ବିଦ୍ର: ** : ଏସିଆ କପ୍‌ରେ ପ୍ରଥମେ ୩ଟି ଲିଗ୍ ମ୍ୟାଚ୍ ଖେଳିବ। ପରବର୍ତ୍ତୀ ରାଉଣ୍ଡକୁ ଉନ୍ନିତ ହେଲେ ଆଉ ୧ଟି କିମ୍ବା ୨ଟି ମ୍ୟାଚ୍ ଖେଳିପାରିବ।

ବିଦ୍ର: ***: ଏସିଆ କପ୍‌ର ୩ଟି ଲିଗ୍ ମ୍ୟାଚ୍ ଖେଳାଯିବ। ଭାରତ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହେଲେ ସୁପର-୮ ରେ ଆଉ ୩ଟି ଓ ଫାଇନାଲକୁ ଗଲେ ଆଉ ୨ଟି ମ୍ୟାଚ୍ ଖେଳିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS